


ବିରାଟଙ୍କ କ୍ରମାଗତ ଶତକ
▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in


# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-158 ◆THURSDAY ◆4 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୫୮ ◆ଗୁରୁବାର ◆୪ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ଭାରତ ସହ ପ୍ରତିରକ୍ଷା ଚୁକ୍ତିକୁ ରୁଷ୍ ସଂସଦର ଅନୁମୋଦନ

# ସାମରିକ ଘାଟି ଉଭୟଙ୍କୁ ଖୋଲା



ଆଜି ଆସୁଛନ୍ତି ପୁଟିନ

■ ମସ୍କୋ, ୩।୧୨ (ଏଜେନ୍ସି): ଆସନ୍ତାକାଲି ଭାରତର ଦୁଇ ଦନିଆ ଗସ୍ତରେ ଆସୁଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ। ଏହି ଅବସରରେ ଭାରତ ଓ ରୁଷ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହେବାକୁ ଯାଉଛି। ଏଥିମଧ୍ୟରେ ରହିଛି ପାରସ୍ପରିକ ସାମରିକ ଘାଟି ବ୍ୟବହାର ପାଇଁ ଅନୁମତି। ଏହି ଚୁକ୍ତି କର୍ଯ୍ୟକାରୀ ହେଲେ ଉଭୟ ଭାରତ ଏବଂ ରୁଷିଆ ପରସ୍ପରର ସାମରିକ ଘାଟି ଲଜିଷ୍ଟିକ ସେବା ପାଇଁ ବ୍ୟବହାର କରିପାରିବେ। ଦୁଇ ଦେଶ ପରସ୍ପରର ସାମରିକ ଘାଟି ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ, ସମ୍ବଳକୁ ମଧ୍ୟ ବ୍ୟବହାର କରିପାରିବେ। ଏଥିରେ ବନ୍ଦର ଏବଂ ଅନ୍ୟ ସାମରିକ ଭିତ୍ତିଭୂମି ରହିଛି। ଏସଂକ୍ରାନ୍ତ ପ୍ରସ୍ତାବକୁ ରୁଷ ସଂସଦ 'ଡୁମା' ମଞ୍ଜୁରୀ ପ୍ରଦାନ କରିଛି।

ଚଳିତ ବର୍ଷ ଫେବୃଆରୀ ୧୮ରେ ଏହି ଚୁକ୍ତି ପାଇଁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥିଲା। ଗତ ସପ୍ତାହରେ ରୁଷିଆ ପ୍ରଧାନମନ୍ତ୍ରୀ ମିଖାଇଲ୍ ମିସୁଷ୍ଟିନ୍ ମଞ୍ଜୁରୀ ପାଇଁ ଏହାକୁ ସଂସଦକୁ ପଠାଇଥିଲେ। ଏହି ଚୁକ୍ତି ଦ୍ୱାରା ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ଓ ସାମରିକ ଚୁକ୍ତି ଆହୁରି ଦୃଢ଼ ହେବ ବୋଲି ରୁଷିଆ ସଂସଦ ବାଚସ୍ପତି ଭ୍ୟାଚେସ୍ଲାଭ ଭୋଲୋଡିନ କହିଛନ୍ତି। ସାମରିକ ଦୃଷ୍ଟିକୋଣରୁ ଏହି ଚୁକ୍ତି ବିଶେଷ ମହତ୍ତ୍ୱ ରଖୁଛି। ଏସଂପର୍କରେ ଜଣେ ଭାରତୀୟ ଅଧିକାରୀ କହିଛନ୍ତି ଯେ ଏହି ଚୁକ୍ତି ଦୁଇ ଦେଶ ମଧ୍ୟରେ ଐତିହାସିକ ହେବ। ଉଭୟ ଦେଶ ପରସ୍ପରର ସାମରିକ ▶ପୃଷ୍ଠା-୭

## ରସାତଳକୁ ଗଲା ଟଙ୍କା
# ୧ ଡଲାର = ୯୦.୧୩ ଟଙ୍କା

■ ମୁମ୍ବଇ, ୩।୧୨ (ଏଜେନ୍ସି): ଦୁର୍ବଳ ହେବାରେ ଲାଗିଛି ଭାରତୀୟ ମୁଦ୍ରା 'ଟଙ୍କା'। ବୁଧବାର ଟଙ୍କା ମୂଲ୍ୟ ରେକର୍ଡ ସର୍ବନିମ୍ନ ୯୦ ଟଙ୍କା ସ୍ତରକୁ ଖସିଆସିଛି। ଆମେରିକୀୟ ଡଲାର ମଜବୁତ ହେବାର ପ୍ରଭାବରେ ଟଙ୍କା ମୂଲ୍ୟରେ ଏଭଳି ଐତିହାସିକ ହ୍ରାସ ଘଟିଛି। ଫଳରେ ଚାପଗ୍ରସ୍ତ ହୋଇଛି ଘରୋଇ ମୁଦ୍ରା। ଭାରତୀୟ ମୁଦ୍ରା ଇତିହାସରେ ପ୍ରଥମ ଥର ପାଇଁ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୯୦ ଟଙ୍କା ସ୍ତର ଅତିକ୍ରମ କରିଛି।

ଟଙ୍କା ଉପରେ ବଢୁଥିବା ଚାପ ପଛରେ ଅନେକ କାରଣ ରହିଛି। ଯେପରିକି ଡଲାର ଚାହିଦାରେ ବୃଦ୍ଧି ଓ ବିଶ୍ୱରେ ରାଜନୈତିକ-ଅର୍ଥନୈତିକ ଅନିଶ୍ଚିତତା। ବିଗତ କିଛି ଦିନ ହେବ ବୈଦେଶିକ ମୁଦ୍ରା ବିନିମୟ ବଜାରରେ



ଟଙ୍କା ମୂଲ୍ୟରେ ହ୍ରାସ ଧାରା ଜାରି ରହିଛି। ଆଜି ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୯ ପଇସା ହ୍ରାସ ଘଟି ଏହା ୯୦.୧୩ ▶ପୃଷ୍ଠା-୭

# ବଢ଼ିବନି ସର୍ବନିମ୍ନ ଇପିଏଫ୍ ପେନ୍ସନ୍

■ ନୂଆଦିଲ୍ଲୀ, ୩।୧୨ (ଏଜେନ୍ସି): ଇପିଏଫ୍ କର୍ମଚାରୀ ଓ ପେନ୍ସନ୍‌ଭୋଗୀଙ୍କୁ ଲାଗିଛି ବଡ଼ ଝଟ୍‌କା। କାରଣ ଆଉ ବଢ଼ିବନି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ସଦସ୍ୟଙ୍କ ସର୍ବନିମ୍ନ ପେନ୍ସନ୍। କେବଳ ଏତିକି ନୁହେଁ ପେନ୍ସନ୍‌ଭୋଗୀଙ୍କୁ ମିଳିବନି ମହଙ୍ଗା ଭତ୍ତା (ଡିଏ) ବୃଦ୍ଧିର ଲାଭ। ଅର୍ଥାତ୍ ଏଣିକି ଡିଏ ବୃଦ୍ଧି ଆଧାରରେ ବଢ଼ିବନି ପେନ୍ସନ୍ ଭୋଗୀଙ୍କ ମହଙ୍ଗା ଆଶ୍ୱସ୍ତି (ଡିଆର୍)। ଆଶା କରାଯାଉଥିଲା ଯେ ସରକାର କର୍ମଚାରୀ ପେନସନ ଯୋଜନା ୧୯୯୫ (ଇପିଏସ୍-୯୫) ଅନ୍ତର୍ଗତ ସ୍ୱଳ୍ପ ପେନ୍ସନ୍ ପରିମାଣକୁ ଏକ ସମ୍ମାନଜନକ ସ୍ତରକୁ ବୃଦ୍ଧି କରିବେ। ସର୍ବନିମ୍ନ ଇପିଏଫ୍ ପେନ୍ସନ ବର୍ତ୍ତମାନର ୧୦୦୦ ରୁ ୭୫୦୦ ଟଙ୍କାକୁ ବୃଦ୍ଧି

EPFO

**ବୃଦ୍ଧି ହେବନି ପେନ୍ସନ୍ ଭୋଗୀଙ୍କ ଡିଆର୍**

**ସଂସଦରେ ସଫା ସଫା ମନା କଲେ ମନ୍ତ୍ରୀ**

ହେବା ନେଇ ବେଶ ଚର୍ଚ୍ଚା ହେଉଥିଲା। କେତେକ ଗଣମାଧ୍ୟମ ରିପୋର୍ଟରେ ଗତ ଅକ୍ଟୋବର ମାସର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ▶ପୃଷ୍ଠା-୭

# ଓଡ଼ିଶାକୁ ବହୁମୂଲ୍ୟ ଦେବାକୁ ପଡ଼ିବ: ମହୁଆ

## ପୁଲିସ ଡିଜି, ନୟାଗଡ଼ ଏସ୍‌ପିଙ୍କୁ ଚେତାବନୀ

■ ଭୁବନେଶ୍ୱର, ୩।୧୨ (ସମିସ): ବାଂଲାଦେଶୀ, ରୋହିଙ୍ଗ୍ୟାଙ୍କ ନାମରେ ପଶ୍ଚିମବଙ୍ଗ ବାସିନ୍ଦାଙ୍କୁ ଓଡ଼ିଶା ପୁଲିସ ଅଟକ ରଖୁଛି। ବଙ୍ଗଳାରେ କଥାବାର୍ତ୍ତା କରୁଥିବା ଲୋକଙ୍କୁ ଓଡ଼ିଶା ପୁଲିସ ଉଠାଇ ନେଉଛି। କେବଳ ବଙ୍ଗାଳୀ ହୋଇଥିବାରୁ ସେମାନଙ୍କୁ ତଡ଼ାଯାଇଛି। ଭିଡ଼ତନ୍ତ୍ରର ଏଭଳି ଏଜେଣ୍ଡାକୁ ପୁଲିସ ଦମନ କରିବା ବଦଳରେ ଅଧିକ ହାୱା ଦେଉଛି। ଏହା ଠିକ୍ ନୁହେଁ। ଓଡ଼ିଶାକୁ ଏହାର ମୂଲ୍ୟ ଦେବାକୁ ପଡ଼ିବ। ତୁମେ ବେଙ୍ଗାଳୀଙ୍କ ସହ ଯାହା କରୁଛ ଆମ ସରକାର ଓଡ଼ିଆଙ୍କ ସହ ଏଠାରେ ସେମିତି କଲେ ସ୍ଥିତି ବିଗିଡ଼ିଯିବ ବୋଲି ଓଡ଼ିଶାକୁ ଚେତାବନୀ ଦେଇଛନ୍ତି ଟିଏମ୍‌ସି ସାଂସଦ ମହୁଆ ମୋଇତ୍ର। ନୟାଗଡ଼ର ଏକ ଘଟଣାକୁ ନେଇ ଓଡ଼ିଶାର ପୁଲିସ ଡିଜି ଓ ନୟାଗଡ଼ ଏସ୍‌ପିଙ୍କୁ ଶ୍ରୀମତୀ ▶ପୃଷ୍ଠା-୭

# ୩ଟି ପର୍ଯ୍ୟାୟରେ ଯୁକ୍ତ ଦୁଇ ପରୀକ୍ଷା

■ ଭୁବନେଶ୍ୱର, ୩।୧୨ (ସମିସ): ଚଳିତ ଶିକ୍ଷାବର୍ଷର ଯୁକ୍ତ ଦୁଇ ପରୀକ୍ଷା ପାଇଁ ଆଜି ତାରିଖ ସୂଚୀ ପ୍ରକାଶ ପାଇଛି। ଚଳିତବର୍ଷର ୩ଟି ପର୍ଯ୍ୟାୟରେ +୨ ପରୀକ୍ଷା ହେବ। ଇଣ୍ଟରନାଲ ଆସେସ୍‌ମେଣ୍ଟ ଓ ପ୍ରୋଜେକ୍ଟ ମୂଲ୍ୟାଙ୍କନ ଡିସେମ୍ବର ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ହେବ। ଜାନୁଆରୀ ୨ରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ୧୫ ତାରିଖରେ ସରିବ। ଫେବୃଆରୀ ୧୮ ତାରିଖରୁ ଲିଖିତ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨୧ ତାରିଖରେ ସରିବ। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବର୍ଗରେ ମୋଟ୍ ୨୨ ▶ପୃଷ୍ଠା-୭

**ଡିସେମ୍ବର ୨୨ରୁ ଇଣ୍ଟରନାଲ୍, ଜାନୁଆରୀରୁ ପ୍ରାକ୍ଟିକାଲ ଏବଂ ଫେବୃଆରୀ ୧୮ରୁ ଲିଖିତ ପରୀକ୍ଷା**

# ଧାନ କିଣା ଆରମ୍ଭରୁ ବିଭ୍ରାଟ

## ବିଧାନସଭାରେ ସରକାରଙ୍କୁ ଘେରିଲେ ବିଜେଡି-କଂଗ୍ରେସ



**ମନଇଚ୍ଛା କଟ୍‌ନୀଛଟ୍‌ନୀ ନେଇ ବିରୋଧୀଙ୍କ ସନ୍ଦେହ**

**ଗତ ଖରିଫରେ ରେକର୍ଡ ପରିମାଣର ଧାନ ସଂଗ୍ରହ ହୋଇଛି: ଶାସକ**

■ ଭୁବନେଶ୍ୱର, ୩।୧୨ (ସମିସ): ଘାରେ ନ ପଶୁଣୁ ଚାଳ ବାଜିବା ପରି ଧାନ କିଣା ଆରମ୍ଭରୁ ଦେଖାଦେଇଛି ବିଭ୍ରାଟ। ପ୍ରାୟ ମାସେ ବିଳମ୍ବରେ ପଶ୍ଚିମ ଓଡ଼ିଶାରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଛି। ବିଳମ୍ବ ପ୍ରକ୍ରିୟା କାରଣରୁ ଚାଷୀ ଅଭାବୀ ବିକ୍ରିର ମଧ୍ୟ ଶିକାର ହେଲେଣି। ସରକାର ମିଲରଙ୍କର ଷ୍ଟକ ଯାଞ୍ଚ କରିନାହାନ୍ତି। ସବୁ ଆଡେ ଗ୍ରେନ ଆନାଲାଇଜର ମେସିନ ପହଞ୍ଚି ନାହିଁ। ଯେଉଁଠି ମେସିନ ନାହିଁ ସେଠାରେ ପୂର୍ବବର୍ଷ ପରି ମନଇଚ୍ଛା କଟନୀ ଛଟନୀ ହେବାର ଆଶଙ୍କା ଦେଖା ଦେଲାଣି। ଖରିଫ୍ ଧାନ କିଣା ପ୍ରକ୍ରିୟାକୁ ନେଇ ବୁଧବାର ବିଧାନସଭାରେ ଏମିତି ସନ୍ଦେହ ବ୍ୟକ୍ତ କରିଛନ୍ତି ବିରୋଧୀ। କେନ୍ଦ୍ର ସରକାରଙ୍କ ଘୋଷିତ ଏମଏସପି ୨୩୬୯ ଏବଂ ରାଜ୍ୟ ସରକାରଙ୍କ ଇନପୁଟ ସବସିଡି ୮୦୦ ଟଙ୍କାକୁ ମିଶାଇ ମୋଟ ୩୧୬୯ ଟଙ୍କା ସରକାର ଦେବେ କି ନାହିଁ ସିଧାସଳଖ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଶାସକ ଦଳ ବିଧାୟକମାନେ ବିରୋଧୀଙ୍କ ଅଭିଯୋଗ ଅମୂଳକ କହିବା ସହ ନୂଆ ସରକାର ଆସିବା ପରେ କଟନୀ ଛଟନୀ କମିଛି ବୋଲି ଯୁକ୍ତି ବାଢ଼ିଛନ୍ତି।

ମୁଲତବୀ ଆଲୋଚନା ଆରମ୍ଭ କରି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଲେ ଯେ ପଶ୍ଚିମ ଓଡ଼ିଶାରେ ଡିସେମ୍ବର ପ୍ରଥମ ସପ୍ତାହରୁ ଧାନ ସଂଗ୍ରହ ପ୍ରକ୍ରିୟା ସବୁଥର ଆରମ୍ଭ ହୁଏ। ମାତ୍ର ଚଳିତ ଥର ଏଥିରେ ପ୍ରାୟ ମାସେ ବିଳମ୍ବ ଘଟିଛି। ଧନ ଅମଳ ପରେ ଚାଷୀ ନିଜ ପାଖରେ ଧାନ ରଖିପାରେ ନାହିଁ। ସେଥିପାଇଁ ଚାଷୀ ଅଭାବୀ ବିକ୍ରି ଆରମ୍ଭ କଲେଣି। ଧାନ କିଣା ଆରମ୍ଭରେ କାହିଁକି ବିଳମ୍ବ ହେଲା ସରକାର ତାହାର ଉତ୍ତର ରଖିବାର ଆବଶ୍ୟକତା ରହିଛି। ବରଗଡ଼ରେ ପ୍ରାୟ ୫୦୦୦ ଚାଷୀ ପଞ୍ଜୀକରଣ କରିପାରି ନାହାନ୍ତି। ସେମାନେ କେଉଁଠାରେ ଧାନ ବିକିବେ ? ▶ପୃଷ୍ଠା-୭


# ୩୧୬୯ ନୁହେଁ; ସରକାର ଦେବେ ୩୧୦୦ ଟଙ୍କା: ମନ୍ତ୍ରୀ

■ ଭୁବନେଶ୍ୱର, ୩।୧୨ (ସମିସ): କେନ୍ଦ୍ର ସରକାର ଚଳିତ ଖରିଫରେ କ୍ୱିଣ୍ଟାଲ ପିଛା ୬୯ ଟଙ୍କା ଅଧିକ ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ଘୋଷଣା କରିଥିଲେ। ସେହି ଅନୁଯାୟୀ ଏମଏସପି ୨୩୬୯ ଟଙ୍କା ଏବଂ ଇନପୁଟ ସବସିଡି ବାବଦକୁ ୮୦୦ ଟଙ୍କା ମିଶାଇ ଚାଷୀ କ୍ୱିଣ୍ଟାଲ ପିଛା ୩୧୬୯ ଟଙ୍କା ପାଇବା ନେଇ ସମ୍ଭାବନା ଦେଖା ଦେଇଥିଲା। ତେବେ ଚଳିତ ଖରିଫ ଋତୁରେ ରାଜ୍ୟ ସରକାର ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରିବେ ବୋଲି ଆଜି ବିଧାନସଭାରେ ସ୍ପଷ୍ଟ କରିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ବିରୋଧୀଙ୍କ ପକ୍ଷରୁ ଆଗତ ମୁଲତବୀ ଆଲୋଚନାରେ ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ଚଳିତ ଖରିଫରେ ୧୯ ଜୁଲାଇ ୨୦୨୫ରୁ ୧୯ ଅଗଷ୍ଟ ୨୦୨୫ ଯାଏଁ ଚାଷୀ ପଞ୍ଜୀକରଣ ଧାର୍ଯ୍ୟ ହୋଇଥିଲା। ▶ପୃଷ୍ଠା-୭

# ଶୀତ ସହ ବଢ଼ିବ କୁହୁଡ଼ି

■ ଭୁବନେଶ୍ୱର, ୩।୧୨ (ସମିସ): ରାଜ୍ୟରେ ପୁଣି ତାପମାତ୍ରା ହ୍ରାସ ପାଇବ। ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ପାରଦ ଖସିବ। ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ତାମିଲନାଡୁ ଓ ପୁଡୁଚେରୀ ଉପକୂଳରେ ସୃଷ୍ଟି ହୋଇଥିବା ବାତ୍ୟା ଦୁର୍ବଳ ହୋଇ ସଦୃଶ ଲଘୁଚାପରେ ପରିଣତ ହୋଇଛି। ଏହା ଦୁର୍ବଳ ହେବା ପରେ ପୁଣି ଥରେ ରାଜ୍ୟକୁ ଉତ୍ତର ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହ ଆରମ୍ଭ ହୋଇଛି। ଏହା ଫଳରେ ରାଜ୍ୟର ଅନେକ ସ୍ଥାନରେ ଶୀତ ବଢ଼ିବା ନେଇ ଆକଳନ କରାଯାଉଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ, ସାରା ରାଜ୍ୟରେ ବୁଧବାର ରାତିଠାରୁ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବ। ଆସନ୍ତା ଶନିବାର ରାତି ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ଜାରି ରହିବ। ଏହି ୪ ଦିନରେ ପାରଦ ପ୍ରାୟ ୪ ଡିଗ୍ରୀ କମିବାର ସମ୍ଭାବନା ରହିଛି। ୭ ତାରିଖ ଅର୍ଥାତ ରବିବାର ରାତିରେ ଭୁବନେଶ୍ୱର ସମେତ ଉପକୂଳ ଓଡ଼ିଶା ଓ କେନ୍ଦ୍ରୀୟ ଓଡ଼ିଶାରେ ଆଉ ୧ ଡିଗ୍ରୀ କମିପାରେ। ୮ ତାରିଖ ରାତିରେ ଅନେକ ସ୍ଥାନରେ ୧-୨ ଡିଗ୍ରୀ ବଢ଼ି ପୁଣି ତା ପରଦିନ ତାପମାତ୍ରା କମିବ ଓ ଶୀତ ଜାରି ରହିବ। ଆଗକୁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ। ତେବେ ଏହି ସମୟରେ ରାଜ୍ୟର ଅନେକ ସ୍ଥାନରେ କୁହୁଡ଼ି ବଢ଼ିବ। ବିଶେଷ କରି ୫ ଓ ୯ ତାରିଖ ରାତିରେ ଘନ ▶ପୃଷ୍ଠା-୭


THE RIGHT SKILLS LEAD TO RIGHT DIAGNOSTIC OBSERVATIONS

MADE IN CENTURION

ACCREDITED WITH GRADE A+ NAAC

The career opportunities in the medical field are infinite. And at present, one of the most in-demand medical personnel are Allied Health Professionals (AHP). At Centurion University, we understand the importance of AHP. Our courses offer students hands-on experience in administration of anesthesia, providing diagnostic, technical, therapeutic and direct patient care and other support services and take the next step towards enhancing India's medical community.

FOR ADMISSIONS, CALL: 82600 77222

LEARN EXPERIENCE CHANGE | Centurion UNIVERSITY

ALLIED & HEALTHCARE SCIENCES COURSES :

Certificate Courses:
- Ophthalmic Assistance
- Dialysis Technician
- Operation Theatre (OT) Technician
- Electrocardiogram (ECG) Technician
- Electroencephalogram (EEG) Technician
- Electromyography (EMG) Technician
- Blood Collection Technician
- Ward Technician
- Ophthalmic Surgical Assistant

Diploma Courses:
- Medical Laboratory Technology
- Medical Radiology Technology

Bachelor Courses:
- B.Sc. Medical Laboratory Technology
- B.Sc. Clinical Microbiology
- B.Sc. Medical Radiation Technology (Radiology)
- B.Sc. Operation Theatre Technology
- B.Sc. Optometry
- B.Sc. Anesthesia Technology
- B.Sc. Emergency Medicine Technology
- Bachelor in Physiotherapy
- Nursing

Masters Courses:
- M.Sc. in Medical Laboratory Technology
- M.Sc. in Applied & Clinical Microbiology
- M.Sc. Optometry

CAMPUSES: PARALAKHEMUNDI | BHUBANESWAR | VIZIANAGARAM | BOLANGIR | RAYAGADA | BALASORE | CHATRAPUR





# ବୈଜ୍ଞାନିକଙ୍କ ସ୍ଥାନ ନେବ ଏଆଇ!

ଏଆଇ ଆସିବା ପରଠୁ ପ୍ରତ୍ୟେକ ଦିନ କିଛି ନା କିଛି ପରିବର୍ତ୍ତନ ଆସୁଛି । ସେହିପରି ବହୁତ ବଡ଼ ବଡ଼ କାମକୁ ଏଆଇ ମାତ୍ର କେଇ ମିନିଟ୍ ମଧ୍ୟରେ କରି ଦେଉଥିବା ବେଳେ ଏଥିଯୋଗୁଁ ଅନେକଙ୍କ ଚାକିରି ପ୍ରତି ବିପଦ ସୃଷ୍ଟି ହୋଇଛି । ଏପରିକି ଅନେକଙ୍କୁ ଚାକିରି ମଧ୍ୟ ହରାଇବାକୁ ପଡ଼ିଛି । ଏହାରି ଭିତରେ ଓପନ ଏଆଇର ସିଇଓ ସାମ୍ ଅଲଟମ୍ୟାନ୍ ଏମିତି କିଛି କହିଛନ୍ତି, ଯାହାକି ପୂରା ଟେକ୍ ଦୁନିଆରେ ହଇଚଇ ସୃଷ୍ଟି କରିଛି । ୨୦୨୮ ସୁଦ୍ଧା ଓପନ ଏଆଇ ଏକ ଏଆଇ ଗବେଷକ ତିଆରି କରିବ । କହିବାକୁ ଗଲେ, ଏହା ଏମିତି ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଯାହାକି ମଣିଷ ଭଳି ନୁହେଁ, ବରଂ ମଣିଷଠାରୁ ଅଧିକ ଚିନ୍ତା କରିପାରିବ ଏବଂ ଗବେଷଣା କରିବ । ଏହି କଥା ସାମ୍ନାକୁ ଆସିବା ପରେ ଏଆଇ ଏବେ ମାନବ ଗବେଷକ, ବୈଜ୍ଞାନିକ ଏବଂ ଗବେଷଣା ଚାକିରି ଲାଗି ବିପଦ ଆଣିପାରେ ବୋଲି ଲୋକଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି । ତେବେ ମେସିନ୍ ନିଜେ ଗବେଷଣା କରିବା ଦ୍ୱାରା ଅନେକ ଗବେଷଣା ଏବଂ ବିଶ୍ଳେଷଣ ସହ ଜଡ଼ିତ ଚାକିରି ପାଇଁ ବିପଦ ଆଣିପାରେ । ଏନେଇ କମ୍ପାନି ପକ୍ଷରୁ କୁହାଯାଇଛି ଯେ, ବୈଜ୍ଞାନିକମାନଙ୍କୁ ଗବେଷଣାରେ ସହାୟତା କରିବା ପାଇଁ ସେପ୍ଟେମ୍ବର ୨୦୨୬ ସୁଦ୍ଧା ଏକ ଏଆଇ ରିସର୍ଚ୍ଚ ଆସିଷ୍ଟାଣ୍ଟ ପ୍ରସ୍ତୁତ କରାଯିବ । ସେହିଭଳି ୨୦୨୮ ସୁଦ୍ଧା ଏହା ଏକ ପୂର୍ଣ୍ଣକାଳୀନ ଏଆଇ ଗବେଷକରେ ପରିଣତ ହୋଇ ନିଜେ ଗବେଷଣା କରିବାକୁ ସକ୍ଷମ ହେବ । ଏହି ନୂଆ ଏଆଇ କଠିନରୁ କଠିନ ଗବେଷଣାକୁ ନିଜେ ନିଜେ କରିବାକୁ ସକ୍ଷମ ହେବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି ।



# ନୌସେନା ଦିବସ

ଭାରତୀୟ ନୌସେନା ଦିବସ ପ୍ରତିବର୍ଷ ଡିସେମ୍ବର ୪ରେ ପାଳନ କରାଯାଏ । ୧୯୭୧ ମସିହାରେ ଭାରତ-ପାକିସ୍ତାନ ଯୁଦ୍ଧରେ ହୋଇଥିଲା ଅପରେସନ ଟ୍ରାଇଡେଣ୍ଟ । ଅପରେସନ ଟ୍ରାଇଡେଣ୍ଟର ସଫଳତା ସ୍ମୃତିରେ ପ୍ରତିବର୍ଷ ଡିସେମ୍ବର ୪ ତାରିଖରେ ନୌସେନା ଦିବସ ପାଳିତ ହୁଏ । ଏହା ଭାରତୀୟ ନୌସେନାର ଶକ୍ତି, ସାହସ ଓ ପରାକ୍ରମର ପ୍ରତୀକ । ନୌସେନା ଦିବସ କେବଳ ନୌସେନାର ବୀରତ୍ୱର କାହାଣୀ କହେନି, ବରଂ ଦେଶର ସୁରକ୍ଷାରେ ନୌସେନାର ପ୍ରତିବଦ୍ଧତାକୁ ଦର୍ଶାଇଥାଏ । ଭାରତୀୟ ନୌସେନା ବାହିନୀକୁ ସମ୍ମାନ ଦେବା ଏବଂ ସେମାନଙ୍କର ଅବଦାନକୁ ପ୍ରଶଂସା କରିବା ନେଇ ଏହା ହେଉଛି ଏକ ବିଶେଷ ଅବସର । ଦେଶର ପ୍ରତିରକ୍ଷା କ୍ଷେତ୍ରରେ ନୌସେନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସମୁଦ୍ରକୁ ଲାଗି ରହିଥିବା ସୀମାବର୍ତ୍ତୀ ଅଞ୍ଚଳରେ ନୌସୈନିକମାନେ ଦିନରାତି ସଜାଗ ରହି ଦେଶକୁ ଶତ୍ରୁ ମୁଖରୁ ରକ୍ଷା କରିଥାନ୍ତି । ୧୯୭୧ ମସିହା ଡିସେମ୍ବର ୩ ତାରିଖରେ ପାକିସ୍ତାନୀ ସେନା ଭାରତୀୟ ବାୟୁସୀମା ଓ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଆକ୍ରମଣ ପାଇଁ ଉଦ୍ୟମ କରୁଥିଲା । ଏହାର ଜବାବରେ 'ଅପରେସନ ଟ୍ରାଇଡେଣ୍ଟ' ଜରିଆରେ ପାକିସ୍ତାନ ନୌସେନା ଉପରେ ଆକ୍ରମଣ କରିଥିଲା ଭାରତ । ଏଥିରେ ପାକିସ୍ତାନର କିଛି ଜାହାଜ ଓ ତେଲ ଡିପୋ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ଧ୍ୱଂସର ପ୍ରଭାବ ଏତେ ଥିଲା ଯେ, ୭ ଦିନ ପର୍ଯ୍ୟନ୍ତ ଏହି ଡିପୋଗୁଡ଼ିକ ଜଳିଥିଲା । ଆକ୍ରମଣ ଯୋଗୁଁ ପାକିସ୍ତାନୀ ନୌସେନାର ଡେଷ୍ଟ୍ରୟର୍ ପିଏନ୍ଏସ୍ ଖାଇବର ଓ ମାଇନ୍ ସ୍ୱିପର ପିଏନ୍ଏସ୍ ମୁହାଫିଜ ଧ୍ୱଂସ ହୋଇଯାଇଥିଲା । ଏଥିରେ ୭୨୦ ପାକିସ୍ତାନୀ ନୌସୈନିକ ପ୍ରାଣ ହରାଇଥିଲେ । ଶେଷରେ ପାକିସ୍ତାନ ନୌସେନା ଭାରତ ନିକଟରେ ଆତ୍ମ ସମର୍ପଣ କରିଥିଲା । ତେବେ ଭାରତୀୟ ନୌସେନାର ଏହି ବଡ଼ ବିଜୟକୁ ମନେ ପକାଇବା ସହ ସେମାନଙ୍କ ବୀରତ୍ୱକୁ ସଲାମ କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ୪ ତାରିଖରେ ନୌସେନା ଦିବସ ପାଳନ କରାଯାଇ ଆସୁଛି । ଏହି ଦିନ ଆମ ସୁରକ୍ଷା ବାହିନୀ ପ୍ରତି କୃତଜ୍ଞତା ଜଣାଇବା ଓ ସେମାନଙ୍କର ଅବଦାନ ବୁଝିବା ପାଇଁ ଏକ ସୁଯୋଗ ପ୍ରଦାନ କରିଥାଏ । ଭାରତୀୟ ନୌସେନାର ଏହି ଅବଦାନକୁ ସମ୍ମାନ ଦେବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ।

## ଆଜିର ଇତିହାସ

- ୧୮୮୮- ଐତିହାସିକ ରମେଶ ଚନ୍ଦ୍ର ମଜୁମଦାରଙ୍କ ଜନ୍ମ ।
- ୧୯୨୪- ଗେଟ୍ ୱେ ଅଫ୍ ଇଣ୍ଡିଆର ଉଦ୍‌ଘାଟନ ।
- ୧୯୬୭- ଦେଶର ପ୍ରଥମ ରକେଟ୍ 'ରୋହିଣୀ ଆର୍‌ଏଚ୍-୭୫' ଉତ୍‌କ୍ଷେପଣ କରାଗଲା ।
- ୧୯୯୬- ନାସା ମଙ୍ଗଳ ଗ୍ରହ ପାଇଁ ମହାକାଶଯାନ 'ମାର୍ସ ପାଥ ଫାଇଣ୍ଡର'କୁ ପ୍ରକ୍ଷେପିତ କଲା ।
- ୨୦୦୬- ଫିଲିପାଇନ୍ସର ଏକ ଗାଁରେ ତୋଫାନ ପରେ ମାଟି ଧସିଯିବାରୁ ୧୦୦୦ ଲୋକଙ୍କ ପ୍ରାଣହାନି ।

# ବିଶ୍ୱର ସବୁଠୁ ଛୋଟ ଘୋଡ଼ା

## ଉଚ୍ଚତା ୨୧ ଇଞ୍ଚ



ସାଧାରଣତଃ ଗୋଟିଏ ବ୍ୟାଗ୍‌ର ଆକାର ୨୧ ଇଞ୍ଚରୁ ଅଧିକ ହୋଇଥାଏ । ଏବେ ପୁମୁକେଲ ନାମକ ଘୋଡ଼ା ବିଶ୍ୱର ସବୁଠୁ ଛୋଟ ଘୋଡ଼ା ଭାବେ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି । ଜର୍ମାନୀରେ ରହୁଥିବା ପୁମୁକେଲର ଲମ୍ବ ୨୧.୧ ଇଞ୍ଚ । ପୂର୍ବରୁ ଏହି ରେକର୍ଡ ପୋଲାଣ୍ଡର ବମ୍ବେଲ ନାମକ ଘୋଡ଼ା ନାମରେ ଥିଲା । ବମ୍ବେଲର ଲମ୍ବ ୫୬.୭ ସେଣ୍ଟିମିଟର ଅର୍ଥାତ୍ ୨୨.୩୬ ଇଞ୍ଚ ଥିଲା । ପୁମୁକେଲର ମାଲିକାଣୀ କୈରୋଲା ୱିଡେମାନ କହିବାନୁଯାୟୀ, 'ସେ ଜଣେ ବନ୍ଧୁଙ୍କଠାରୁ ପୁମୁକେଲ ବାବଦରେ ଜାଣିଥିଲେ । ଏହାପରେ ସେ ଗାଡ଼ି ଚଳାଇ ପୁମୁକେଲ ରହୁଥିବା ସ୍ଥାନକୁ ଯାଇଥିଲେ । ସେଠାରେ ସେ ଏତେ ଛୋଟ ଘୋଡ଼ାକୁ ଦେଖି ଚକିତ ହୋଇଯାଇଥିଲେ । ଏହି ଘୋଡ଼ାକୁ ସେ ଅକ୍ଟୋବର ୨୦୨୦ ମସିହାରେ ଘରକୁ ଆଣିଥିଲେ । ପୁମୁକେଲକୁ ସେ ଯେତେବେଳେ ଘରକୁ ଆଣିଥିଲେ ଏହା ମାତ୍ର ପାଞ୍ଚ ମାସର ହୋଇଥିଲା । ସେତେବେଳେ ତାର ଲମ୍ବ ୪୭ ସେଣ୍ଟିମିଟର ଥିଲା । କୈରୋଲା ପୁମୁକେଲକୁ ଥେରାପି ଘୋଡ଼ା ଭାବେ ତାଲିମ ପ୍ରଦାନ କରିଛନ୍ତି । ପୁମୁକେଲ ପ୍ରତିଦିନ ନର୍ସିଂ ହୋମ, ଧର୍ମଶାଳା, ସ୍କୁଲ୍, ଭିନ୍ନକ୍ଷମ ଲୋକଙ୍କ ନିକଟକୁ ଯାଇ ସେମାନଙ୍କୁ ଖୁସି କରିବାକୁ ଚେଷ୍ଟା କରେ ।

# କ୍ଷୀରରୁ ପୋଷାକ

କ୍ଷୀର ଛିଡ଼ିଗଲେ ସେଥିରୁ ଛେନା ତଥା ପନିର ତିଆରି ହେବା କଥା ସମସ୍ତେ ଜାଣନ୍ତି । ହେଲେ ଏବେ କ୍ଷୀରରୁ କପଡ଼ା ତିଆରି କରାଯାଉଛି । ଏହି କପଡ଼ାକୁ 'ମିଲ୍‌କ ଫ୍ୟାବ୍ରିକ୍' କୁହାଯାଉଛି । ଜର୍ମାନୀ କମ୍ପାନି 'କ୍ୟୁ ମିଲ୍‌କ' ଏହି ଟେକ୍ନିକ୍‌କୁ ପରିଚିତ କରାଇଛି । ତେବେ ଉକ୍ତ କମ୍ପାନି କେବଳ ଖରାପ ହୋଇଯାଉଥିବା କ୍ଷୀରକୁ ହିଁ ଏହି କାମ ଲାଗି ଉପଯୋଗ କରୁଛି । ଏହି ପଦ୍ଧତିରେ ଗୋଟିଏ ଲିଟର କ୍ଷୀରରୁ ୧୦ ଗ୍ରାମ୍ କପଡ଼ା ବାହାର କରାଯାଇପାରିବ । କହିବାକୁ ଗଲେ ଗୋଟିଏ ଟି-ସାର୍ଟ ବନାଇବାକୁ ୬୦-୭୦ ଲିଟର କ୍ଷୀର ଆବଶ୍ୟକ । ଏହି କାରଣ ଯୋଗୁଁ ଏହାର ଦାମ୍ ମଧ୍ୟ ଆକାଶଛୁଆଁ । ସେହିପରି ଗୋଟିଏ ମିଟର ମିଲ୍‌କ ଫ୍ୟାବ୍ରିକର ଦାମ୍ ୧୫ ହଜାରରୁ ୪୫ ହଜାର ଟଙ୍କା ମଧ୍ୟରେ ହୋଇଥାଏ । ପ୍ରଥମେ କ୍ଷୀରକୁ ଛିଡ଼ାଯାଇ ସେଥିରୁ କେସିନ ପ୍ରୋଟିନ୍ ବାହାର କରାଯାଏ । ଏହି ପ୍ରୋଟିନ୍‌କୁ ପାଣିରେ ମିଶାଇ ଲିକ୍ୱିଡ୍ ତିଆରି କରାଯାଏ । ଏହାପରେ ସ୍ପିନିଂ ମେସିନ୍‌ରେ ଏହାକୁ ତନ୍ତୁରେ ରୂପାନ୍ତରିତ କରାଯାଏ । ଏହି ତନ୍ତୁ ଚମକଦାର ଏବଂ ମୁଲାୟମ ହୋଇଥାଏ । ଏହାପରେ ଏହାକୁ ବୁଣି କପଡ଼ା ତିଆରି କରାଯାଏ । ଏହି ପୂରା ପ୍ରକ୍ରିୟାରେ କୌଣସି ରସାୟନ ବ୍ୟବହାର କରାଯାଏ ନାହିଁ । ତେଣୁ ଏହା ପରିବେଶ ଅନୁକୂଳ ହେବା ସହ ଚର୍ମ ପାଇଁ ମଧ୍ୟ ଭଲ ହୋଇଥାଏ । ତେବେ କ୍ଷୀରରୁ କପଡ଼ା ତିଆରି କରିବା ଟେକ୍ନୋଲୋଜି ନୂଆ ନୁହେଁ । ୧୯୩୦ ମସିହାରେ ଇଟାଲିରେ ଯେତେବେଳେ ଉଲ୍‌ର ଅଭାବ ଦେଖାଯାଇଥିଲା ସେତେବେଳେ ସେଠାକାର ବୈଜ୍ଞାନିକ କ୍ଷୀରରୁ କପଡ଼ା ତିଆରି କରିବା ଆରମ୍ଭ କଲେ । ସେତେବେଳେ ଏହାକୁ 'ଲାନିଟାଲ' କୁହାଯାଉଥିଲା । ହେଲେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ଶେଷବେଳକୁ ଉଲ୍ ଏବଂ ସିନ୍ଥେଟିକ୍ କପଡ଼ା ଆସିବାରୁ ଏହା ହଜିଗଲା । ଏବେ ପୁଣି ୨୦୨୫ରେ ଏହା ଫେରିଛି । ଅନ୍ୟପଟେ ମିଲ୍‌କ ଫ୍ୟାବ୍ରିକ୍ ରେଶମଠାରୁ ତିନି ଗୁଣ ଅଧିକ ନରମ । ଝାଳରେ ବି ଏହା ଦୁର୍ଗନ୍ଧ ହେବ ନାହିଁ । ଏହା ଶୀତରେ ଗରମ ଏବଂ ଗରମରେ ଶରୀରକୁ ଶୀତଳତା ପ୍ରଦାନ କରେ । ସବୁଠୁ ବଡ଼ କଥା ହେଉଛି, ଏହା ଦୁଇ ବର୍ଷ ମଧ୍ୟରେ ମାଟିରେ ମିଶିଯିବ ।






# କେଉଁ ପ୍ଲେଟ୍‌ରେ ଖାଇବା ସୁରକ୍ଷିତ



ସାଧାରଣତଃ ଲୋକେ ପ୍ରତିଦିନ ଯେଉଁ ପ୍ଲେଟ୍ ବା ଥାଳିରେ ଖାଦ୍ୟ ଖାଆନ୍ତି, ତାହାର ସିଧା ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ ବୋଲି ହୁଏତ ଅନେକ ଜାଣି ନଥିବେ । ଅନେକ ସମୟରେ ଲୋକେ ସହଜ, ସୁବିଧା, ଷ୍ଟାଇଲିସ୍ ପାଇଁ ନିଜ ହିସାବର ବାସନ ଚୟନ କରନ୍ତି । ହେଲେ ପ୍ରତ୍ୟେକ ବାସନ ଶରୀର ଉପରେ ଅଲଗା ଅଲଗା ପ୍ରଭାବ ପକାଏ । କିଛି ପ୍ଲେଟ୍‌ର ବ୍ୟବହାର ସୁରକ୍ଷିତ ହୋଇଥିବାବେଳେ ଆଉ କିଛି ପ୍ଲେଟ୍‌ରେ ଖାଦ୍ୟ ଖାଇବା ଦ୍ୱାରା ଶରୀରକୁ କ୍ଷତି ପହଞ୍ଚେ । ଏଭଳି କ୍ଷେତ୍ରରେ କାଚ, ପିତ୍ତଳ, ପ୍ଲାଷ୍ଟିକ୍, ପତ୍ର ଭଳି କେଉଁ ପ୍ଲେଟ୍‌ରେ ଖାଇବା ସୁରକ୍ଷିତ, ସେ ସମ୍ପର୍କରେ ଅନେକ ଜାଣନ୍ତି ନାହିଁ । ତେବେ କାଚ ପ୍ଲେଟ୍‌କୁ ସବୁଠୁ ସୁରକ୍ଷିତ ବୋଲି କୁହାଯାଏ । ଏହା ବିଷାକ୍ତ ହୋଇ ନ ଥିବା ବେଳେ ଏଥିରେ ରାସାୟନିକ ପ୍ରତିକ୍ରିୟା ହେବା ଆଶଙ୍କା ନଥାଏ । ଏପରିକି ଏଥିରେ ଜୀବାଣୁ ବୃଦ୍ଧିର ଆଶଙ୍କା କମ୍ । ଏହାସହ କାଚ ପ୍ଲେଟ୍‌କୁ ଦୀର୍ଘ ଦିନ ପର୍ଯ୍ୟନ୍ତ ବ୍ୟବହାର କରାଯାଇପାରିବ ଏବଂ ଏହାକୁ ସଫା କରିବା ବି ସହଜ । ଏଣୁ କାଚ ପାତ୍ରରେ ଖାଦ୍ୟ ଖାଇବା ସବୁଠୁ ସୁରକ୍ଷିତ । ସେହିପରି ପତ୍ର ପ୍ଲେଟ୍ ପରିବେଶ ପାଇଁ ଅନୁକୂଳ । ଏହା ପରିବେଶ ଅନୁକୂଳ ହେବା ସହ ଏବଂ ଏଥିରେ କୌଣସି ପ୍ରକାର କ୍ଷତିକାରକ ରସାୟନ ନ ଥାଏ । ତେବେ ପତ୍ର ପ୍ଲେଟ୍ ପରିଷ୍କାର ଥିବା ସହ ଏହା ଖରାପ ହୋଇ ନ ଥିବା ଆବଶ୍ୟକ । ଅନ୍ୟପଟେ ପତ୍ର ପ୍ଲେଟ୍ ଖରାପ ହୋଇଯାଇ ଥିଲେ ଏଥିରୁ ଜୀବାଣୁଜନିତ ସଂକ୍ରମଣ ହେବା ଆଶଙ୍କା ବୃଦ୍ଧି ପାଏ । ଏ ଦୃଷ୍ଟିରୁ ପତ୍ରରେ ବେଳେବେଳେ ଖାଦ୍ୟ ଖାଇବା ସୁରକ୍ଷିତ । ସବୁବେଳେ ଏହାକୁ ବ୍ୟବହାର କରିବା ଅନୁଚିତ । ଅନ୍ୟପଟେ କଂସା ପିତ୍ତଳ ବାସନ ସ୍ୱାସ୍ଥ୍ୟ ପକ୍ଷେ ହିତକର । ଏହା ଖାଦ୍ୟକୁ ଗରମ ରଖିବାରେ ସାହାଯ୍ୟ କରେ ଏବଂ ଏଥିରୁ କିଛି ପୋଷକ ତତ୍ତ୍ୱ ବି ମିଳିଥାଏ । ସେହିପରି ପିତ୍ତଳ ବାସନରେ ଟିଣ କୋଟିଂ ନ ଥିଲେ ଏବଂ ଏହା ପୁରୁଣା ହୋଇଯାଇଥିଲେ, ଏହା ସ୍ୱାସ୍ଥ୍ୟ ପକ୍ଷେ ହିତକର ନୁହେଁ । ଏହାବାଦ୍ ପ୍ଲାଷ୍ଟିକ୍ ପ୍ଲେଟ୍‌ରେ ଗରମ ଖାଦ୍ୟ ରଖିଲେ ଏଥିରେ ଥିବା ରସାୟନ ଖାଦ୍ୟରେ ମିଶି ଯାଇପାରେ । ଫଳରେ ଏହାଦ୍ୱାରା ହରମୋନ ଅସନ୍ତୁଳନ, ପାଚନ ସମସ୍ୟା ଏବଂ ଗମ୍ଭୀର ରୋଗ ଆଶଙ୍କା ବୃଦ୍ଧି କରେ । ବିଶେଷକରି ମାଇକ୍ରୋୱେଭ୍‌ରେ ପ୍ଲାଷ୍ଟିକ୍ ପ୍ଲେଟ୍ ବ୍ୟବହାର ଅଧିକ ବିପଜ୍ଜନକ ହୋଇଥାଏ । ତେଣୁ ପ୍ଲାଷ୍ଟିକ୍ ପ୍ଲେଟ୍‌ରେ ଖାଦ୍ୟ ଖାଇବା ଅନୁଚିତ । ଯଦି ସବୁଠୁ ସୁରକ୍ଷିତ ପ୍ଲେଟ୍ କଥା କୁହାଯିବ, ତେବେ କାଚ ପ୍ଲେଟ୍‌ରେ ଖାଦ୍ୟ ଖାଇବାକୁ ସବୁଠୁ ସୁରକ୍ଷିତ ବୋଲି କୁହାଯିବ । ସେହିପରି ପତ୍ର ପ୍ଲେଟ୍ ବି ସୁରକ୍ଷିତ । ହେଲେ ଏହା ସଫା ଓ ତାଜା ହୋଇଥିବା ଆବଶ୍ୟକ ।

# ୧୦ ବର୍ଷ ପରେ ଏକାଠି ଆସିବେ ରଣବୀର-ଦୀପିକା



ଏକଦା ରଣବୀର କପୁର ଓ ଦୀପିକା ପାଦୁକୋନ୍‌ଙ୍କ ପ୍ରେମ ସମ୍ପର୍କ ବଲିଉଡ୍‌ରେ ବେଶ୍ ଚର୍ଚ୍ଚାରେ ରହିଥିଲା । ଉଭୟ ଶେଷଥର ପାଇଁ ୨୦୧୫ରେ 'ତମାସା' ଫିଲ୍ମରେ ନଜର ଆସିଥିଲେ । ତେବେ ବଲିଉଡ୍‌ର ଏହି ହଟ୍ ଯୋଡ଼ିଙ୍କୁ ପୁଣି ଥରେ ପରଦା ଉପରେ ଦେଖିବା ପାଇଁ ତାଙ୍କ ପ୍ରଶଂସକମାନେ ଦୀର୍ଘ ଦିନ ଧରି ଅପେକ୍ଷା କରିଥିଲେ । ଏବେ ଏହି ଯୋଡ଼ି ପୁଣି ଥରେ ଏକାଠି ପରଦାକୁ ଫେରୁଛନ୍ତି । ରଣବୀର ତାଙ୍କ ଫିଲ୍ମ 'ରାମାୟଣମ୍'କୁ ନେଇ ଚର୍ଚ୍ଚାରେ ଥିବାବେଳେ ଦୀପିକା ଏବେ ଶାହାରୁଖ୍ ଖାନ୍‌ଙ୍କ ସହ 'କିଙ୍ଗ'ରେ କାମ କରୁଛନ୍ତି । କିଛି ଦିନ ପୂର୍ବରୁ ଦୀପିକା ଓ ରଣବୀର ଏକାଠି ମୁମ୍ବାଇ ବିମାନବନ୍ଦରରେ ନଜର ଆସିଥିଲେ । ସେବେଠାରୁ ଉଭୟ କୌଣସି ଫିଲ୍ମରେ କାମ କରୁଛନ୍ତି ବୋଲି ଦର୍ଶକେ ଅନୁମାନ କରୁଥିଲେ । ଏବେ ଏହା ଉପରୁ ପରଦା ଉଠିଛି । ଅୟାନ ମୁଖାର୍ଜୀ କ୍ଲାସିକ୍ ଫିଲ୍ମ 'ଚୋରି ଚୋରି'(୧୯୫୬) ରୁ ପ୍ରେରିତ ହୋଇ ଏକ ଫିଲ୍ମ ନିର୍ମାଣ କରିବାକୁ ଚାହୁଁଛନ୍ତି । ଏହି ଫିଲ୍ମରେ ରାଜ୍ କପୁର ଓ ନରଗିସ୍ ଦତ୍ତ ଲିଡ୍‌ରୋଲରେ ଦେଖାଯାଇଥିଲେ । ଅୟାନ୍ ଏହାକୁ ରିମେକ୍ କରିବା ବଦଳରେ ମୂଳ ଫିଲ୍ମରେ କେବଳ ନୂଆ ସ୍ପର୍ଶ ଦେବାକୁ ଚାହୁଁଛନ୍ତି । ତେବେ ଏହି ଫିଲ୍ମ ରାଜ୍ କପୁରଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ କରାଯାଉଥିବାରୁ ରଣବୀରଙ୍କ ପାଇଁ ଭାବନାତ୍ମକ ରୂପେ ଏହା ବେଶ୍ ସ୍ୱତନ୍ତ୍ର ହେବ । ରଣବୀର ଓ ଦୀପିକା ଏହି ଫିଲ୍ମ ମାଧ୍ୟମରେ ଏକ ରୋମାଣ୍ଟିକ୍ କାହାଣୀକୁ ହାଲ୍‌କା ଫୁଲ୍‌କା ଭାବେ ପରଦାରେ ଦେଖାଇବେ । ଏଠାରେ ପ୍ରକାଶ ଥାଉ କି, ୨୦୦୮ ରେ 'ବଚନା ଏ ହସିନୋ' ଫିଲ୍ମ ମାଧ୍ୟମରେ ରଣବୀର ଓ ଦୀପିକାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଉଭୟ ୨୦୧୦ରେ ଅଲଗା ହୋଇଯାଇଥିଲେ । ଏହି ସମ୍ପର୍କ ଭାଙ୍ଗିବା ପରେ ଦୀପିକା ଦୀର୍ଘ ଦିନ ଧରି ଅବସାଦ ମଧ୍ୟରେ ରହିଥିଲେ ।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି । ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ହେବ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । ଲୋକ ସମ୍ପର୍କ ବୃଦ୍ଧି ପାଇବ । ଆର୍ଥିକ ସମସ୍ୟା ଦୂର ହୋଇପାରେ ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ନିଜକୁ କମଜୋର ଭାବନ୍ତୁ ନାହିଁ । ଧୈର୍ଯ୍ୟ ରଖନ୍ତୁ । ବିଦ୍ୟାର୍ଥୀମାନେ ଖେଳକୁଦରେ ଅଧିକ ସମୟ ବିତାଇବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିବ । ଯାନବାହନ କ୍ରୟ କରିପାରନ୍ତି ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଜୀବନସାଥିଙ୍କ ସହଯୋଗ ଲୋଡ଼ିବେ । ରାଜନୀତିରେ ସକ୍ରିୟ ରହିପାରନ୍ତି । ଅଚାନ ଖୁସି ଖବର ପାଇବେ ।

**ସିଂହ:** ଭାବିଚିନ୍ତି କାର୍ଯ୍ୟ କରନ୍ତୁ । ଧନପ୍ରାପ୍ତି ଯୋଗ ରହିଛି । ପିଲାମାନଙ୍କ ଉନ୍ନତିରେ ଖୁସି ଅନୁଭବ କରିବେ । କିଣା-ବିକାରେ ସମୟ ବିତିବ । ବୈବାହିକ ଜୀବନ ସୁଖମୟ ହେବ । ନୂତନ ଜମି କ୍ରୟ କରିପାରନ୍ତି ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିବ । ଅକସ୍ମାତ ଖୁସି ଖବର ପାଇପାରନ୍ତି । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ବ୍ୟବସାୟରୁ ଲାଭ ପାଇବେ । ହାତେ ମାପି ଚାଖଣ୍ଡେ ଚାଲନ୍ତୁ ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ ହସଖୁସିର ସମୟ ବିତାଇପାରନ୍ତି । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ଚକ୍ଷୁ ସମସ୍ୟା ଭୋଗିପାରନ୍ତି ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି । ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ । ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ମଧୁମୟ ହେବ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ ।

# ଭିନ୍ନକ୍ଷମଙ୍କ ପ୍ରତିଭାର ଉପଯୋଗ ଲାଗି ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୩।୧୨(ସମିସ): ଭିନ୍ନକ୍ଷମମାନଙ୍କ ସମସ୍ୟା ଉପରେ ଆମ ସରକାର ସବୁବେଳେ ପ୍ରାଥମିକତା ଦେଉଛି। ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଓ ଯତ୍ନ ପ୍ରଦାନ କରି ସାମାଜରେ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଆମ ସରକାର ଗୁରୁତ୍ୱ ଦେଇ କାମ କରୁଛି ବୋଲି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ତିନିଦିନିଆ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶାରୀରିକ କ୍ଷମତା ବା ଭିନ୍ନ-କ୍ଷମତା ପ୍ରତିଭାର ବିକାଶରେ କେବେ ବି ବାଧା ସୃଷ୍ଟି କରେ ନାହିଁ। ସମାଜର ସହଯୋଗ ଓ ପରିବାରର ପ୍ରେରଣା ଦ୍ୱାରା ଆଜି ଅନେକ ଭିନ୍ନକ୍ଷମ ବ୍ୟକ୍ତି ବିଭିନ୍ନ କ୍ଷେତ୍ରରେ ସଫଳତା ପ୍ରଦର୍ଶନ କରି ଏହା ପ୍ରମାଣିତ କରିଛନ୍ତି। ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଦାୟିତ୍ୱ ନେବା ପରେ ଭିନ୍ନକ୍ଷମଙ୍କ ପାଇଁ ଦିବ୍ୟାଙ୍ଗ ଶବ୍ଦ ଆରମ୍ଭ କରିଥିଲେ। ଆମ ରାଜ୍ୟରେ ଅନେକ ଭିନ୍ନକ୍ଷମ ଯୁବକ ଯୁବତୀ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ହୋଇ ଦକ୍ଷତାର ସହ କାମ କରୁଛନ୍ତି। ଭିନ୍ନକ୍ଷମମାନଙ୍କ



ପାଖରେ ଭରପୂର ପ୍ରତିଭା ରହିଛି। ନିଯୁକ୍ତିଦାତାମାନେ ସେମାନଙ୍କୁ ଉପଯୁକ୍ତ ସୁଯୋଗ ଦେବା ଆବଶ୍ୟକ। ଭିନ୍ନକ୍ଷମମାନେ କାହାର ଦୟା କିମ୍ବା ସମବେଦନା ଚାହାନ୍ତି ନାହିଁ। ସେମାନଙ୍କୁ ସମ୍ମାନର ସହିତ ଜୀବନ ନିର୍ବାହ କରିବାର ଅଧିକାର ଏବଂ ସେ ଅଧିକାର ପ୍ରଦାନ କରିବା ହେଉଛି ଆମର ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଟି-୨୦ ଦୃଷ୍ଟିବାଧିତ ମହିଳା ବିଶ୍ୱକପ କ୍ରିକେଟର ୪ ଜଣ ଖେଳାଳିଙ୍କ ସମେତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ସମୁଦାୟ ୩୩ ଜଣ ଭିନ୍ନକ୍ଷମ କ୍ରୀଡାବିତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କୃତୀ ବିଦ୍ୟାର୍ଥୀମାନଙ୍କୁ ଲାପଟପ୍ ବଣ୍ଟନର ଶୁଭାରମ୍ଭ କରିଥିଲେ।

କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ ଏହି ତିନିଦିନିଆ ଉତ୍ସବରେ ଆମର ଭିନ୍ନକ୍ଷମ ଭାଇ ଭଉଣୀମାନେ ସେମାନଙ୍କ ଭିତରେ ଥିବା ପ୍ରତିଭାକୁ ଉତ୍ସାହର ସହ ପ୍ରଦର୍ଶିତ କରିଛନ୍ତି । ଭିନ୍ନକ୍ଷମ ଭାଇ ଭଉଣୀମାନଙ୍କୁ ସମସ୍ତ ସହଯୋଗ ଓ ସେବା ପ୍ରଦାନ ଜରିଆରେ ସମାଜରେ ସମ୍ମାନଜନକ ସ୍ଥାନରେ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଆର୍. ଏସ୍. ଗୋପାଳନ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସ୍ୱତନ୍ତ୍ର ସଚିବ ରଜନୀ ଦାନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୫ଟି ଶୀତଳ ଭଣ୍ଡାର ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ମଞ୍ଜୁରୀ

ଭୁବନେଶ୍ୱର,୩।୧୨(ସମିସ): ରାଜ୍ୟରେ ସମୁଦାୟ ୧୩୩ଟି ଶୀତଳ ଭଣ୍ଡାର ଥିବାବେଳେ ସେଥିମଧ୍ୟରୁ ମାତ୍ର ୩୫ଟି କାର୍ଯ୍ୟକ୍ଷମ ଅଛି। ବଳକା ୯୮ଟି ଅଚଳ ହୋଇ ପଡ଼ିଛି। ୩୫ଟି କାର୍ଯ୍ୟକ୍ଷମ ଶୀତଳ ଭଣ୍ଡାର ମଧ୍ୟରୁ ୨ଟି ସରକାରୀ ଏବଂ ୩୩ଟି ବେସରକାରୀ ଶୀତଳ ଭଣ୍ଡାର ରହିଛି ବୋଲି ବୁଧବାର ବିଧାନସଭାରେ କୃଷି ବିଭାଗର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ପକ୍ଷରୁ ଉତ୍ତର ରଖି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉପରୋକ୍ତ ସୂଚନା ପ୍ରଦାନ କରିଛନ୍ତି।

ବୁଧବାର ପ୍ରଶ୍ନକାଳରେ କଂଗ୍ରେସ ଦଳ ନେତା ରାମଚନ୍ଦ୍ର କାଡାମ ରାଜ୍ୟରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ନେଇ ପ୍ରଶ୍ନ କରିଥିଲେ। ସରକାର ସବୁ ସବଡିଭିଜନରେ ଗୋଟିଏ ଲେଖାଏଁ ମୋଟ ୫୧ଟି ଶୀତଳ ଭଣ୍ଡାର ନିର୍ମାଣ କରିବାକୁ ଘୋଷଣା କରିଥିଲେ। ଏହାର ସ୍ଥିତି ଏବେ କଣ। ସରକାର ସବୁ ଜିଲ୍ଲାରେ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ପଦକ୍ଷେପ ନେବେ କି ବୋଲି ସେ ଜାଣିବାକୁ ଚାହିଁଥିଲେ।

ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ଗତ ଜାନୁଆରୀ ମାସରୁ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ଅଧୀନରେ ରାଜ୍ୟର ସବୁ ଡିଭିଜନରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର କରାଯିବ। ଆବଶ୍ୟକ ହେଲେ ବ୍ଲକରେ ମଧ୍ୟ ଶୀତଳ ଭଣ୍ଡାର ହେବ। ଏଥିପାଇଁ ଚଳିତ ବଜେଟରେ ୨୫୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହି ଯୋଜନା ଆସନ୍ତା ୨୦୨୯-୩୦ ଯାଏଁ ଜାରି ରହିବ। ମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ବେସରକାରୀ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ଏସସି, ଏସଟି ବର୍ଗ ଓ ମହିଳାଙ୍କୁ ୬୦ ପ୍ରତିଶତ ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯାଉଛି। ଏ ବାବଦରେ ସେମାନଙ୍କୁ ୬.୫୦ କୋଟି ଟଙ୍କା ସବ୍‌ସିଡି ବାବଦରେ ଅର୍ଥ ଦିଆଯାଉଛି। ଅନ୍ୟ ବର୍ଗଙ୍କୁ ଏକ୍ଷେତ୍ରରେ ୬ କୋଟି ଟଙ୍କା ବ୍ୟବସ୍ଥା ରହିଛି। ସେହିପରି ବିଦ୍ୟୁତ୍ ବିଲ୍ ବାବଦରେ ମଧ୍ୟ ରାଜ୍ୟ ସରକାର ଯୋଜନା ଅଧୀନରେ ୫୦ ପ୍ରତିଶତ ରିଆତି ବ୍ୟବସ୍ଥା ରଖିଛନ୍ତି। ଅଚଳ ଶୀତଳ ଭଣ୍ଡାରକୁ ସଚଳ କରିବା ପାଇଁ ସରକାର ଷ୍ଟୋରେଜ ପିଛା ୧.୫ କୋଟି ଟଙ୍କା ପ୍ରଦାନ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ନୂଆ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ବେସରକାରୀ ସ୍ତରରେ ୧୫ଟି ଆବେଦନ କରାଯାଇଥିବା ବେଳେ ତନ୍ମଧ୍ୟରୁ ୫ଟିକୁ ମଞ୍ଜୁରୀ ମିଳିଛି। ବାକି ପ୍ରକ୍ରିୟା ମଧ୍ୟରେ ଅଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ।

ଅତିରିକ୍ତ ପ୍ରଶ୍ନକର୍ତ୍ତାମାନେ ନିଜ ନିଜ ଅଞ୍ଚଳରେ ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ଦାବି କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ବିଧାୟକମାନେ ନିଜ ନିଜ ଅଞ୍ଚଳର ଉଦ୍ୟୋଗୀମାନଙ୍କୁ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ଉତ୍ସାହିତ କରନ୍ତୁ। ବିଧାୟକଙ୍କ ସୁପାରିସକୁ ସରକାର ସର୍ବାଧିକ ପ୍ରାଥମିକତା ଦେବେ। ସେହିପରି ଅଚଳ ସରକାରୀ ଶୀତଳଭଣ୍ଡାରକୁ ସଚଳ କରିବା ପାଇଁ ବିଧାୟକମାନେ କରିଥିବା ଦାବିକୁ ସରକାର ବିଚାରକୁ ନେବେ ବୋଲି ସେ ଗୃହରେ ଅବଗତ କରିଥିଲେ।

■ ଏସ୍‌ଆଇ ଚାକିରି ବିକ୍ରି ମାମଲା

## ସିଲିକନ ଟେକ୍ କଳାତାଲିକା ଭୁକ୍ତ

ଭୁବନେଶ୍ୱର,୩।୧୨(ସମିସ): ପୁଲିସ ଏସଆଇ ଚାକିରି ବିକ୍ରି ମାମଲାରେ ଠିକାସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ରାଜ୍ୟ ସରକାର। ଅନିୟମିତତାରେ ସମ୍ପୃକ୍ତି ସାମ୍ନାକୁ ଆସିବା ପରେ ରାଜ୍ୟ ଆଇଟି ବିଭାଗ ସିଲିକନ ଟେକ୍‌କୁ କଳାତାଲିକାଭୁକ୍ତ କରିଛି। ଏହାସହ ସିଲିଟନ ଟେକ୍ ସହ ସମସ୍ତ ଚୁକ୍ତି ବାତିଲ ହୋଇଛି। ଏହି କେଳେଙ୍କାରୀ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ସିଲିକନ୍ ସିଇଓ ସୁରେଶ ନାୟକଙ୍କୁ ଗିରଫ କରାଯାଇଥିଲା। ଏହା ସହ ସୁରେଶଙ୍କୁ ମାଷ୍ଟର ମାଇଣ୍ଡ ବୋଲି ଦର୍ଶାଇଥିଲା। ସୁରେଶଙ୍କ ଦାୟୀତ୍ୱରେ ପ୍ରଶ୍ନପତ୍ର ପରିବହନ, ମୁଦ୍ରଣ ଦାୟୀତ୍ୱ ଥିବା ଦର୍ଶାଇଥିଲା। ଅନ୍ୟପକ୍ଷରେ ସୁରେଶ ମଧ୍ୟ ଶଙ୍କରଙ୍କୁ ପ୍ରୋତ୍ସାହନ ଦେଉଥିଲେ। ପୁଲିସ ପାଖରୁ ବଞ୍ଚିବାକୁ ସେ ତାଙ୍କୁ ନିଜ ସେଫ୍ ହାଉସ୍‌ରେ ରଖୁଥିଲେ। ସୁରେଶଙ୍କ ଇଶାରାରେ ଶଙ୍କର ବାରମ୍ବାର ତାଙ୍କ ଲୋକେସନ୍ ବଦଳାଥଇ ପୁଲିସକୁ ଚକମା ଦେଉଥିଲେ ବୋଲି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଦର୍ଶାଯାଇଥିଲା। ସୂଚନାଯୋଗ୍ୟ ଏସ୍‌ଆଇ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ଓପିଆର୍‌ବି ଏକ ସରକାରୀ ସଂସ୍ଥା ଆଇଟିଆଇକୁ ପରୀକ୍ଷା ପରିଚାଳନା ଦାୟୀତ୍ୱ ଦେଇଥିଲା। ଆଇଟିଆଇ ଏହି ଦାୟିତ୍ୱ ସିଲିକନ୍‌କୁ ଦେଇଥିଲା। ପରେ ସିଲିକନ୍ ପରୀକ୍ଷା ପରିଚାଳନାରେ ପଞ୍ଚସଫ୍ଟ୍‌ର ସହଯୋଗ ନେଇ ଚାକିରି ବିକ୍ରି କରିଥିଲା।

ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ବିଲ୍ ପାସ୍

## ୧୦ ଘଣ୍ଟାକୁ ବଢ଼ିଲା କର୍ମଚାରୀଙ୍କ କାର୍ଯ୍ୟ ଅବଧି

■ ରାତିରେ ବି କାମ କରିପାରିବେ ମହିଳା କର୍ମଚାରୀ
■ ୨୦ରୁ କମ୍ ଶ୍ରମିକ ଥିଲେ ଲାଗୁ ହେବନି ନିୟମ

ଭୁବନେଶ୍ୱର,୩।୧୨(ସମିସ): ରାଜ୍ୟରେ ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକରେ ଏଣିକି କର୍ମଚାରୀମାନଙ୍କ କାର୍ଯ୍ୟ ଅବଧି ୧୦ ଘଣ୍ଟାକୁ ବୃଦ୍ଧି କରାଯାଇଛି। ଏହାସହିତ କର୍ମଚାରୀମାନଙ୍କ ପାଇଁ ରହିଥିବା ଓଭରଟାଇମ୍ ନିୟମରେ ମଧ୍ୟ ପରିବର୍ତ୍ତନ କରାଯାଇଛି। କର୍ମଚାରୀମାନେ ଏଣିକି ୩ ମାସରେ ୫୦ ଘଣ୍ଟା ପରିବର୍ତ୍ତେ ୧୪୪ ଘଣ୍ଟା ଓଭରଟାଇମ୍ କରିବେ। ବୁଧବାର ରାଜ୍ୟ ବିଧାନସଭାରେ ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ (ସଂଶୋଧନ) ବିଲ୍, ୨୦୨ ପାରିତ ହେବା ପରେ ଏଭଳି ନିୟମ ଲାଗୁ ପାଇଁ ବାଟ ଫିଟିଛି। ଏହି ନିୟମ ସହିତ ଅନ୍ୟ କେତେକ ନିୟମରେ ମଧ୍ୟ ପରିବର୍ତ୍ତନ ଆସିଛି। ପୂର୍ବରୁ ଏକ ପ୍ରତିଷ୍ଠାନରେ ଜଣେ କର୍ମଚାରୀଙ୍କ ପାଇଁ ୫ ଘଣ୍ଟା କାର୍ଯ୍ୟ ଅବଧି ପରେ ଅଧ ଘଣ୍ଟାର ବିଶ୍ରାମ ମିଳୁଥିଲା। ହେଲେ ଏହାକୁ ନିରନ୍ତର ୬ ଘଣ୍ଟା କାର୍ଯ୍ୟ ଅବଧିକୁ ବଢ଼ାଇ ଦିଆଯାଇଛି। ଏହା ବ୍ୟତୀତ ମହିଳାମାନଙ୍କଠାରୁ ଲିଖିତ ଅନୁମତି ସହ ସେମାନଙ୍କୁ ରାତିରେ କାମ କରିବା ପାଇଁ ବିଲ୍‌ରେ ବ୍ୟବସ୍ଥା କରାଯାଇଛି। ଏହି ବିଲ୍‌ରେ ଅନ୍ୟ ଏକ ପରିବର୍ତ୍ତନ ସ୍ୱରୂପ ୨୦ ଜଣ କର୍ମଚାରୀଙ୍କ ପର୍ଯ୍ୟନ୍ତ ନିଯୁକ୍ତି ଦେଇଥିବା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ୍ ପ୍ରୟୋଗରୁ ବାଦ୍ ଦିଆଯାଇଛି। ବିଭାଗୀୟ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆଙ୍କ ଦ୍ୱାରା ଏହି ବିଲ୍ ଆଗତ ହେବା ପରେ ବିରୋଧୀ ବିଜେଡି ଏହାକୁ ତୀବ୍ର ବିରୋଧ କରିଛି। ବିଲ୍‌ରେ ରହିଥିବା କିଛି ସଂଶୋଧନ ରାଜ୍ୟରେ ଶ୍ରମିକମାନଙ୍କୁ ଶୋଷଣ କରିବ ବୋଲି ବିରୋଧୀ କହିଛନ୍ତି। ଏଥିପାଇଁ ବିଲ୍ ସିଲେକ୍ଟ କମିଟିକୁ ପଠାଯିବାକୁ ଦାବି ହୋଇଥିଲେ ମଧ୍ୟ ବାଚସ୍ପତି ଏହି ବିଲ୍‌କୁ ପାରିତ କରିଛନ୍ତି।

ବିଲ୍‌କୁ ବିଜେଡି ତୀବ୍ର ବିରୋଧ କରିଛି। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହାକୁ ଶ୍ରମିକମାରଣ ବୋଲି କହିଛନ୍ତି। ଏହି ବିଲ୍ ପାରିତ ହେବାଦ୍ୱାରା ଶ୍ରମିକଙ୍କ ସୁରକ୍ଷା ଦୁର୍ବଳ ହେବ। ୨୦ ଶ୍ରମିକରୁ କମ୍ ଶ୍ରମିକ ଥିବା ସଂସ୍ଥାଗୁଡ଼ିକ କର୍ମଚାରୀଙ୍କୁ କିଏ ସୁରକ୍ଷା ଦେବ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି କାର୍ଯ୍ୟ ଅବଧି ୯ ଘଣ୍ଟା ବଦଳରେ ୧୦ ଘଣ୍ଟା କରାଯିବା ଶ୍ରମିକଙ୍କ ସ୍ୱାର୍ଥ ନୁହଁ ବରଂ ଏହା ପୁଞ୍ଜିପତିଙ୍କ ସ୍ୱାର୍ଥ ପୂରଣ କରିବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ବିଧାୟକ ଗଣେଶ୍ୱର ବେହେରା, ସାରଦା ପ୍ରସନ୍ନ ଜେନା ଓ ଧ୍ରୁବ ସାହୁ ପ୍ରମୁଖ ବିରୋଧ କରିଥିବା ବେଳେ ଶାସକ ଦଳ ପକ୍ଷରୁ ବିଧାୟକ ଇରାଶିଷ ଆଚାର୍ଯ୍ୟ, ସନ୍ତୋଷ ଖଟୁଆ, ଦୁଷ୍ମନ୍ତ ସ୍ୱାଇଁ ଓ ଜୟ ଢୋଲକିଆ ପ୍ରମୁଖ ସପକ୍ଷରେ ଯୁକ୍ତି ରଖିଥିଲେ। ଶେଷରେ ବିଭାଗୀୟ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଏହି ବିଲ ରାଜ୍ୟରେ ବ୍ୟବସାୟ କରିବାକୁ ସହଜତାକୁ ପ୍ରୋତ୍ସାହିତ କରିବ ବୋଲି କହିଛନ୍ତି। ଏହି ବିଲ ରାଜ୍ୟରେ ସାମଗ୍ରିକ ଉତ୍ପାଦତା ବୃଦ୍ଧି କରିବ, ବିଶେଷ କରି ମହିଳା କର୍ମଚାରୀଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ୧୯ରୁ କମ୍ କର୍ମଚାରୀ ଥିବା ସଂସ୍ଥାଗୁଡ଼ିକରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ ପାଇଁ ରାଜ୍ୟର ଅନେକ ଆଇନ୍ ରହିଛି। ସେମାନଙ୍କୁ ମଧ୍ୟ ସଠିକ୍ ସୁରକ୍ଷା ମିଳିବ। ଏହି ବିଲ୍‌ରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ପାଇଁ ଓଡ଼ିଆ ଭାଷାରେ ନାମଫଳକ ଲଗାଇବାକୁ ମଧ୍ୟ ବଧ୍ୟତାମୂଳକ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

■ ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

## ଶିକ୍ଷା କର୍ମଚାରୀ ସଂଘଙ୍କ ଦାବି ଅନୁଧ୍ୟାନ କରିବାକୁ କମିଟି ଗଠନ

ଭୁବନେଶ୍ୱର,୩।୧୨(ସମିସ): ରାଜ୍ୟର ଶିକ୍ଷାନୁଷ୍ଠାନ ଗୁଡ଼ିକର କର୍ମଚାରୀ ସଂଘଙ୍କ ଦାବିର ଅନୁଶୀଳନ କରିବେ ସରକାର। ସେମାନଙ୍କ ଦାବି ଅନୁଶୀଳନ ପାଇଁ ପୂର୍ବତନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଛି। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

■ ପୂର୍ବତନ ଆଇଏଏସ୍ ଅଶୋକ ତ୍ରିପାଠୀ କମିଟି ଅଧ୍ୟକ୍ଷ ନିଯୁକ୍ତ
■ ୬ ମାସରେ ସରକାରଙ୍କୁ ଅନୁଶୀଳନ ରିପୋର୍ଟ ଦେବ କମିଟି

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗ ଅଧିନରେ ବିଭିନ୍ନ ପ୍ରକାର ସରକାରୀ ଏବଂ ଅନୁଦାନପ୍ରାପ୍ତ ଓ ଅଣ-ଅନୁଦାନପ୍ରାପ୍ତ ବେସରକାରୀ ଶିକ୍ଷାନୁଷ୍ଠାନ ରହିଛି। ଏହି ଶିକ୍ଷାନୁଷ୍ଠାନ ଗୁଡିକର ବିଭିନ୍ନ ଶିକ୍ଷକ, ଅଧ୍ୟାପକ ଏବଂ କର୍ମଚାରୀ ସଂଘ ସେମାନଙ୍କର ବିଭିନ୍ନ ପ୍ରକାରର ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିଆସୁଛନ୍ତି। ସେମାନଙ୍କର ଏହି ଦାବି ଉପରେ ବିଭିନ୍ନ ସମୟରେ ଆଲୋଚନା ମଧ୍ୟ କରାଯାଇଛି। ଏହାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ବିଚାର କରି ଶିକ୍ଷକ, ଅଧ୍ୟାପକ ଏବଂ କର୍ମଚାରୀମାନଙ୍କର ଦାବି ସମୂହର ଅନୁଶୀଳନ ନିମନ୍ତେ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଉକ୍ତ କମିଟି ୬ ମାସ ମଧ୍ୟରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

ଚାଲିଥିଲା ଆନ୍ତଃରାଜ୍ୟ ହାତୀ ଦାନ୍ତ କାରବାର; ଜଗିଥିଲା ବନ ବିଭାଗର ସ୍ୱତନ୍ତ୍ର ଟିମ୍

## ୩ ଚୋରା ବେପାରୀ ଗିରଫ, ୧୫ କିଲୋ ଓଜନର ୩ଟି ହାତୀ ଦାନ୍ତ ଜବତ

କେନ୍ଦୁଝର/ଚମ୍ପୁଆ/ତୁରୁମୁଙ୍ଗା, ୩।୧୨(ସମିସ): ଚାଲିଥିଲା ହାତୀ ଦାନ୍ତର ବେଆଇନ କାରବାର। ମାଡ଼ିବସିଲା ବନ ବିଭାଗର ସ୍ୱତନ୍ତ୍ର ଚଢ଼ଉ ଟିମ୍। ଚଢ଼ଉରେ ୧୫ କିଗ୍ରା ଓଜନର ହାତୀ ଦାନ୍ତ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିବାରେ ବନ ବିଭାଗ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ତିନି ଜଣ ହେଉଛନ୍ତି ଢେଙ୍କାନାଳ ଜିଲ୍ଲାର କୌଳାସ ତିରିୟା, ଝାଡ଼ଖଣ୍ଡ ରାଜ୍ୟର ଗୁରୁଚରଣ କେରାଇ ଏବଂ ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଅନ୍ତର୍ଗତ ବଳଭଦ୍ରପୁର ଗାଁର ମିଶ୍ର ମୁଣ୍ଡା।



ସୂଚନା ଅନୁସାରେ, ଅବୈଧ ବନ୍ୟଜୀବ ବ୍ୟବସାୟ ବିରୋଧରେ ଜେଟିଏଫ୍ (ପିସିସିଏଫ୍, ବନ୍ୟଜନ୍ତୁ) ପକ୍ଷରୁ ଏକ ବିଶ୍ୱସ୍ତ ସୂଚନା ରହିଥିଲା। ଏହି ଆଧାରରେ କେନ୍ଦୁଝର ଡିଏଫଓ ଏଚ୍‌ଡି ଧନରାଜଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ରେଞ୍ଜ ରାମଲା ଫଗୁ ପୋଲ ନିକଟବର୍ତ୍ତୀ ଏକ ଘରୁ ଉକ୍ତ ଚଢ଼ଉ ଦଳ ୧୫ କି.ଗ୍ରା ଓଜନର ହାତୀ ଦାନ୍ତକୁ ଜବତ କରିଥିଲେ। ଯାଞ୍ଚ ବେଳେ ସମ୍ପୃକ୍ତ ୩ ଜଣ ଆନ୍ତରାଜ୍ୟ ହାତୀ ଦାନ୍ତ ବେପାରୀଙ୍କୁ ମଧ୍ୟ ବନ ବିଭାଗ କାବୁ କରି ନେଇଛି। ଚମ୍ପୁଆ ବନବିଭାଗ କାର୍ଯ୍ୟାଳୟରେ ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦୁଝର ଡିଏଫଓ ଏହି ସୂଚନା ଦେଇଛନ୍ତି। ଏସିଏଫ୍ ଅଶୋକ ଦାସ, ଅକ୍ଷୟ ଛତ୍ରିୟା, ବଡ଼ବିଲ ରେଞ୍ଜର ସଞ୍ଜୀବ ରାଉତଙ୍କ ସମେତ କେନ୍ଦୁଝର ଓ ଶୁଆକାଟିର ବନାଞ୍ଚଳ ଅଧିକାରୀମାନେ ଉପସ୍ଥିତ ଥିଲେ। ବନ ବିଭାଗର ଯୁଗ୍ମ ଟାସ୍କଫୋର୍ସ, ସ୍ଥାନୀୟ ପୁଲିସ ଓ ରାଜସ୍ୱ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ବଳରେ ଏହି କାରବାରକୁ ପର୍ଦ୍ଦାଫାସ କରାଯାଇଛି। ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ରାମଲା ଫଗୁ ପୋଲ ନିକଟବର୍ତ୍ତୀ ରାମକୃଷ୍ଣ ହେସାଙ୍କ ଘରେ ପୂଜା ପାଠ ଆଳରେ ହାତୀ ଦାନ୍ତ ବିକ୍ରି ପାଇଁ ଯୋଜନା ଚାଲିଥିଲା। ଏ ସମ୍ପର୍କରେ ଓଆର୍ ମାମଲା ନମ୍ବର ୧୨ ସିଏଚ୍/୨୦୨୫-୨୬ ଏବଂ ବନ୍ୟଜୀବ ସୁରକ୍ଷା ଅଧିନିୟମ ୧୯୭୨ର ଧାରା ୯,୩୯(୩) ଏବଂ ୪୯ (ଖ) ଅନୁଯାୟୀ ଏକ ମାମଲା ପଞ୍ଜିକୃତ କରାଯାଇଛି। ଚଢ଼ଉ ସମୟରେ ସେମାନଙ୍କଠାରୁ ୧୫ କି.ଗ୍ରା ଓଜନର ୨ଟି ହାତୀ ଦାନ୍ତ, ୩ଟି ମୋବାଇଲ, ୨ଟି ମଟର ସାଇକଲ ଓ ୧ଟି ସ୍କୁଟି ଜବତ କରାଯାଇଛି। ପୁଲିସ ସହାୟତାରେ ବନ ବିଭାଗ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଶିମିଳିପାଳରେ କଳା ବାଘ ବଂଶବୃଦ୍ଧି

**ବାରିପଦା,୩।୧୨(ସମିସ):** ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ ଜୈବ ମଣ୍ଡଳ ଭାବେ ପ୍ରସିଦ୍ଧିଲାଭ କରିଥିବା ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ମେଲାନାଷ୍ଟିକ୍ କଳା ବାଘଙ୍କ ବଂଶବୃଦ୍ଧି ପାଇବାରେ ଲାଗିଛି। କଳା ବାଘ ବିଚରଣ କରୁଥିବାର

ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

ଭିଡିଓ ପୁଣି ସମ୍ମୁଖକୁ ଆସିଛି। ଶିମିଳିପାଳ ଅଭୟାରଣ୍ୟକୁ ଆସିଥିବା ପର୍ଯ୍ୟଟକ ଉକ୍ତ କଳାବାଘକୁ ଦେଖିଥିବାବେଳେ ଭିଡିଓ ଉତ୍ତୋଳନ କରିଥିଲେ। ଯାହାକି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯାହାକି ଶିମିଳିପାଳରେ କଳା ବାଘଙ୍କ ଉପସ୍ଥିତି ସହ ତାଙ୍କ ବଂଶବୃଦ୍ଧିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବିରଳ ମେଲାନିଷ୍ଟ ପ୍ରଜାତିର କଳାବାଘ ଚିତ୍ର ଅତ୍ୟନ୍ତ ମନୋରମ ରହିଛି। ଏହାକୁ ନେଇ ବନ୍ୟଜନ୍ତୁ ପ୍ରେମୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

ଗତ କିଛିଦିନ ପୂର୍ବେ ବାଘ ଛୁଆ ବିଚରଣ କରୁଥିବାର ଭିଡିଓ ପୂର୍ବତନ ପିସିସିଏଫ୍ ସୋସିଆଲ ମିଡିଆରେ ସେୟାର କରିଥିଲେ। ଶିମିଳିପାଳର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବା ପରେ



କାଠ ମାଫିଆ ଓ ଶିକାରୀଙ୍କ ଲୋଲୁପ ଦୃଷ୍ଟିରୁ ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ଦେବା ପାଇଁ ଯୁଗ୍ମ ଟାସ୍କଫୋର୍ସ, ସଶସ୍ତ୍ର ବାହିନୀ ନିୟୋଜିତ ରହି ପାଟ୍ରୋଲିଂ କରୁଛନ୍ତି। ଯାହା ଫଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବାଘମାନେ ସୁରକ୍ଷିତ ଭାବେ ବିଚରଣ କରୁଛନ୍ତି। ସମଗ୍ର ଭାରତର ସମସ୍ତ କଳାବାଘ କେବଳ ଶିମିଳିପାଳ ଅଭୟାରଣ୍ୟରେ ହିଁ ରହିଛନ୍ତି। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପୂର୍ବରୁ ସଂସଦରେ ତଥ୍ୟ ଉପସ୍ଥାପନ କରିଥିଲେ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପାଇଁ ଏକ ଉପଯୁକ୍ତ ସ୍ଥାନ ବୋଲି ପୂର୍ବରୁ ଏନ୍‌ଟିସିଏ ଘୋଷଣା କରିସାରିଛି। କଳାବାଘ ପାଇଁ ଶିମିଳିପାଳ ଅଭୟାରଣ୍ୟ ବିଶ୍ୱ ଦରବାରରେ ପ୍ରଶଂସା ସାଉଁଟିଥିବାବେଳେ ଏହାର ବଂଶବୃଦ୍ଧି ଓ ସୁରକ୍ଷାକୁ ନେଇ ଅଧିକରୁ ଅଧିକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

ଯବାନ-ପୁଲିସ ଗୁଳି ବିନିମୟ

## ୩ ଯବାନ ସହିଦ , ୧୨ ମାଓବାଦୀ ନିହତ

ମାଲକାନଗିରି, ୩।୧୨(ସମିସ): ଛତିଶଗଡ ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ମାଓ କମିଟି ପକ୍ଷରୁ ଅସ୍ତ୍ର ତ୍ୟାଗ ସହ ପିଏଲଜିଏ ସପ୍ତାହ ପାଳିବୁ ନାହିଁ, ଖୁବ୍‌ଶୀଘ୍ର ମାଓବାଦୀମାନେ ଆତ୍ମସମର୍ପଣ କରିବେ ବୋଲି କିଛିଦିନ ପୂର୍ବେ ଏକ ଅଡିଓ ଟେପ୍‌ରେ ପ୍ରକାଶ କରିଥିଲେ। କିନ୍ତୁ କିଛି ମାଓବାଦୀଙ୍କ ଆତ୍ମସମର୍ପଣ ପରେ ପୁଣି ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚଳାଇଛନ୍ତି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଣି ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟିଛି। ଏହି ଗୁଳିମାଡ଼ରେ ୩ ଜଣ ଯବାନ ସହିଦ ହୋଇଥିବା ବେଳେ ୧୨ଜଣ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ ମାଓ ପ୍ରଭାବିତ ବିଜାପୁର ଜିଲ୍ଲାର ଘଞ୍ଚ ଜଙ୍ଗଲରେ ମାଓବାଦୀମାନେ ଲୁଚି ରହିଥିବା



ଖବର ପାଇ ଯବାନମାନେ ତଲାସୀ ଅଭିଯାନରେ ବାହାରିଥିଲେ। ଯବାନଙ୍କୁ ଦେଖି ମାଓବାଦୀମାନେ ଗୁଳି ଚଳାଇଥିଲେ। ଯବାନମାନେ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ। ଉଭୟ ପକ୍ଷରୁ ଗୁଳି ବିନିମୟ ଜାରି ରହିଥିବା ବେଳେ ମାଓବାଦୀଙ୍କ ଗୁଳିମାରେ ୩ ଜଣ ଯବାନ ସହିଦ ହୋଇଥିବା କୁହାଯାଉଛି। ସେହିପରି ଘଟଣା ସ୍ଥଳରୁ ୧୨ ଜଣ ମାଓବାଦୀଙ୍କ ମର ଶରୀର, ଏସ୍‌ଏଲଆର ବନ୍ଧୁକ, ଇନ୍ସାସ ରାଇଫଲ, ଅନ୍ୟ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଏବେ ମଧ୍ୟ ଅଞ୍ଚଳରେ ତଲାସୀ ଅଭିଯାନ ଜାରି ରହିଥିବା ଜଣାପଡିଛି।

ବସ୍ତର ଆଇଜି ସୁନ୍ଦରରାଜ ପି ସୂଚନା ଦେଇଛନ୍ତି, ଏହି ଅଭିଯାନରେ ଡିଆରଜି, ଏସ୍‌ଟିଏଫ୍, ସିଆରପିଏଫ୍ ଏବଂ କୋବ୍ରା ବାହିନୀର ମିଳିତ ଦଳ ସାମିଲ ହୋଇଛନ୍ତି। ପଶ୍ଚିମ ବସ୍ତର ମାଓ ଡିଭିଜନର ମାଓବାଦୀ ସେଠାରେ ରହିଛନ୍ତି। ଜଣେ ଯବାନ ଆହତ ହୋଇଥିବା ଓ ୩ ଯବାନ ସହିଦ ହୋଇଛନ୍ତି। ଯବାନମାନେ ତଲାସୀ ଅଭିଯାନରୁ ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

■ ପୁଲିସ ଏସ୍‌ଆଇ ପରୀକ୍ଷା ଅନିୟମିତତା ମାମଲା

## ୨ ଦିନିଆ ରିମାଣ୍ଡ ଶେଷ; ଜେଲ୍ ଗଲେ ଅରବିନ୍ଦ

ଭୁବନେଶ୍ୱର, ୩।୧୨(ସମିସ): ପୁଲିସ୍ ସବ୍ ଇନ୍ସପେକ୍ଟର ପରୀକ୍ଷା ଅନିୟମିତତା ମାମଲାରେ ଛନ୍ଦି ହୋଇଥିବା ପଞ୍ଚସଫ୍ଟର ମାଲିକ ଶଙ୍କର ପୃଷ୍ଟିଙ୍କ ବରିଷ୍ଠ ସହଯୋଗୀ ତଥା କ୍ରାଇମ୍ ସିଣ୍ଡିକେଟ୍‌ର ଉତ୍ତର ଓଡ଼ିଶା ମୁଖ୍ୟ ଅରବିନ୍ଦ ଦାସଙ୍କ ୨ ଦିନିଆ ସିବିଆଇ ରିମାଣ୍ଡ ଶେଷ ହୋଇଛି। ତାଙ୍କୁ କୋର୍ଟରେ ହାଜର କରାଯିବା ପରେ କୋର୍ଟଙ୍କ ନିର୍ଦ୍ଦେଶ ପରେ ଝାରପଡା ଜେଲକୁ ପଠାଇ ଦିଆଯାଇଛି।

ସିବିଆଇ ରିମାଣ୍ଡରେ ଥିଲା ବେଳେ ସେ ସିବିଆଇକୁ ଏସ୍‌ଆଇ ଚାକିରି ବିକ୍ରି ସମ୍ପର୍କରେ ବହୁ ତଥ୍ୟ ଦେଇଛନ୍ତି। ଉତ୍ତର ଓଡ଼ିଶାରେ ଜବ୍ ସ୍କାମ୍‌ର ନେଟ୍‌ୱାର୍କ କିପରି ଅପରେଟ୍ କରେ। ତାଙ୍କ ସହ କେଉଁମାନେ ଯୋଗାଯୋଗରେ ଥିଲେ। ସେ ଶଙ୍କର ପୃଷ୍ଟିଙ୍କୁ କିଭଳି ଟଙ୍କା ଦେଉଥିଲେ। ଶଙ୍କର କିଭଳି ଅପରେଟ୍ କରୁଥିଲେ। ଏସବୁର ଗୁମର ଖୋଲିଥିବା ନେଇ ସିବିଆଇର ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

## ମାଧୁରୀ ଦୀକ୍ଷିତଙ୍କ ଶାଢ଼ୀ ପିନ୍ଧା ଖର୍ଚ୍ଚ ୧.୬ କୋଟି

ଭୁବନେଶ୍ୱର,୩।୧୨(ସମିସ): ଓଡ଼ିଶା ହସ୍ତତନ୍ତର ଚାହିଦା ସାରା ବିଶ୍ୱରେ ରହିଛି। ସମ୍ବଲପୁରୀ ବାନ୍ଧ, ବରଗଡ଼ ଓ ବ୍ରହ୍ମପୁରୀ ପାଟ ସାଙ୍ଗକୁ ମାଣିଆବନ୍ଧ ପାଟବସ୍ତ୍ରକୁ ଲୋକେ ଅନଲାଇନରେ ଖୋଜିଖୋଜି କିଣୁଛନ୍ତି । ସାରା ଦେଶରେ ଶ୍ରେଷ୍ଠ ୫ଟି ହସ୍ତତନ୍ତ ଶାଢ଼ୀ ବା ସାମଗ୍ରୀ ସୂଚୀରେ ଓଡ଼ିଶାର ହସ୍ତତନ୍ତ ରହିଛି । ଏହାକୁ ଆହୁରି ଅଧିକ ପ୍ରଚାର କରିବାକୁ ରାଜ୍ୟ ସରକାରଙ୍କ ବୟନ ଶିଳ୍ପ ବିଭାଗ ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଦେଇଛି ୧.୬ କୋଟି ଟଙ୍କା। ଓଡ଼ିଶାକୁ ମାଧୁରୀ ଓ ତାଙ୍କ ସହାୟକମାନଙ୍କ ଯିବା ଆସିବା ନିମନ୍ତେ ବିମାନ ଖର୍ଚ୍ଚ, ତାରକା ହୋଟେଲରେ ରହିବା, ଖାଇବା ପିଇବା ଖର୍ଚ୍ଚ ମଧ୍ୟ ବିଭାଗ ବହନ

■ ବିମାନ ଭଡ଼ା, ରହିବା ଓ ଖାଇବା ଖର୍ଚ୍ଚ ଅଲଗା
■ ବିଧାନସଭାରେ ବିଭାଗୀୟ ମନ୍ତ୍ରୀଙ୍କ ସୂଚନା

କରିଛି। ମୋଟାମୋଟି ଦେଖିଲେ ମୋଟାମୋଟି ଖର୍ଚ୍ଚ ୨ କୋଟି ଟପିବ। ପୂର୍ବରୁ ଓଡ଼ିଆ ଅଭିନେତ୍ରୀମାନେ ଓଡ଼ିଶା ହସ୍ତତନ୍ତର ବିଜ୍ଞାପନ କରୁଥିଲେ। ମାତ୍ର ଏବେ ମାଧୁରୀ ଦୀକ୍ଷିତଙ୍କୁ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସଡ଼ାର ନିଯୁକ୍ତି ଦିଆଯାଇଛି ଏବଂ ଓଡ଼ିଆ ହସ୍ତତନ୍ତ ଶାଢ଼ୀ ପିନ୍ଧିବାକୁ ତାଙ୍କୁ ୧.୬ କୋଟି ଟଙ୍କା ସହ ତାଙ୍କ ପାଇଁ ଅନ୍ୟାନ୍ୟ ବ୍ୟଞ୍ଜ ମଧ୍ୟ ହସତନ୍ତ ଓ ହସ୍ତଶିଳ୍ପ ବିଭାଗକୁ ବହନ କରିବାକୁ ପଡ଼ିଛି।

ଅତୀତରେ ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲ, ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓଡ଼ିଶାର ହସ୍ତତନ୍ତ ଶାଢ଼ୀ ପିନ୍ଧୁଥିଲେ, ତାହାକୁ ଆଦର କରୁଥିଲେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓଡ଼ିଶା ହସ୍ତତନ୍ତ ଶାଢ଼ୀ ପିନ୍ଧି ବଜେଟ୍ ଆଗତ କରିଥିବା ଦେଖାଯାଇଛି। ସୋନପୁରର ପ୍ରସିଦ୍ଧ ହସ୍ତତନ୍ତ ଶିଳ୍ପୀଙ୍କ ଦ୍ୱାରା ଓଡ଼ିଆ ବର୍ଣ୍ଣମାଳା ଲିଖିତ ଶାଢ଼ୀକୁ ଅଭିନେତ୍ରୀ ବିଦ୍ୟାବାଲାନ୍ ପିନ୍ଧି ଶକୁନ୍ତଳା ଦେବୀଙ୍କ ଚରିତ୍ରରେ ଅଭିନୟ କରି ବିନାମୂଲ୍ୟରେ ଓଡ଼ିଆ ହସ୍ତତନ୍ତର ପ୍ରଚାର ପ୍ରସାର କରିଛନ୍ତି। ମାତ୍ର ଏବେ ମାଧୁରୀ ଓଡ଼ିଆ ହସ୍ତତନ୍ତକୁ ପ୍ରଚାର କରିବା ଦ୍ୱାରା ଆଗାମୀ ଦିନରେ ଓଡ଼ିଶାର ହସ୍ତତନ୍ତ ଶାଢ଼ୀ ଓ ସାମଗ୍ରୀ ବହୁଗୁଣ ବୃଦ୍ଧି ପାଇବ ବୋଲି ବିଭାଗ ଆଶା ରଖିଛି ଓ ରାଜକୋଷରୁ ପାଖାପାଖି ୨ କୋଟି ଟଙ୍କା ବ୍ୟୟ କରାଯାଇଛି। ଆଜି ବିଧାନସଭାରେ ବିଧାୟକ ଅରୁଣ କୁମାର ସାହୁଙ୍କ ଏକ ପ୍ରଶ୍ନରେ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ଯେ, ମାଧୁରୀଙ୍କୁ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସଡ଼ାର ନିଯୁକ୍ତି ଦ୍ୱାରା ଓଡ଼ିଶା ବୁଣାକାର ମାନଙ୍କର



ସାମାଜିକ ଓ ଆର୍ଥିକ ମାନଦଣ୍ଡରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିବ। ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ କଳା ଓ ସୁନାମ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚି ଯାଇପାରିବ ଏବଂ ଓଡିଶାର ବୁଣାକାର ମାନଙ୍କର ସାମାଜିକ ଓ ଆର୍ଥିକ ମାନଦଣ୍ଡରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିବ। ଏହି ନିଯୁକ୍ତି ପାଇଁ ମାଧୁରୀଙ୍କୁ ରାଜ୍ୟ ରାଜକୋଷରୁ ୧କୋଟି ୬୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବିମାନ ଯାତାୟତ ସହ ରହିବା ଓ ଖାଇବା ଖର୍ଚ୍ଚ ବାବଦରେ ଅଲଗା ବ୍ୟୟ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

ଅନ୍ୟପକ୍ଷରେ ମାଧୁରୀ ଦୀକ୍ଷିତ ଆମ ଓଡ଼ିଆ ହସ୍ତତନ୍ତର କ'ଣ ପ୍ରଚାର ପ୍ରସାର କରିଛନ୍ତି ଓ ଏହାପରେ ଓଡ଼ିଶାରେ ଏହାର ପ୍ରଭାବ କେତେ ପଡ଼ିଛି ତାହାର ତର୍ଜମା କରିବାକୁ ପ୍ରସ୍ତାବ ଦେଇଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ। ଏହା ସହିତ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ଏହି ପଦକ୍ଷେପ ଦ୍ୱାରା ବିକ୍ରିବଟା କେତେ ପରିମାଣରେ ବଢ଼ିଛି ଓ ବୁଣାକାର କେତେ ଲାଭବାନ ହୋଇଛନ୍ତି ସେ ସମ୍ପର୍କରେ ଅନୁଧ୍ୟାନ କରିବା ଆବଶ୍ୟକ ବୋଲି ଶ୍ରୀ ସାହୁ ଦାବି କରିଛନ୍ତି ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ; ତିନି ଗିରଫ

ବେଲଗୁଣ୍ଠା,୩।୧୨(ସମିସ): ବେଲଗୁଣ୍ଠା ଥାନା ଅନ୍ତର୍ଗତ ସୁତୁମୁସର ଗ୍ରାମରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ବେଲଗୁଣ୍ଠା ପୁଲିସ୍ ସେହି ଗ୍ରାମର ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୁତୁମୁସର ଗ୍ରାମର ଯୁଗଳ ବିଷୋୟୀ (୩୨) ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢ଼େ ୩ଟା ସମୟରେ ଗୋଖାଦ୍ୟ କିଣିବାକୁ ବେଲଗୁଣ୍ଠା ଯାଉଥିବା ବେଳେ ସୁତୁମୁସର ଗ୍ରାମର ଟୁଟୁ ଦଳେଇ ଏବଂ ତାଙ୍କର ଦୁଇ



ପୁଅ ବିନୋଦ ଓ ବିଘ୍ନ ଯୁଗଳଙ୍କୁ ଗାଳି କରିବା ସହିତ ମିଳିତ ଆକ୍ରମଣ କରିଥିଲେ। ଏନେଇ ଯୁଗଳ ବେଲଗୁଣ୍ଠା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରାଯିବା ସହିତ ରାତିରେ ଅଭିଯୁକ୍ତ ଟୁଟୁ, ବିନୋଦ ଏବଂ ବିଘ୍ନକୁ ଗିରଫ କରାଯାଇଥିଲା। ବୁଧବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବର କହିଛନ୍ତି।

## ହତ୍ୟା ଉଦ୍ୟମ ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

ଦିଗପହଣ୍ଡି, ୩।୧୨(ସମିସ): ଦିଗପହଣ୍ଡି ଥାନା ଅନ୍ତର୍ଗତ ବି.ତୁରୁବୁଡି ଗ୍ରାମର ଟୁନା ଚୌଧୁରୀଙ୍କୁ ହତ୍ୟା ଉଦ୍ୟମ ଘଟଣାର ମୁଖ୍ୟ ଅଭିଯୁକ୍ତ ପି.କ୍ରିଷ୍ଣା ରେ‡ୀଙ୍କୁ ବୁଧବାର ତଦନ୍ତକାରୀ ଅଧିକାରୀ ଏସ୍ଆଇ ରାଜକିଶୋର ପାତ୍ର ଗିରଫ କରି କୋର୍ଟଚାଲାଣ କରିଛନ୍ତି। ବି.ତୁରୁବୁଡି ଗ୍ରାମର ଶ୍ରମିକ ଠିକାଦାର ପି. ତ୍ରିନାଥ ରେ‡ୀଙ୍କ ସହ ଟୁନାଙ୍କ ମଧ୍ୟରେ ଜମି ମାଲିକାନକୁ ନେଇ ବିବାଦ ଲାଗି ରହିଥିଲା। ପୂର୍ବ ଯୋଜନା ପ୍ରକାରେ ତ୍ରିନାଥଙ୍କ ପୁଅ କ୍ରିଷ୍ଣା ଗତ ନଭେମ୍ବର ୧୩ ସନ୍ଧ୍ୟାରେ ଟୁନାଙ୍କ ସାଇକେଲ ଯୋଗେ ସାନ୍ଧ୍ୟ ଭ୍ରମଣରେ ଯାଉଥିବା ବେଳେ ଗାଁ ରାସ୍ତାରେ କ୍ରିଷ୍ଣା ଅଟକାଇ ଅନ୍ୟଜଣେ ସହଯୋଗୀଙ୍କ ଉପସ୍ଥିତିରେ ଖଣ୍ଡାରେ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଥିଲା। ଟୁନାଙ୍କୁ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଚିକିତ୍ସିତ ହୋଇ ଫେରିବା ପରେ ଟୁନା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର (ନଂ.୪୧୭/୨୫)ରେ ଏକ ମାମଲା ରୁଜୁ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଚାଳକ ମୃତ

ଖଲ୍ଲିକୋଟ,୩।୧୨(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ବାକୁଟୁ ଗାଁ ନିକଟରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ କମାରସିଙ୍ଗ ଗ୍ରାମର ବିଜୁ ଶବର ବୋଲି ଜଣାପଡିଛି। ବୁଧବାର ଅପରାହ୍ନ ପ୍ରାୟ ୧୨ଟାରେ ବିଜୁ ଏକ ବାଇକ ଯୋଗେ ବାକୁଟୁ ଗାଁରୁ ନିଜ ଗ୍ରାମ କମାରସିଂ ଯାଉଥିବାବେଳେ ମା' କାଳୀ ଗୌଡୁଣି ରାସ୍ତାରେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଭେଜିପୁଟ ଫାଣ୍ଡି ପୁଲିସ ମେଡ଼ିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

## ପୁଲିସକୁ ଧମକାଇ ୩ ଗିରଫ

ଭଞ୍ଜନଗର,୩।୧୨(ସମିସ): ପୁଲିସକୁ ଗାଳିଗୁଲଜ ଓ ଧମକ ଦେବା ସହ ମାରିବାକୁ ଚେଷ୍ଟା କରିବା ମହଙ୍ଗା ପଡିଛି। ଏହି ମାମଲାରେ ପୁଲିସ ଧୁମୁଛାଇର ବିଚିତ୍ର ସ୍ୱାଇଁ, ସଂଗ୍ରାମ ସ୍ୱାଇଁ ଏବଂ ବିକ୍ରମ କିଶୋର ସ୍ୱାଇଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ସୋମବାର ସନ୍ଧ୍ୟାରେ ଥାନାଧିକାରୀ ଜୀବନାନନ୍ଦ ଜେନାଙ୍କ ନିର୍ଦ୍ଦେଶ ପ୍ରକାରେ ଏସ୍ଆଇ ସମୀର କୁମାର ସେଠୀ ଓ ଥାନା କର୍ମଚାରୀ ବେଲଗୁଣ୍ଠା ରାସ୍ତାରେ ପାଟ୍ରୋଲିଂ କରୁଥିଲେ। ସେହି ସମୟରେ ଜାମପଲ୍ଲୀ ଛକ ନିକଟ ବିଦେଶୀ ମଦ ଦୋକାନ ପାଖରେ ଥିବା ଏକ ଦୋକାନରେ କିଛି ଲୋକ ଠିଆ ହୋଇ ଗ୍ଲାସ ଧରି ମଦ ପିଇବା ସହ ପାଟିତୁଣ୍ଡ କରୁଥିବା ଖବର ପାଇ ପାଟ୍ରୋଲିଂ ଟିମ୍ ସେଠାରେ ପହଞ୍ଚିଥିଲେ। ପୁଲିସ ଆସିବା ଦେଖି ଲୋକମାନେ ଦୌଡ଼ିବା ଆରମ୍ଭ କରିଥିଲେ। ଏଠାରେ କାହିଁକି ଗହଳି ହୋଇଛି ବୋଲି ପୁଲିସ ଦୋକାନୀକୁ ପଚାରିଥିଲେ। ଏହି ସମୟରେ ଦୋକାନ ମାଲିକ ବିକ୍ରମ ସ୍ୱାଇଁ ଓ ତାଙ୍କ ବାପା ବିଚିତ୍ର ସ୍ୱାଇଁ ପୁଲିସକୁ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବୁ ବୋଲି ଧମକ ଦେଇଥିଲେ। ମିଛ ଅଭିଯୋଗ କରି ତୁମକୁ ଫସେଇଦେବି ଓ ତୁମକୁ ସସ୍‌ପେଣ୍ଡ କରାଇଦେବି ବୋଲି ବିଚିତ୍ର ସ୍ୱାଇଁ ପୁଲିସକୁ କହିଥିଲେ। ବହୁ କଷ୍ଟରେ ପୁଲିସ ବାପା ପୁଅ ତିନି ଜଣକୁ ଧରିବାରେ ସକ୍ଷମ ହୋଇଥିଲା। ପୁଲିସକୁ ଧମକାଇବା ଅଭିଯୋଗରେ ଏକ ମାମଲା ରୁଜୁ କରି ୩ ଜଣକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ କହିଛନ୍ତି।

## ସାମ୍ବାଦିକଙ୍କୁ ଆକ୍ରମଣ ମାମଲା
# ଖୁବ୍‌ଶୀଘ୍ର ଗିରଫ ହେବେ ଅଭିଯୁକ୍ତ: ଏସ୍‌ଡିପିଓ

କୋଦଳା,୩।୧୨(ସମିସ): କୋଦଳା ଏନଏସି କାର୍ଯ୍ୟାଳୟରେ ସାମ୍ବାଦିକ ଭଗବାନ ପାଢୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ବଡ଼ ସୂଚନା ଦେଇଛନ୍ତି ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର। ବୁଧବାର ଏନେଇ କୋଦଳା ଥାନାରେ ପହଞ୍ଚି ତଦନ୍ତ ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ଗଠନ ହୋଇଛି ସ୍ୱତନ୍ତ୍ର ଟିମ। ଖୁବଶୀଘ୍ର ଗିରଫ ହୋଇ ପାରନ୍ତି ଅଭିଯୁକ୍ତ। ଘଟଣା ଘଟାଇବା ପରଠୁ ଅଭିଯୁକ୍ତ ମାନେ ଫେରାର ଥିବା ବେଳେ ସେମାନଙ୍କୁ ଧରିବାକୁ ପୁଲିସ ଜାଲ ବିଛାଇଛି। ସେପଟେ କୋଦଳା ଏନଏସି କାର୍ଯ୍ୟାଳୟରୁ ସିସିଟିଭି ଫୁଟେଜ ଗାଏବ୍ ଘଟଣାରେ ଅସନ୍ତୋଷ ପ୍ରକାଶ କରିଛନ୍ତି ଏସପି। ସିସିଟିଭି ହାର୍ଡ ଡିସ୍କ ଜବତ କରି ତଦନ୍ତ କରାଯାଉଛି। ଘଟଣାରେ ଯେଉଁ ମାନଙ୍କର ସଂପୃକ୍ତି ଥିବ ତାଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଏସଡିପିଓ ସୁଜିତ କୁମାର ନାୟକ। ମଙ୍ଗଳବାର ଗଞ୍ଜାମ ଜିଲ୍ଲା ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ସୁନୀଲ କେରକେଟା ମଧ କୋଦଳା ଏନଏସିରେ ପହଞ୍ଚି ତଦନ୍ତ କରିଛନ୍ତି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ଅଧ୍ୟକ୍ଷଙ୍କ ସହିତ ଘଟଣା ସଂପର୍କରେ ଆଲୋଚନା କରିଛନ୍ତି। ତେବେ ଏନଏସି କାର୍ଯ୍ୟାଳୟ ପରିସରରେ ବହୁ ସାମ୍ବାଦିକ ଡୁଡା ପିଡିଙ୍କୁ ଘଟଣା ସଂପର୍କରେ ପଚାରିବାରୁ ସେ ମୁହଁ ଖୋଲି ନାହାନ୍ତି। ତଦନ୍ତ ଚାଲିଥିବା କହି ସାମ୍ବାଦିକ ମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ନଦେଇ ମୁହଁ ଆଡେଇ ଚାଲି ଯାଇଥିଲେ। ଯାହାକୁ ନେଇ ଅଧିକ ସନ୍ଦେହ ଘନୀଭୂତ ହୋଇଛି। କିନ୍ତୁ ଡୁଡା ପିଡି ଏନଏସି କାର୍ଯ୍ୟାଳୟରୁ ଅନ୍ୟ ରାସ୍ତା ଦେଇ କୋଦଳା ଥାନାକୁ ମଧ ଯାଇଥିବା ଦେଖିବାକୁ ମିଳିଥିଲା। ହାର୍ଡ ଡ଼ିସ୍କ ଜବତ ହୋଇଛି ଦୋଷୀକୁ ନିଶ୍ଚିତ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ଥାନା ଅଧିକାରୀ ଶ୍ରୀ ବେହେରା। ଅଧ୍ୟକ୍ଷ ସରକାରୀ ଦଳର ହୋଇ ଥିବାରୁ ଘଟଣାକୁ ଚପାଇ ଦେବାକୁ ଯୋଜନା ଚାଲିଥିବା ଏବଂ ଏଥିରେ ଖୋଦ୍ ଉପରିସ୍ଥ ଅଧିକାରୀ ସହଯୋଗ କରୁଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ ଗତ ୨୮ ତାରିଖରେ କୋଦଳା ଏନଏସି କାର୍ଯ୍ୟାଳୟରେ ଟେଣ୍ଡର ଫିକ୍ସିଂକୁ ନେଇ ପ୍ରତିବାଦ କରିଥିଲେ ସାମ୍ବାଦିକ ଭଗବାନ ପାଢୀ। ଏହି ସମୟରେ କୋଦଳା ଏନଏସି କାର୍ଯ୍ୟାଳୟ ପରିସରରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ଦୁର୍ବୃତ୍ତ। ଖୋଦ୍ ଏନଏସି ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ ଓ କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥଙ୍କ ପ୍ରରୋଚନାରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ କୋଦଳା ଥାନାରେ ଏତଲା ଦେଇଥିଲେ ସାମ୍ବାଦିକ ଭଗବାନ ପାଢୀ। ଜିଲ୍ଲାର ବହୁ ସଂଖ୍ୟାରେ ସାମ୍ବାଦିକ ମାନେ ଘଟଣାକୁ ଦୃଢ଼ ନିନ୍ଦା କରିବା ସହିତ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ କୋଦଳା ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଏଟିଏମ୍ ଅଚଳ; ଗ୍ରାହକ ହନ୍ତସନ୍ତ

ରଙ୍ଗେଇଲୁଣ୍ଡା,୩।୧୨(ସମିସ): ରଙ୍ଗେଇଲୁଣ୍ଡା ବ୍ଲକ ଅଧିନସ୍ଥ ଗୋଳନ୍ଥରା ଚଟି ଷ୍ଟେଟ ବ୍ୟାଙ୍କ ଅଫ୍




ଇଣ୍ଡିଆ ନିକଟରେ ଥିବା ଏଟିଏମ୍ ଦୀର୍ଘ ୩ ମାସ ହେଲା ଅଚଳ ହୋଇପଡିଛି। ଫଳରେ ଗ୍ରାହକ ହନ୍ତସନ୍ତ ହେଉଛନ୍ତି। ଗୋଳନ୍ଥରା ଚଟି ଛକ ହେଉଛି ୩୦ରୁ ଊର୍ଦ୍ଧ୍ୱ ଗ୍ରାମର ମୁଖ୍ୟରାସ୍ତା। ସେହିପରି ଏହା ୧୬ନଂ. ଜାତୀୟ ରାଜପଥ ପାଶ୍ୱର୍ ହୋଇଥିବା ଯୋଗୁ ଲୋକେ ଚଟି ଛକ ଉପରେ ନିର୍ଭର କରିଥାନ୍ତି। ଲୋକଙ୍କ ସୁବିଧା ପାଇଁ କିଛିବର୍ଷ ତଳେ ଏଠାରେ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ସହ ଏଟିଏମ ସ୍ଥାପନ ହୋଇଥିଲା। କିଛିଦିନ ଠିକ୍‌ଠାକ୍ ଚାଲିଥିବାରୁ ଏହି ବ୍ୟାଙ୍କରେ ୧୫ ହଜାରରୁ ଊର୍ଦ୍ଧ୍ୱ ଗ୍ରାହକ ଖାତା ଖୋଲିବା ସହ ଏଟିଏମରୁ ଟଙ୍କା ଉଠାଣ କରି ସେବା ପାଇପାରୁଥିଲେ। ଆଜିକୁ ପ୍ରାୟ ୩ ମାସ ହେଲା ଏଟିଏମ୍ ଅଚଳ ହୋଇରହିଥିବା ବେଳେ ଗ୍ରାହକମାନେ ଟଙ୍କା ଉଠାଣ ପାଇଁ ବ୍ୟାଙ୍କରେ ଲମ୍ବା ଧାଡିରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ଆଦୌ ଦୃଷ୍ଟି ଦେଉନଥିବାରୁ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ପରିଚାଳକଙ୍କ ସହ ଯୋଗାଯୋଗ କରିବାରୁ ନୂଆ ମେସିନ ଆସିଛି ଇନ୍‌ଷ୍ଟଲେସନ ପାଇଁ ସମୟ ଲାଗିବ, ଏହି ମାସ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି।

## ଢଉଗାଁରେ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ



ଧରାକୋଟ,୩।୧୨(ସମିସ): ଧରାକୋଟ ବ୍ଲକ ଢ଼ଉଗାଁ ଶିବ ମନ୍ଦିର ନିକଟରେ ଶ୍ରୀ ଶ୍ରୀ ଭୁବନେଶ୍ୱର କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଧରାକୋଟ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଯୋଗଦେଇ ଏହାକୁ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ସମ୍ମାନୀତ ଅତିଥି ଭାବରେ ସରପଞ୍ଚ ମନୁ ପାତ୍ର, ବିଡିଓ ସଂଗ୍ରାମ କେଶରୀ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି, ଗ୍ରାମ ପଞ୍ଚାୟତର ମିଳିତ ଅନୁଦାନ ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟରେ ଏହି କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଛି। ଶେଷରେ ପୂର୍ବତନ ସରପଞ୍ଚ ଦୀଲିପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଖୋଖୋ ପ୍ରତିଯୋଗିତା: ଖେମୁଣ୍ଡି କଲେଜ ଚାମ୍ପିଅନ

ପୋଲସରା,୩।୧୨(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡିଶା ଆନୁକୂଲ୍ୟରେ ବୁଧବାର ପୋଲସରା ବ୍ଲକ ବର୍ତ୍ତିନି ମହାବିଦ୍ୟାଳୟ



ଖେଳ ପଡ଼ିଆରେ ରାଜ୍ୟସ୍ତରୀୟ ୧୯ବର୍ଷରୁ କମ୍ ବାଳିକା ଖୋଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଯାଜପୁର ରୋଡ଼ ଇନ୍ଦିରାଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାଳିକା ଦଳକୁ ପରାସ୍ତ କରି ଗଞ୍ଜାମର ଖେମୁଣ୍ଡି କଲେଜର ଚାମ୍ପିଅନ ହୋଇଛି। ଦୁଇଦିନ ଧରି ଆୟୋଜିତ ହୋଇଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ କଲେଜ ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିନରେ ମୋଟ ୧୨ଟି ଦଳ ମଧ୍ୟରେ ନକଆଉଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସେଥିମଧ୍ୟରୁ ଗଞ୍ଜାମ ଜିଲ୍ଲାର ଖେମୁଣ୍ଡି କଲେଜ ଓ ଯାଜପୁର ରୋଡ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରେ ଫାଇନାଲ ଖେଳା ଯାଇଥିଲା। ଉଭୟ ରାଉଣ୍ଡରେ ଏହି ମ୍ୟାଚରେ ଖେମୁଣ୍ଡି ଦଳ ଚାମ୍ପିଅନ୍ ହୋଇଛି। ବିଜୟୀ ଦଳ ଏବଂ ଅନ୍ୟ ଖେଳାଳି ଆଗାମୀ ଦିନରେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବର୍ତ୍ତିନି ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷ ସଚ୍ଚିଦ୍ର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ବିଧାୟକ ପ୍ରତିନିଧି କାମ୍ପ ବଡ଼େଇ, ଅଧ୍ୟାପକ ମନୋଜ କୁମାର ସାହୁ, କ୍ରୀଡା ଶିକ୍ଷକ ରମେଶ ଗୌଡ଼, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଆସିଥିବା ଚୟନକ୍ରିୟା ସଭ୍ୟ ସୁବାସ ଚନ୍ଦ୍ର ବଳ, ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ମନୋଜ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।






## ମହିଳାଙ୍କୁ ଅସଦାଚରଣ; ଜଣେ ଗିରଫ

କୁକୁଡ଼ାଖଣ୍ଡି,୩।୧୨(ସମିସ): କୁକୁଡ଼ାଖଣ୍ଡି ବ୍ଲକ ତଥା ସଦର ଥାନା ଅନ୍ତର୍ଗତ ଆଙ୍କୁଶପୁର ଗାଁର ସୁଶିଲ କୁମାର ରଥ ସେହି ଅଞ୍ଚଳର ଏକ ଆରୋଗ୍ୟ ମନ୍ଦିର ନିକଟରେ ଥିବା ଏକ ଏଏନଏମ୍ ସେଣ୍ଟରକୁ ଯାଇ ଜଣେ ମହିଳା କର୍ମଚାରୀଙ୍କୁ ଦୀର୍ଘ ଏକ ବର୍ଷ ହେଲା ଅସଦାଚରଣ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏପିରିକି ଅଭିଯୁକ୍ତ ମଙ୍ଗଳବାର ଦିନ ସକାଳେ ଆରୋଗ୍ୟ ମନ୍ଦିର ଭିତରେ ପଶି ସମ୍ପୃକ୍ତ ମହିଳାଙ୍କୁ ଅସଦାଚରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ତଦନ୍ତ ପରେ ସତ୍ୟତା ଥିବାରୁ ପୁଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି।

## ସଚେତନ ମହିଳା ହିଁ ସଶକ୍ତ ମହିଳା

ଛତ୍ରପୁର, ୩।୧୨(ସମିସ): ଦକ୍ଷିଣ ଓଡ଼ିଶା ଇକୋନମିକ୍ ଆସୋସିଏସନ ଏବଂ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଛତ୍ରପୁର ଆନୁକୂଲ୍ୟରେ 'ମହିଳା ସଶକ୍ତିକରଣ' ଉପରେ ଏକ ଜାତୀୟ ସମ୍ପାନ ଆୟୋଜିତ ହୋଇଯାଇଛି। ଆସୋସିଏନର ସଭାପତି ତଥା ବନାରସ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼ ମୃତ୍ୟୁଞ୍ଜୟ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ଉଦଘାଟନୀ ଉତ୍ସବରେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତିକରଣର ବିଭିନ୍ନ ଦିଗ ଉପରେ ଆଲୋଚନା ଅରିଥିଲେ।

ଅର୍ଥନୀତି ବିଭାଗର ସହକାରୀ ପ୍ରଫେସର ଡ଼ ପ୍ରେରଣା ପଣ୍ଡା ଅତିଥି ପରିଚୟ, ଅନୁଷ୍ଠାନର ସମ୍ପାଦିକା ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ସଂଧ୍ୟାରାଣୀ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟର ପ୍ରାଧ୍ୟାପିକା ଡ଼ ମିନତୀ ସାହୁ ଭିତ୍ତିପ୍ରବନ୍ଧ ଉପସ୍ଥାପନା କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ସୁଶାନ୍ତ ଦାସ ସମସ୍ତ ଅତିଥିଙ୍କୁ ମହାବିଦ୍ୟାଳୟକୁ ସ୍ୱାଗତ କରିଥିଲେ। ଅଧ୍ୟକ୍ଷ ଡ଼ ଅଜୟ କୁମାର ତ୍ରିପାଠୀ ପ୍ରାସଙ୍ଗିକ ଅଭିବ୍ୟକ୍ତି ବ୍ୟକ୍ତ କରିବା ସହ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ଏବଂ ସହ ପ୍ରଫେସର ରଶ୍ମି ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉଦଯାପନୀ ଉତ୍ସବରେ ବିଭୁ ପ୍ରସାଦ ସାହୁ, ପ୍ରଫେସର ନିଳାଚଳ ଆଚାର୍ଯ୍ୟ, ଡ଼ ବିବିଲତା ସ୍ୱପ୍ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଓଡ଼ିଶା ଇକୋନୋମିକ ଆସୋସିଏସନ ପକ୍ଷରୁ ଡ. ଅଜୟ କୁମାର ପାଢୀ, ସୁଶାନ୍ତ ଦାସ ଏବଂ ଡ. ପ୍ରେରଣା ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ଅବସରରେ ଅର୍ଥନୀତି ବିଭାଗର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ଡ଼ ସସ୍ମିତା ବେହେରା, ଡ଼ ପ୍ରଭାକର ପାତ୍ରୀ, ଡ଼ ଗଙ୍ଗାଧର ନାୟକ, ପାରଳା ମହାରାଜା ସରକାରୀ ବୈଷୟିକ ମହାବିଦ୍ୟାଳୟର ସହାୟକ ପ୍ରଫେସର ଡ଼ ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଏବଂ ସମସ୍ତ ଛାତ୍ରଛାତ୍ରୀ ସହାୟତା ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଡ଼ ଅଜୟ କୁମାର ତ୍ରିପାଠୀ, ସମ୍ପାଦକ ପ୍ରଫେସର ସଂଧ୍ୟାରାଣୀ ଦାଶ ଏବଂ ପ୍ରଶାସନିକ ଅଧିକାରୀ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ
# ଷ୍ଟ୍ରିଟ୍ ଲାଇଟ ଭେଣ୍ଡରଙ୍କୁ ଶୁଣାଇଲେ ଚରମବାଣୀ

ଛତ୍ରପୁର,୩।୧୨(ସମିସ): ଗଞ୍ଜାମ ଜିଲ୍ଲାରେ ଷ୍ଟ୍ରିଟ୍‌ଲାଇଟ ଭେଣ୍ଡର ପାଇଥିବା ଏଜେନ୍ସି ମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଛତ୍ରପୁର ସ୍ଥିତ ଜିଲ୍ଲା ପରିଷଦ ଭବନରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇ ଜିଲ୍ଲାପାଳ ଭେଣ୍ଡର ମାନଙ୍କୁ ଚରମବାଣୀ ଶୁଣାଇଛନ୍ତି। ଜିଲ୍ଲାର ଯେଉଁଠି ଗଲେ ବି ଏଲଇଡ଼ି ଷ୍ଟ୍ରିଟ ଲାଇଟ କାମ କରୁ ନଥିବା ଅଭିଯୋଗ ଆସୁଛି। ଏଜେନ୍ସିମାନେ ନିଜ ଦାୟିତ୍ୱ ଠିକ ଭାବେ ନିର୍ବାହ କରୁନାହାନ୍ତି କି ଠିକ ଭାବେ ସେଗୁଡିକ କାର୍ଯ୍ୟ କରୁନାହାନ୍ତି। ଅଭିଯୋଗ ଆସିଲେ ବି ଏହାକୁ କର୍ଣ୍ଣପାତ କରୁ ନାହାନ୍ତି, ଏନେଇ ଗଞ୍ଜାମ ଜିଲ୍ଲାପାଳ ଏଜେନ୍ସି ମାନଙ୍କ ଉପରେ ବିରକ୍ତି




ପ୍ରକାଶ କରିଥିଲେ। ୨୦୧୮-୧୯, ୨୦୧୯-୨୦, ୨୦୨୦-୨୧, ୨୦୨୧- ୨୦୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ପାଇଥିବା ୫ ଜଣ ଷ୍ଟ୍ରିଟ୍ ଲାଇଟ ଭେଣ୍ଡରଙ୍କ ମଧ୍ୟରୁ ଦୁଇ ଜଣ ଭେଣ୍ଡରଙ୍କ କାର୍ଯ୍ୟକଳାପକୁ ନେଇ ଜିଲ୍ଲାପାଳ ବହୁତ ଖପ୍ପା ହେବା ସହିତ ସେମାନଙ୍କୁ କଡ଼ା ଚେତାବନୀ ଶୁଣାଇଥିଲେ। ଯେଉଁ ଅଞ୍ଚଳ ଗୁଡ଼ିକରେ ସେମାନେ ସ୍ଥାପନ କରି ନାହାନ୍ତି ସେମାନେ ତୁରନ୍ତ ଆସନ୍ତା ୩୧ ତାରିଖ ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଯେଉଁମାନେ କାମ କରି ପାରୁନାହାନ୍ତି ସେମାନେ ଛାଡ଼ି ଚାଲି ଯାଅ ବୋଲି ଜିଲ୍ଲାପାଳ ସିଧାସଳଖ କହିଛନ୍ତି। ଏହାସହିତ ଯେଉଁ ଅଞ୍ଚଳରେ ଷ୍ଟ୍ରିଟ ଲାଇଟ ଲଗାଯାଇଛି, ତାହାର ଠିକ ଭାବେ ରକ୍ଷଣାବେକ୍ଷଣା କରୁନାହାନ୍ତି, ୧/୨ ବର୍ଷ ବି ଯାଉନି, ମ୍ୟାଟନେଜର ନିୟମ ୭ ବର୍ଷ ଥିଲେ ବି ଏଜେନ୍ସି ମାନେ ଏହାକୁ ତଦାରଖ କରୁ ନଥିବାରୁ ସେମାନଙ୍କୁ ଜିଲ୍ଲାପାଳ ତାଗିଦ କରଥିଲେ। ଏଣିକି ସବୁ ଏଜେନ୍ସି ନିଜ ନିଜ ଦାୟିତ୍ୱ ଠିକ ଭାବେ କରିବାକୁ ଜିଲ୍ଲାପାଳ ସେମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଗଞ୍ଜାମ ଜିଲ୍ଲା ପରିଷଦର ଇନଚାର୍ଜ ସିଡିଓ ବିଜୟ କୁମାର ବେହେରା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଭଞ୍ଜନଗର ଉପଜିଲ୍ଲାପାଳ ଉମାକାନ୍ତ ବେହେରା, ଟିପିଏସଓଡ଼ିଏଲ ମୁଖ୍ୟ ଙ୍ଗ ଚନ୍ଦନ ଦାଶଙ୍କ ସମେତ ବିଡ଼ିଓ, ଷ୍ଟ୍ରିଟ ଲାଇଟ ଭେଣ୍ଡର ପ୍ରତିନିଧି ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।




# ପୀତବାସ ହତ୍ୟା ମାମଲା: ସିଡି ଦାଖଲ ପାଇଁ ସମୟ ନେଲା ପୁଲିସ; ୯ରେ ପରବର୍ତ୍ତୀ ଶୁଣାଣି

ବ୍ରହ୍ମପୁର,୩।୧୨(ସମିସ):

ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ପୁଲିସ ସିଡି ବା କେସ ଡାଏରୀ ଦାଖଲ କରିନଥିବାରୁ ଘଟଣାରେ ଗିରଫ ୪ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତା ୯ତାରିଖ ମଙ୍ଗଳବାରକୁ ଘୁଞ୍ଚିଛି। ସ୍ଥାନୀୟ ଗଞ୍ଜାମ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ଆଇନଜୀବୀ ମଦନ ଦଳେଇ, ପିଣ୍ଟୁ ଦାଶ ଓ ଶୂନ୍ୟ ଦାସଙ୍କ ପକ୍ଷରୁ ସେମାନଙ୍କ ଓକିଲ ଜାମିନ ଆବେଦନ କରିଥିଲେ। ବୁଧବାର ପୂର୍ବାହ୍ନରେ ଜିଲ୍ଲା ଜଜ୍ ଅଶାନ୍ତ କୁମାର ଦାସଙ୍କ କୋର୍ଟରେ ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ ମାମଲାର ପିଟିସନ ଉପରେ ଶୁଣାଣି ଆରମ୍ଭ ପୂର୍ବରୁ ତଦନ୍ତ ଜାରି ରହିଥିବା ଦର୍ଶାଇ ତଦନ୍ତକାରୀ ଅଧିକାରୀଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ସିଡ଼ି ଦାଖଲ ପାଇଁ କୋର୍ଟରେ ଅଧିକ ସମୟ ମାଗିଥିଲେ। ଆବେଦନକୁ କୋର୍ଟ ଗ୍ରହଣ କରି ପରବର୍ତ୍ତି ଶୁଣାଣି ଆସନ୍ତା ୯ତାରିଖ ମଙ୍ଗଳବାର ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ହତ୍ୟାକାଣ୍ଡ ଅକ୍ଟୋବର ୬ରେ ଘଟିଥିବା ବେଳେ ଘଟଣା ଦିନ ହିଁ ଏତଲା



ଦାଏର ହୋଇଥିଲା। ସେପଟେ ଜାମିନ ଆବେଦନ କରାଯାଇଥିବା ପ୍ରାୟ ସମସ୍ତ ଅଭିଯୁକ୍ତଙ୍କୁ ୨୨ତାରିଖ ସୁଦ୍ଧା ଗିରଫ କରିଥିଲା ପୁଲିସ। ତେବେ ୨୨ତାରିଖ ପର୍ଯ୍ୟନ୍ତ ପୁଲିସ କୋର୍ଟରେ କୌଣସି ସିଡି ବା କେସ ଡାଏରୀ ଦାଖଲ କରିନଥିବା ବେଳେ ସେଥିରେ କିଛି ହେରାଫେରି କରିବାର ଆଶଙ୍କା କରି ଅଭିଯୁକ୍ତଙ୍କ ପକ୍ଷରୁ ଏସ୍‌ଡିଜେଏମଙ୍କ କୋର୍ଟରେ ପିଟିସନ ଦାଖଲ କରାଯାଇଥିଲା। ବର୍ତ୍ତମାନ ଘଟଣାକୁ ୫୦ଦିନ ବିତିଯାଇଥିଲେ ହେଁ ପୁଲିସ କୋର୍ଟରେ କେସ ଡାଏରୀ ଦାଖଲ କରିବା ପରିବର୍ତ୍ତେ ପୁଣି ସମୟ ନେଇଥିବାରୁ ଶୁଣାଣିରେ ବାଧା ସୃଷ୍ଟି ହୋଇଥିବା କହିଛନ୍ତି ବିକ୍ରମ ଓ ମଦନଙ୍କ ଓକିଲ।

ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ଆଇନଜୀବୀ ମଦନ ଦଳେଇ, ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କ ଗିରଫ କ୍ଷେତ୍ରରେ ବ୍ୟକ୍ତିର ସାମ୍ବିଧାନିକ ମୌଳିକ ଅଧିକାର ୨୧ ଓ ୨୨ର ଉଲ୍ଲଙ୍ଘନ ହୋଇଥିବା ଅଭିଯୋଗ କରାଯାଇଛି। ଯେଉଁଥିରେ ଗିରଫ ପୂର୍ବରୁ ଯେକୌଣସି ବ୍ୟକ୍ତିଙ୍କୁ ଗିରଫର କାରଣ ଜଣାଇବା ସହିତ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାର ସଦସ୍ୟ ଅଥବା ସ୍ଥାନୀୟ ଜଣାଶୁଣା ବ୍ୟକ୍ତିଙ୍କୁ ନୋଟିସ ସର୍ଭ କରିବାର ନିୟମ ରହିଛି। ଏଠାରେ ସେ ସବୁର ଖିଲାପ କରାଯାଇଥିବା ଅଭିଯୋଗ କରି ପିଟିସନ ଦାଖଲ କରାଯାଇଛି। ସବୁଠାରୁ ବଡକଥା ଏହି ହତ୍ୟାକାଣ୍ଡରେ ପୁଲିସ ମୋଟ ୧୬ଜଣଙ୍କୁ ବିଭିନ୍ନ ସ୍ଥାନରୁ ଉଠାଇ ନେଇ

**ପୁଣି ଝୁଲି ରହିଲା ବିକ୍ରମ, ପିଣ୍ଟୁ, ମଦନ ଓ ଶୂନ୍ୟଙ୍କ ଜାମିନ**

**ଏକାଧିକ ଅପରାଧରେ ଜଡ଼ିତ ଚନ୍ଦ୍ରଶେଖରଙ୍କୁ ସାକ୍ଷୀ ରଖିବାକୁ ନେଇ ଉଠିଲା ପ୍ରଶ୍ନ**

ଗିରଫ ଦର୍ଶାଇଥିବା ବେଳେ ଏକାଧିକ ଅଭିଯୁକ୍ତଙ୍କ ଗିରଫ ସମୟରେ ସହରର ଜଣେ ଭଦ୍ର ବ୍ୟକ୍ତି ଚନ୍ଦ୍ରଶେଖର ଗୌଡ଼ଙ୍କୁ ସାକ୍ଷ୍ୟ ଭାବେ ନିଆଯିବାକୁ ନେଇ ଉଠିଛି ପ୍ରଶ୍ନ। ଚନ୍ଦ୍ରଶେଖର ଗୌଡ ଓରଫ୍ ବାବୁ ଗୌଡ଼ଙ୍କ ଘର ବଡ଼ବଜାର ଥାନା ଅଞ୍ଚଳରେ ହୋଇଥିବା ବେଳେ ତାଙ୍କ ବିରୁଦ୍ଧରେ ମଧ ବ୍ରହ୍ମପୁର ପୁଲିସ ଜିଲ୍ଲାର ବିଭିନ୍ନ ଥାନାରେ ଏକାଧିକ ଅପରାଧିକ ମାମଲା ରହିଥିବା ବିକ୍ରମ ଓ ମଦନଙ୍କ ଓକିଲ ସିଧାସଳଖ ଅଭିଯୋଗ କରିଛନ୍ତି। ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ପୁଲିସ ଗତ ୨୧ତାରିଖ ବିଳମ୍ବିତ ରାତିରେ ତାଙ୍କ ଗଜପତିନଗର ସ୍ଥିତ ବାସଭବନରୁ ପୁଲିସ ନେଇ ୨୨ତାରିଖ ପୂର୍ବାହ୍ନରେ ଗିରଫ ଦର୍ଶାଇ କୋର୍ଟ ଚାଲାଣ କରିଥିଲା। ତେବେ ବିକ୍ରମଙ୍କୁ ତାଙ୍କ ଘରୁ ରାତିରେ ନେବା ସତ୍ତ୍ୱେ ତାଙ୍କ ପରିବାର ବର୍ଗ ଅଥବା ସ୍ଥାନୀୟ କୌଣସି ଜଣାଶୁଣା ବ୍ୟକ୍ତିଙ୍କୁ ବିକ୍ରମଙ୍କ ଗିରଫ ସମ୍ପର୍କିତ ନୋଟିସ ସର୍ଭ ନକରି ବଡବଜାର ଅଞ୍ଚଳର ଚନ୍ଦ୍ରଶେଖର ଗୌଡଙ୍କୁ ପୁଲିସ ସାକ୍ଷୀ ରଖିବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ। ଭଦ୍ର ବ୍ୟକ୍ତି ଭାବେ ପୁଲିସ ସାକ୍ଷୀ କରିଥିବା ଚନ୍ଦ୍ରଶେଖର ଗୌଡଙ୍କ ନାମରେ ପୂର୍ବରୁ ଏକାଧିକ ଅପରାଧିକ ମାମଲା ଥିବା ନେଇ ଆବଶ୍ୟକ ସମସ୍ତ ନଥିପତ୍ର କୋର୍ଟରେ ଦାଖଲ କରାଯିବ ବୋଲି ସେ କହିଛନ୍ତି। ଏହି ମାମଲାରେ ବିକ୍ରମ ଓ ମଦନଙ୍କ ପାଇଁ ବରିଷ୍ଠ ଆଇନଜୀବୀ ମାନସ ଚାନ୍ଦ, ଦୀପକ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିବା ବେଳେ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ତଥା ଆଇନଜୀବୀ ସଂଜିତ ପାଣିଗ୍ରାହୀ, ଅନନ୍ତ ମହାନ୍ତ. ଶିବରାମ ପାତ୍ର, ଅଜିତ ପଣ୍ଡାଙ୍କ ସମେତ ବହୁ ଆଇନଜୀବୀ ମକଦ୍ଦମା ପରିଚାଳନାରେ ସହଯୋଗ କରିଥିଲେ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ସଫଳତା



ବ୍ରହ୍ମପୁର,୩।୧୨(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ବାୟୋଟେକ୍ନୋଲୋଜି ବିଭାଗର ସ୍ନାତକୋତ୍ତର ପ୍ରଥମବର୍ଷ ଛାତ୍ର ଆର୍. ଧବଳେଶ୍ୱର ରେଡ୍ଡୀ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ, ଛାତ୍ରକଲ୍ୟାଣ ଅଧିକାରୀ ଡ. ଉଷାରାଣୀଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଧବଳେଶ୍ୱରଙ୍କୁ ଅଭିନନ୍ଦନ ଜ୍ଞାପନ ସହ ଅଜସ୍ର ସଫଳତା କାମନା କରିଛନ୍ତି। ଚଳିତମାସ ଭୁବନେଶ୍ୱରରେ ଆୟୋଜିତ ୨୬ତମ ଓଡ଼ିଶା ବିଜ୍ଞାନ ଓ ପରିବେଶ ସମାବେଶରେ ଯୋଗଦେଇ କୃତି ଅର୍ଜନ କରିଥିଲେ। ସେହିପରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପରିବେଶ ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆୟୋଜିତ 'ସର୍ବୋତ୍କୃଷ୍ଟ ପାରିବେଶିକ ପରିଚାଳନା' ଶୀର୍ଷକ କର୍ମଶାଳାରେ ନିଜ ପ୍ରସ୍ତୁତ ପ୍ରଦୂଷଣ ନିୟନ୍ତ୍ରଣ ଯନ୍ତ୍ର ପ୍ରଦର୍ଶନ କରି ଧବଳେଶ୍ୱର ପ୍ରଥମ ସ୍ଥାନ ହାସଲ କରିଥିଲେ। ସେ ଜଣେ ମେଧାବୀ ଛାତ୍ର, ଜଣେ ସୁଗାୟକ, ସୁବକ୍ତା ତଥା ସୁଲେଖକ ଭାବରେ ବିଭିନ୍ନ ସମୟରେ ପ୍ରତିଭା ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି।

## ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ ପକ୍ଷରୁ ମା' ରମାଦେବୀଙ୍କ ଜୟନ୍ତୀ



ବ୍ରହ୍ମପୁର,୩।୧୨(ସମିସ): ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ ପକ୍ଷରୁ ରମାଦେବୀଙ୍କ ୧୨୫ତମ ଜନ୍ମ ବର୍ଷର ଅନ୍ତିମ ଦିବସ ସମେତ ୧୨୬ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ଫାଉଣ୍ଡେସନ ଅଧ୍ୟକ୍ଷ ସୁଧୀର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶ୍ୱବିଖ୍ୟାତ ପରିବେଶବିତ୍ ଗ୍ରୀନ୍ ନୋବେଲ ବିଜେତା ଓ ଗାନ୍ଧୀବାଦୀ କର୍ମୀ ପ୍ରଫୁଲ୍ଲ ସାମନ୍ତରା ମୁଖ୍ୟବକ୍ତା ଭାବେ ଯୋଗଦେଇ ମା' ରମାଦେବୀଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ୍‌ର ସଦସ୍ୟ ଶ୍ୟାମସୁନ୍ଦର ଖାଡଙ୍ଗା, ସୁଶାନ୍ତ ମହାନ୍ତି, ଶୁଭେନ୍ଦୁ ପାତ୍ର, ମାଧବ ନାୟକ, ଆଦିତ୍ୟ ନାରାୟଣ ରଥ, ଋଷିକୂଲ୍ୟା ବଞ୍ଚାଓ ଅଭିଯାନର ଭାଲଚନ୍ଦ୍ର ଷଡ଼ଙ୍ଗୀ, ପ୍ରତାପ ଚନ୍ଦ୍ର ପ୍ରଧାନ, ଗଣସଂଗଠନର ସୁବାଷ ଚନ୍ଦ୍ର ରାଉତଙ୍କ ସମେତ ବିଭିନ୍ନ ସଂଗଠନର ସଦସ୍ୟ ଓ ସ୍କୁଲ କଲେଜର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଶିକ୍ଷକଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ

ଦିଗପହଣ୍ଡି,୩।୧୨(ସମିସ): ଦିଗପହଣ୍ଡି ବ୍ଲକ ବମୋକେଇ ପଞ୍ଚାୟତ କୁମରଡ଼ା ଗ୍ରାମର ଶିକ୍ଷକ ଦେବୀପ୍ରସାଦ ପଟ୍ଟନାୟକ ବିରୋଧରେ ସ୍ତ୍ରୀ ସାଲୋନୀ ପଟ୍ଟନାୟକ ଯୌତୁକ ନିର୍ଯାତନା ସହ ମାଡ଼ ମାରିବା ନେଇ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର (ନଂ.୪୩୯/୨୫)ରେ ଏକ ମାମଲା ଅଭିଯୁକ୍ତ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କ ନାଁରେ ରୁଜୁ କରି ତଦନ୍ତ ଚଳାଇଛନ୍ତି। ୨୦୨୩ରେ ଦିଗପହଣ୍ଡି ପୁଞ୍ଜିକୟାଁ ଅଞ୍ଚଳ କଲୋନୀର ପ୍ରଶାନ୍ତ ପଟ୍ଟନାୟକଙ୍କ କନ୍ୟା ସାଲୋନୀ କୁମରଡ଼ା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପ୍ରତାପ ଚନ୍ଦ୍ର ପଟ୍ଟନାୟକଙ୍କ ପୁଅ ଶିକ୍ଷକ ସନ୍ତୋଷ ଓରଫ ଦେବୀପ୍ରସାଦଙ୍କୁ ବିବାହ କରିଥିଲେ। ଦାବି ମୁତାବକ ଯୌତୁକ ନେଇ ମଧ ବିବାହର କିଛିଦିନ ପରେ ଅଧିକ ଯୌତୁକ ପାଇଁ ସଲୋନୀଙ୍କୁ ସ୍ୱାମୀ ଓ ଶାଶୁ, ଶ୍ୱଶୁର ନିର୍ଯାତନା ଦେବାରୁ ସେ ବାପଘରେ ରହୁଥିଲେ। ସମାଧାନ ହୋଇ ପୁଣି ଶ୍ୱଶୁର ଘରକୁ ଫେରିଥିଲେ ମଧ ଗତ ୨୬ ତାରିଖରେ ତାଙ୍କୁ ସ୍ୱାମୀ ଓ ଶଶୁର ଘର ଲୋକେ ମାଡ଼ ମାରିବା ସହ ନିର୍ଯାତନା ଦେବାରୁ ପୁଣି ବାପଘରକୁ ଚାଲି ଆସିଥିବା ଏତଲାରେ ଉଲ୍ଲେଖ କରିଛନ୍ତି ବୋଲି ତଦନ୍ତ ଅଧିକାରୀ ଏସ୍‌ଆଇ ସୋଫିଆ ମିଶ୍ର କହିଛନ୍ତି।

■ ବ୍ଲକସ୍ତରୀୟ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ

## 'ଦିବ୍ୟାଙ୍ଗମାନେ ସମାଜର ଅବିଚ୍ଛେଦ୍ୟ ଅଙ୍ଗ'




ବ୍ରହ୍ମପୁର,୩।୧୨(ସମିସ): ସ୍ଥାନୀୟ ବିସି ପ୍ରାଥମିକ ବିଦ୍ୟାଳୟ ପରିସରରେ ଗଞ୍ଜାମ ଜିଲ୍ଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ବ୍ଲକସ୍ତରୀୟ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ପ୍ରମୋଦ କୁମାର ପଣ୍ଡା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଧାୟକ ପ୍ରତିନିଧି ଅଶୋକ କୁମାର ଶୁକ୍ଳ ଓ ଏବିଇଓ ଜଗନ୍ନାଥ ଭୂୟାଁ ପ୍ରମୁଖ ମଞ୍ଚାସୀନ ଥିଲେ। ଦିବ୍ୟାଙ୍ଗଜନ ହେଉଛନ୍ତି ସମାଜର ଅବିଚ୍ଛେଦ୍ୟ ଅଙ୍ଗ, ସେମାନଙ୍କର ବିକାଶରେ ହିଁ ସମାଜର ବିକାଶ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହ "ପ୍ରୟାସ' ପତ୍ରିକାକୁ ଉନ୍ମୋଚନ କରିଥିଲେ। ଏ ଅବସରରେ ଏକ ଶୋଭାଯାତ୍ରା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା। ସେହିପରି ଉଦ୍‌ଯାପନୀ ଉତ୍ସବରେ ସାମ୍ବାଦିକ ରବି ରଥ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହା ସହ ଛାତ୍ରଛାତ୍ରୀଙ୍କୁ ଶୀତବସ୍ତ୍ର ସହ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗରର ୭୭ ଓ ବ୍ଲକରୁ ୮୭ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ବ୍ରହ୍ମପୁର ସିଟି ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ




ବ୍ରହ୍ମପୁର,୩।୧୨(ସମିସ): ଆମ୍ବପୁଆ ସ୍ଥିତ ବ୍ରହ୍ମପୁର ସିଟି ମହାବିଦ୍ୟାଳୟ ପରିସରରେ ଚାଲିଥିବା ଦୁଇ ଦିବସୀୟ ସ୍ୱାସ୍ଥ୍ୟକୁ ପରିବର୍ତ୍ତନ କରୁଥିବା ଆଣବିକ ଔଷଧ ଶୀର୍ଷକ ଆନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜୟନ୍ତ ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପାଟପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଶଙ୍କର ପ୍ରସାଦ ଅଧିକାରୀ ଯୋଗଦେଇ ମନୁଷ୍ୟ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା ହେଭି ମେଟାଲ୍ ଶୀର୍ଷକରେ ସନ୍ଦର୍ଭ ପାଠ କରିଥିଲେ। ସମ୍ମିଳନୀର ଆବାହକ ଡ.ଅଜୟ କୁମାର ପେଣ୍ଟେଇ, ଅଧ୍ୟାପକ ଶିକ୍ଷା ବିଭାଗ, ସଂଯୋଜକ ଅଧ୍ୟାପକ ଡ.ସୁରଜ କୁମାର ବେହେରା, ସହ ସଂଯୋଜିକା ଅଧ୍ୟାପିକା ଡ.ମନିଷା ପଟ୍ଟନାୟକ, ଉପଦେଷ୍ଟା ଡ.ଅଂଜଳୀ ପାତ୍ର, ସହ ସଂଯୋଜକ ଅଧ୍ୟାପକ ମେଘନାଦ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ମିଳନୀରେ ଅଷ୍ଟ୍ରେଲିଆର କୁଇନ୍ସଲ୍ୟାଣ୍ଡ ୟୁନିଭରସିଟି ରିସର୍ଚ୍ଚ ସ୍କଲାର ଆକାଂକ୍ଷା ସାହୁ ଏବଂ ବ୍ରହ୍ମପୁର ସିଟି ମହାବିଦ୍ୟାଳୟର ଜୀବ ବିଜ୍ଞାନ ବିଭାଗର ଛାତ୍ରୀ ସ୍ମୃତି ପଣ୍ଡା ନିଜର ସନ୍ଦର୍ଭ ପାଠ କରିଥିଲେ। ଶେଷରେ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନର ଅଧ୍ୟାପକ ଡ.ପ୍ରତାପ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଡାକ୍ତର କେ. ଲକ୍ଷ୍ମୀ ବାଇଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର,୩।୧୨(ସମିସ): ସ୍ତ୍ରୀ ରୋଗ ବିଶେଷଜ୍ଞ ତଥା ଶତାୟୁ ଡ଼ାକ୍ତର ପ୍ରଫେସର ଡା. ଲକ୍ଷ୍ମୀ ବାଇକୁ ଜିଲ୍ଲା ବିଜେପି ପକ୍ଷରୁ ଭାବାନଗର ସ୍ଥିତ ତାଙ୍କ ବାସ ଭବନରେ ସମ୍ବର୍ଦ୍ଧିତ କାରାଯାଇଛି। ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ନିଜର ସଞ୍ଚିତ ସମ୍ପତି ୩ କୋଟି ୪୦ ଲକ୍ଷ ଟଙ୍କା ସ୍ତ୍ରୀ ରୋଗ(କର୍କଟ) ସେବା ପାଇଁ ଦାନ କରିଛନ୍ତି। ତାଙ୍କର ଏଭଳି ନିଷ୍ପତି ଓ ତ୍ୟାଗ ବ୍ରହ୍ମପୁର ସହରର ସମେତ ଗଞ୍ଜାମ ତଥା ଓଡିଶା ପାଇଁ ଗର୍ବ ଆଣିଥିବା କୁହାଯାଇଥିଲା। କାର୍ଯ୍ୟକ୍ରମରେ ବିଜେପିର ଜିଲ୍ଲା ସଭାପତି ସରୋଜ ସାବତ, ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ନାୟକ, ସୁରେଶ ପାଢ଼ୀ, ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ରାମ ପାତ୍ର, ସିଦ୍ଧାନ୍ତ ଗଙ୍ଗ ଦେଓ, ପ୍ରଭାତ ଷଡ଼ଙ୍ଗୀଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



## ଅଭିନ୍ନ ଜ୍ୟୋତି ଆଶ୍ରମର ବାର୍ଷିକ ଉତ୍ସବ




ବ୍ରହ୍ମପୁର,୩।୧୨(ସମିସ): ପବିତ୍ର ଗୀତା ଜୟନ୍ତୀ ଅବସରରେ ମାର୍କଣ୍ଡୀ ସ୍ଥିତ ଠାକୁର ଶ୍ରୀ ଶ୍ରୀ ଅଭିନ୍ନ ଜ୍ୟୋତି ଆଶ୍ରମର ଦ୍ୱାଦଶତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହେଉଛି। ଏହି ଅବସରରେ ଶାନ୍ତି ଆନନ୍ଦାଶ୍ରମର ବରିଷ୍ଠ ସାଧୁ ମହାତ୍ମାଙ୍କ ପୌରହିତ୍ୟରେ ନାମଯଜ୍ଞ, ଗୀତାଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିଛି। ମଙ୍ଗଳବାର ଆରମ୍ଭ ହୋଇଥିବା ଉଦ୍‌ଘାଟନ କାର୍ଯ୍ୟକ୍ରମରେ କଳସଯାତ୍ରା ଓ ଅଷ୍ଟପ୍ରହର ନାମଯଜ୍ଞର ଶୁଭାରମ୍ଭ ହୋଇଥିଲା। ବୁଧବାର ଗୀତାଯଜ୍ଞ, ସମ୍ମିଳନୀ ଉଦଘାଟିତ ହୋଇଥିଲା। ସେହିଭଳି ଅପରାହ୍ନରେ ବିଶ୍ୱଶାନ୍ତି ନାମଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା। ସନ୍ଧ୍ୟାରେ ସନ୍ଧ୍ୟା ଆଳତୀ ସହିତ ସାଧୁ ସନ୍ଥମାନଙ୍କ ଦ୍ୱାରା ହରିକଥା ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଗ୍ରାମର ଯୁବଗୋଷ୍ଠୀ ପରିଚାଳନାରେ ସହଯୋଗ କରୁଛନ୍ତି।

## ସରିଲା ସ୍ୱତନ୍ତ୍ର ପ୍ରଗତି ପରୀକ୍ଷା; ୬ରେ ଫଳାଫଳ

ବ୍ରହ୍ମପୁର,୩।୧୨(ସମିସ):

ଚଳିତବର୍ଷ ଦଶମ ବୋର୍ଡ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଫଳାଫଳ ଲକ୍ଷ୍ୟରେ ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଦଶମଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନେଇ ଚାଲିଥିବା ସ୍ୱତନ୍ତ୍ର 'ପ୍ରଗତି ପରୀକ୍ଷା-୧' ଶେଷ ହୋଇଛି। ଗଞ୍ଜାମ ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ପରୀକ୍ଷାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର କିଛି ନିର୍ଦ୍ଦିଷ୍ଟ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଥିଲା। ଚଳିତମାସ ୧ରୁ ୩ ତାରିଖ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ୨ଟି ବିଷୟକୁ ନେଇ ପରୀକ୍ଷା ହୋଇଥିଲା। ବେସଲାଇନ୍ ପରୀକ୍ଷା-୧ ଓ ୨ ଫଳାଫଳରେ ଏ-୧ ଓ ୨ ଏବଂ ବି-୧ ହାସଲ କରିଥିବା ଛାତ୍ରଛାତ୍ରୀ ଉକ୍ତ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବିଷୟର ମୂଲ୍ୟାଙ୍କନ ୫୦ମାର୍କ ରହିଥିବା ବେଳେ ୨୦ ମାର୍କ ସଂକ୍ଷିପ୍ତ ଏବଂ ୩୦ ବିସ୍ତୃତ ରହିଥିଲା। ଏଥିପାଇଁ



ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ୧ ଘଣ୍ଟା ୧୫ମିନଟ ସମୟ ଦିଆଯାଇଥିଲା। କେବଳ ଗଣିତ ବିଷୟ ପରୀକ୍ଷା ବେଳେ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ୧୫ମିଟନ ଦିଆଯାଇଥିଲା। ଅନୁଷ୍ଠିତ ହୋଇଥିବା 'ପ୍ରଗତି ପରୀକ୍ଷା-୧'ରେ ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକରେ ୬୦୧ସ୍କୁଲର ୮ହଜାର ୩୨୦ଜଣ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ଏଥିରେ ସର୍ବାଧିକ ଦିଗପହଣ୍ଡି ବ୍ଲକର ୫୭୯ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଉପାନ୍ତ ଇଲାକା ଜଗନ୍ନାଥପ୍ରସାଦ ବ୍ଲକର ୨୪୭ ଓ ପାତ୍ରପୁର ବ୍ଲକର ୨୨୮ ଜଣ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ସେହିଭଳି ବ୍ରହ୍ମପୁର ସହରର ୪୧୯ ଜଣଙ୍କ ସମେତ ଛତ୍ରପୁର ବ୍ଲକରୁ ୩୧୯ ଜଣ ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଥିଲେ। ସ୍କୁଲସ୍ତରରେ ଉକ୍ତ ପରୀକ୍ଷାର ଫଳାଫଳ ବିଶ୍ଳେଷଣ ଚଳିତ ମାସ ୪ତାରିଖ ସୁଦ୍ଧା ସମାପ୍ତ କରି ନୋଡାଲ୍ ହାଇସ୍କୁଲଗୁଡ଼ିକୁ ଦାଖଲ କରାଯିବାକୁ ନିର୍ଦ୍ଦେଶ ରହିଛି। ଡିସେମ୍ବର ୫ତାରିଖ ସୁଦ୍ଧା ଗଞ୍ଜାମର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ମାସ ୬ତାରିଖରେ ଏହାର ଫଳାଫଳ ପ୍ରକାଶ ପାଇବ। ନିର୍ଦ୍ଦେଶାବଳୀର ବିଚ୍ୟୁତି ହେଲେ ଗମ୍ଭୀରତାର ସହ ବିଚାର କରାଯିବ ଏବଂ ତ୍ରୁଟିପୂର୍ଣ୍ଣ ବିଭାଗୀୟ ମୁଖ୍ୟଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ ରହିଛି।

## ୬ରେ ଗଞ୍ଜାମ ଜିଲ୍ଲା ବାସ୍କେଟବଲ ଦଳ ଚୟନ ଶିବିର

ବ୍ରହ୍ମପୁର,୩।୧୨(ସମିସ): ଚଳିତମାସ କଟକରେ ୬୬ତମ ବାସ୍କେଟ ବଲ୍ ଚାମ୍ପିଅନ୍‌ସିପ୍ ଆୟୋଜିତ ହେବ। ଏହି ଚାମ୍ପିଅନ୍‌ସିପ୍ ୧୪ରୁ ୧୮ ଯାଏ ଚାଲିବ। ଏଥିନିମନ୍ତେ ଚଳିତମାସ ୬ରେ ଗଞ୍ଜାମ ଜିଲ୍ଲା ବାସ୍କେଟ୍ ବଲ ଦଳର ଚୟନ ଶିବିର ଅନୁଷ୍ଠିତ ହେବ। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଏହି ଚୟନ ଶିବିର ଅନୁଷ୍ଠିତ ହେବ। ଉକ୍ତଦିନ ଇଚ୍ଛୁକ ଉଭୟ ପୁରୁଷ ଓ ମହିଳା ବରିଷ୍ଠ ଖେଳାଳିମାନେ ନିଜ କିଟ୍ ସହ ଶିବିରରେ ଅଂଶଗ୍ରହଣ କରିବାକୁ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. CRPD/SCO/2025-26/17 | |
|---|---|
| ପୋଷ୍ଟର ନାମ | ଖାଲି ପଦବୀ |
| ଭିପି ୱେଲ୍ଥ (ଏସଆରଏମ) | 506 |
| ଏଭିପି ୱେଲ୍ଥ (ଆରଏମ) | 206 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 23.12.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 02.12.2025
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

ସକାଳ
THE SAKALA

# ସମ୍ପାଦକୀୟ



ଖର୍ଚ୍ଚ କରିସାରିବା ପରେ ଯାହା ବଳିଲା, ତାକୁ ସଞ୍ଚୟ କର ନାହିଁ।
ବରଂ, ସଞ୍ଚୟ କରି ସାରିବା ପରେ ଯାହା ବଳିଲା, ତାକୁ ଖର୍ଚ୍ଚ କର !
-ୱାରେନ୍ ବଫେଟ୍

## ଜେଲ୍ ବଦଳରେ ଜୋରିମାନା

ଓଡ଼ିଶା ନଦୀମାତୃକାର ରାଜ୍ୟ। ରାଜ୍ୟର ୭ଟି ପ୍ରମୁଖ ନଦୀ ଜଳ ଉପରେ ରାଜ୍ୟବାସୀଙ୍କ ନିର୍ଭରଶୀଳତା ଓ ଅଗ୍ରାଧିକାରକୁ ଉପେକ୍ଷା କରାଯାଇପାରିବ ନାହିଁ। ଅଥଚ କ୍ରମବର୍ଦ୍ଧିଷ୍ଣୁ ଶିଳ୍ପସଂସ୍ଥାମାନଙ୍କରୁ ନିର୍ଗତ ବର୍ଜ୍ୟ ଯୋଗୁଁ ନଦୀଜଳ ବିଷାକ୍ତ ହେବାରେ ଲାଗିଛି। ଏହାର ପ୍ରତିକାର ପରିବର୍ତ୍ତେ ଶିଳ୍ପ ସ୍ୱପ୍ନରେ ବିଭୋର ରାଜ୍ୟ ସରକାର ନଦୀଜଳକୁ ଶିଳ୍ପସଂସ୍ଥାଙ୍କ ହାତକୁ ସହଜରେ ଟେକି ଦେବାକୁ ମନସ୍ଥ କରିଥିବା ଭଳି ମନେ ହେଉଛି। ଜଳ ପ୍ରଦୂଷଣ ସକାଶେ ଦଣ୍ଡବିଧାନ ପାଇଁ ନ୍ୟାୟପାଳିକା ହାତରେ ଥିବା କ୍ଷମତାକୁ ସରକାର କାର୍ଯ୍ୟପାଳିକାକୁ ହସ୍ତାନ୍ତର କରିଛନ୍ତି। ଏଣିକି ଜଳପ୍ରଦୂଷଣକାରୀ ସଂସ୍ଥାଙ୍କ ପାଇଁ ଜେଲ୍ ଦଣ୍ଡ ବଦଳରେ ସରକାରଙ୍କ ନିର୍ଦ୍ଦେଶରେ ପ୍ରଶାସକ ଜୋରିମାନା ନିର୍ଦ୍ଧାରଣ କରିବେ। ନ୍ୟାୟପାଳିକା ଉପରେ ସରକାରଙ୍କ କର୍ତ୍ତୃତ୍ୱ ନାହିଁ କି ଓକିଲ ଓ ଅଦାଲତ ପଛରେ ଧାଇଁବାର ସମୟ ନାହିଁ। ତେଣୁ ଏହି ଜଞ୍ଜାଳରୁ ମୁକ୍ତ ହେବା ପାଇଁ ସରକାର ଉପରୋକ୍ତ ପଦକ୍ଷେପ ନେଇଥିବା ବେଳେ ନିୟମ ଖିଲାପକାରୀ ଶିଳ୍ପସଂସ୍ଥାଙ୍କ ପାଇଁ ଜେଲ୍ ଦଣ୍ଡର ଆଶଙ୍କା ଦୂର ହୋଇଛି। ଅପରପକ୍ଷରେ ନଦୀ କୂଳରେ ଗଢ଼ି ଉଠିଥିବା ସଭ୍ୟତା ପ୍ରତି ଆଗକୁ ଯେ ବିପଦ ମାଡ଼ି ଆସୁଛି, ତାହା ଅସ୍ୱୀକାର କରିହେବ ନାହିଁ।

ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଧାନପାଳିକା ସର୍ବାଗ୍ରେ। ବହୁମତରେ ନିର୍ବାଚିତ ସରକାର ଯାହା ଆଇନଗତ ବ୍ୟବସ୍ଥା ଏବଂ ସଂଶୋଧନ ପଦକ୍ଷେପ ଗ୍ରହଣ କରିବେ ତାହା ସପକ୍ଷରେ ରାଜ୍ୟର ବୃହତ୍ତର ଜନସମୁଦାୟଙ୍କ ସମର୍ଥନ ଅଛି ବୋଲି ଧରି ନିଆଯାଉଛି। କିନ୍ତୁ ପାଣି, ପବନ ଓ ପରିବେଶ ଜନିତ ପ୍ରତିକୂଳ ପରିସ୍ଥିତିକୁ ଯିଏ ସମ୍ମୁଖୀନ ହେବେ ସେମାନଙ୍କ ନିକଟରେ ସରକାର ଉତ୍ତରଦାୟୀ ହେବା ବିଧେୟ। 'ଜଳ ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ ସଂଶୋଧନ ଆଇନ ୨୦୨୪'ରେ ସରକାରଙ୍କ ଏହି ଉତ୍ତରଦାୟିତ୍ୱ ପରିଲକ୍ଷିତ ହୋଇପାରିନାହିଁ। ବିରୋଧୀ ଦଳର ପ୍ରତିବାଦ ମଧ୍ୟ ମୂଲ୍ୟହୀନ ହୋଇଛି।

ପରିସଂଖ୍ୟାନ ଅନୁଯାୟୀ ରାଜ୍ୟର ୫୭ଟି ଶିଳ୍ପାନୁଷ୍ଠାନ ଉପରେ ଦୁଇବର୍ଷରେ ୫୮୯୦.୬୫ କୋଟି ଟଙ୍କା ଜଳକର ବକେୟା ପଡ଼ିଛି। ତାହା ଆଦାୟ କରିବାକୁ ଯେଉଁ ସରକାର ଅସମର୍ଥ ସେ ଜୋରିମାନା କିଭଳି ଆଦାୟ କରିବେ? ପରିସ୍ଥିତି ଏପରି ହୋଇଛି ଯେ ଦ୍ରୁତ ଶିଳ୍ପାୟନ ନାମରେ କିଛି ସଂସ୍ଥାଙ୍କ ହାତକୁ ସରକାର ମୂଲ୍ୟବାନ ଜଙ୍ଗଲ ଓ ଜମି ଟେକି ଦେବା ସହିତ ରାଜ୍ୟବାସୀଙ୍କୁ ଜଳ ଓ ବାୟୁ ପ୍ରଦୂଷଣରେ ହନ୍ତସନ୍ତ କରିବେ। ଓଡ଼ିଆ ଅସ୍ମିତା ନାମରେ କ୍ଷମତାକୁ ଆସିଥିବା ସରକାର ସଂସ୍କୃତି ଓ ସଭ୍ୟତାର ପ୍ରତୀକ ଆମ ନଦୀକୁ ଯେଉଁମାନଙ୍କ ହାତରେ ଟେକିଦେବାକୁ ଯାଉଛନ୍ତି ସେମାନେ କ'ଣ ଆମ ସ୍ୱାର୍ଥ ଓ ସ୍ୱାଭିମାନର ସୁରକ୍ଷା କବଚ ହେବେ? ଦେଶ ରାଜନୀତିରେ ଉତ୍ତରାୟଣର ପ୍ରଭାବରେ ଯେଉଁ ବିଲକ୍ଷଣମାନ ଆମ ରାଜ୍ୟରେ ପରିଲକ୍ଷିତ ହେବା ଆରମ୍ଭ କରିଛି ତାହାର ସୁଦୂର ପ୍ରସାରୀ ପ୍ରଭାବ ଖୁବ୍‌ଶୀଘ୍ର ଅନୁଭୂତ ହେବ।

ଶିଳ୍ପ ନିବେଶକୁ ଆକର୍ଷଣ କରିବା ଉଦ୍ଦେଶ୍ୟରେ ଏହି ସଂଶୋଧିତ ଆଇନ ଅଣାଯାଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି। ଶିଳ୍ପ ସଂସ୍ଥାଙ୍କୁ ଛୋଟଛୋଟ ଅପରାଧରୁ ମୁକ୍ତ କରିବା, ନିୟାମକ ବୋଝ ହ୍ରାସ ଏବଂ ଦଣ୍ଡ ବଦଳରେ ଅନୁପାଳନକୁ ଗୁରୁତ୍ୱ ଦିଆଯିବ ବୋଲି ସରକାର ସ୍ପଷ୍ଟ କରିବା ପରେ ଏ ନେଇ ଅଧିକ ବିତର୍କର ଆବଶ୍ୟକତା ନାହିଁ। କିନ୍ତୁ ବୁଝାମଣା ସ୍ୱାକ୍ଷର ବେଳେ ନିଯୁକ୍ତି ସୁଯୋଗର ଯେଉଁ ପରିସଂଖ୍ୟାନ ଦର୍ଶାଯାଇଛି ସେଥିରେ ମନେହୁଏ ଆମ ରାଜ୍ୟରେ ଆଉ କେହି ବେକାର ରହିବେନି। ସମଗ୍ର ଦେଶରେ ଯେଉଁ ସମସ୍ୟା ସମସ୍ତଙ୍କ ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି, ତାହାକୁ ସତେଯେପରି ଓଡ଼ିଶା ହିଁ ପ୍ରଥମେ ସମାଧାନ କରିଦେବ। ହୁଏତ ସେଥିପାଇଁ ରାଜ୍ୟବାସୀଙ୍କୁ ଜୀବନଜୀବିକାର ଆଧାର ନଦୀ ଜଳ ପ୍ରଦୂଷଣ ଭଳି ବଡ଼ ବଳିଦାନ ଦେବାକୁ ହେବ।

## ସାଇବର ଅପରାଧ ଗୁମର ଖୋଲିଲା

ସାଇବର ଅପରାଧୀଙ୍କ ଦଲାଲ୍ ଓଡ଼ିଶାରେ ସକ୍ରିୟ। ଦୁଇଦିନ ତଳେ ରାଉରକେଲାରେ ହୋଇଥିବା ଧରପଗଡ଼ରୁ ଏହା ସ୍ପଷ୍ଟ ହୋଇଛି। ବ୍ୟାଙ୍କ କର୍ମଚାରୀଙ୍କ ସମ୍ପୃକ୍ତି ଓ ସହଯୋଗ ବିନା ଅଚଳ ଆକାଉଣ୍ଟକୁ ସଚଳ କରାଇ ସାଇବର ଅପରାଧୀ କିମ୍ବା ଦଲାଲ୍‌ଙ୍କ ହାତକୁ ଟେକିଦେବା ସମ୍ଭବ ନୁହେଁ। ତିନିଜଣ ବ୍ୟାଙ୍କ କର୍ମଚାରୀଙ୍କ ଗିରଫ ପରେ ସାଇବର ଅପରାଧୀଙ୍କ ସହିତ ବ୍ୟାଙ୍କର ମଧୁଚନ୍ଦ୍ରିକା ଥିବା ମଧ୍ୟ ପ୍ରମାଣିତ ହୋଇଛି।

ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ ସହ ଉପଭୋକ୍ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲିବାର ବାଧ୍ୟବାଧକତା ଏ କ୍ଷେତ୍ରରେ ସହାୟକ ହୋଇଛି। ଟଙ୍କା ଉଠାଇନେବା ପରେ ଅଚଳ ହୋଇପଡ଼ିଥିବା ସମ୍ପୃକ୍ତ ଆକାଉଣ୍ଟରେ ଭଲ-ମନ୍ଦ ନେଇ ସଚେତନ ନଥା'ନ୍ତି ଗ୍ରାହକମାନେ। ସେହିପରି ଜାଲ୍ କାଗଜପତ୍ର ମାଧ୍ୟମରେ କେୱାଇସି ପୂରଣ କରି ଅଚଳ ଆକାଉଣ୍ଟଗୁଡ଼ିକୁ ସଚଳ କରି ଦେଇଥା'ନ୍ତି ଅସାଧୁ ବ୍ୟାଙ୍କ କର୍ମଚାରୀମାନେ। ସାଇବର ଦଲାଲଙ୍କୁ ଏହି ଆକାଉଣ୍ଟ ବିକ୍ରି କରି ଦିଆଯାଇଥିବାରୁ ସେଥିରେ 'ଫୋନ୍ ପେ', 'ଗୁଗୁଲ୍ ପେ' ଓ 'ପେଟିଏମ୍' ଆଦି ପେ ଆପ୍ ମାଧ୍ୟମରେ ଡିଜିଟାଲ୍ କାରବାର ଉପଲବ୍ଧ ହେବାର କୌଣସି ପ୍ରତିବନ୍ଧକ ରହୁନାହିଁ। ସାଇବର ଅପରାଧୀମାନେ ସହଜରେ ସେହିସବୁ ଆକାଉଣ୍ଟ ଜରିଆରେ ସେମାନଙ୍କ କାରବାର ଜାରି ରଖିଛନ୍ତି। ଏହାର ଅନ୍ୟ ଏକ ରୋଚକ ଦିଗ ହେଲା କେତେକ ବ୍ୟାଙ୍କ ଖାତାଧାରୀ ନିଜ ଆକାଉଣ୍ଟକୁ ସାଇବର ଅପରାଧୀଙ୍କୁ ବିକ୍ରି କରି କିମ୍ବା ଭଡ଼ାରେ ଦେଇ ଅର୍ଥ ଉପାର୍ଜନ କରୁଛନ୍ତି। ରାଜ୍ୟରେ ଏ ପ୍ରକାର ୧୧୦୦ ରୁ ୧୨୦୦ ଜାଲ୍ ଆକାଉଣ୍ଟ ମାଧ୍ୟମରେ ସାଇବର ଅପରାଧୀ ସକ୍ରିୟ ଅଛନ୍ତି। ଏ କ୍ଷେତ୍ରରେ ଘରୋଇ ବ୍ୟାଙ୍କର ଭୂମିକା ସବୁଠାରୁ ଅଧିକ ସନ୍ଦିଗ୍ଧପୂର୍ଣ୍ଣ।

ସାଇବର ଅପରାଧର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି 'ଡିଜିଟାଲ୍ ଆରେଷ୍ଟ'। ଆଇନ ପ୍ରବର୍ତ୍ତନକାରୀ ଅଧିକାରୀ ଭାବେ ପରିଚୟ ଦେଇ ସାଇବର ଅପରାଧୀ ଅଡିଓ କିମ୍ବା ଭିଡିଓ କଲ୍ ମାଧ୍ୟମରେ ସାଧାରଣ ଲୋକଙ୍କୁ, ବିଶେଷକରି ବୟୋଜ୍ୟେଷ୍ଠ ନାଗରିକଙ୍କୁ ଲୁଟୁଛନ୍ତି। ୨୦୨୪ରେ ଏ ପ୍ରକାର ସାଇବର ଅପରାଧ ମାମଲା ଥିଲା ୧, ୨୩, ୬୭୨। କିନ୍ତୁ ଆମ ବ୍ୟବସ୍ଥା ଏ ପ୍ରକାର ଅପରାଧକୁ ରୋକିବାରେ ସମର୍ଥ ହେଉ ନଥିବାରୁ ସର୍ବୋଚ୍ଚ ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେଣୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋକୁ 'ଡିଜିଟାଲ୍ ଆରେଷ୍ଟ' ତଦନ୍ତ ପାଇଁ ଅତିରିକ୍ତ କ୍ଷମତା ଓ ଦାୟିତ୍ୱ ଦିଆଯାଇଛି। ପୁଞ୍ଜି ବିନିଯୋଗର ସୁଯୋଗ ଓ ଅସ୍ଥାୟୀ ନିଯୁକ୍ତି ସୁବିଧା ଯୋଗାଇ ଦେବା ଆଳରେ ହେଉଥିବା ବଡ଼ ଧରଣର ଦୁର୍ନୀତିକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠଙ୍କ ଉପରୋକ୍ତ ନିର୍ଦ୍ଦେଶ ସାଇବର ଅପରାଧକୁ ଅନେକାଂଶରେ ପ୍ରତିହତ କରିବାରେ ସହାୟକ ହେବ ବୋଲି ଆଶା ରହିଛି।

# ବାୟୁ ଗୁଣବତ୍ତା ସୂଚକ: ଦିଲ୍ଲୀ ବନାମ ଓଡ଼ିଶା

**ଡ. ବିଜୟ କେତନ ପଟ୍ଟନାୟକ**

ନଭେମ୍ବର ମାସ (୨୦୨୫) ପ୍ରଥମ ସପ୍ତାହରେ ଦେଶର ରାଜଧାନୀ ଦିଲ୍ଲୀରେ ବାୟୁ ଗୁଣବତ୍ତା ସୂଚକ 'ଅତିଖରାପ' ବା ଅତିଅସ୍ୱାସ୍ଥ୍ୟକରରୁ 'ସାଂଘାତିକ' ସ୍ତରରେ ପହଞ୍ଚିଥିଲା। ସେହି ପରିପ୍ରେକ୍ଷୀରେ ଦିଲ୍ଲୀସ୍ଥିତ ସର୍ବଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ପୂର୍ବତନ ନିର୍ଦ୍ଦେଶକ ତଥା ବିଶିଷ୍ଟ ଶ୍ୱାସରୋଗ ବିଶେଷଜ୍ଞ ଡାକ୍ତର ଗୋପୀଚାନ୍ଦ ଖିଲନାନୀ 'ଇଣ୍ଡିଆନ୍ ଏକ୍ସପ୍ରେସ୍'କୁ ସାକ୍ଷାତାକାରରେ ଯେଉଁ ପ୍ରସ୍ତାବ ଦେଇଥିଲେ, ତାହା ପ୍ରାୟତଃ ସବୁ ସମ୍ବାଦପତ୍ର ପୃଷ୍ଠା ମଣ୍ଡନ କରିବା ସହିତ ଦିଲ୍ଲୀବାସୀଙ୍କୁ ସ୍ତବ୍ଧ କରିଦେଇଥିଲା। ତାଙ୍କ ମତରେ ସମସ୍ତଙ୍କ ପାଇଁ ଦିଲ୍ଲୀ ଛାଡ଼ି ବାହାରକୁ ଯିବା ହୁଏତ ବିଭିନ୍ନ ଦୃଷ୍ଟିରୁ ସମ୍ଭବପର ହୋଇ ନପାରେ। କିନ୍ତୁ ଯେଉଁମାନେ ଦୀର୍ଘକାଳୀନ ଶ୍ୱାସରୋଗ କିମ୍ବା ହୃଦ୍‌ରୋଗରେ ପୀଡ଼ିତ, ଯେଉଁମାନେ ସମୟେ ସମୟେ ଅମ୍ଳଜାନ ନେବା ଆବଶ୍ୟକ କରିଥା'ନ୍ତି ଏବଂ ଯେଉଁମାନଙ୍କର ସୁବିଧା, ସୁଯୋଗ ଓ ଆର୍ଥିକ ସ୍ୱଚ୍ଛଳତା ରହିଛି, ସେମାନେ ବିଦେଶକୁ କିମ୍ବା ଆପେକ୍ଷାକୃତ କମ୍ ପ୍ରଦୂଷିତ ଅଞ୍ଚଳକୁ ଅନ୍ତତଃପକ୍ଷେ ୬ରୁ ୮ ସପ୍ତାହ ଚାଲିଯିବା ଉଚିତ।

ବାୟୁ ଗୁଣବତ୍ତା ସୂଚକ ୨୦୧-୩୦୦ ଭିତରେ ଥିଲେ ଏହା 'ଅତ୍ୟନ୍ତଖରାପ' ବା 'ଅସ୍ୱାସ୍ଥ୍ୟକର' ଏବଂ '୩୦୧-୫୦୦' ଭିତରେ ରହିଲେ 'ସାଂଘାତିକ' ବା 'ବିପଜ୍ଜନକ' ବୋଲି ଧରାଯାଏ। ଦେଶର ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ଶପଥ ଗ୍ରହଣ କରିବାର ପରଦିନ ଅଦାଲତରେ ଶୁଣାଣି ଅବସରରେ କ୍ଷୋଭ ପ୍ରକାଶ କରି କହିଥିଲେ, ପୂର୍ବଦିନ ସନ୍ଧ୍ୟାରେ ୫୫ ମିନିଟ୍ ବାହାରେ ଭ୍ରମଣ କରିବା ପରେ ସେ ଅଣନିଃଶ୍ୱାସୀ ହୋଇ ଅସୁସ୍ଥତା ଅନୁଭବ କରିଥିଲେ। ସେ ସମୟରେ ଦିଲ୍ଲୀ ସହରରେ ବାୟୁରୁ ଗୁଣବତ୍ତା ସୂଚକ ୪୦୦ ରୁ ୫୦୦ ମଧ୍ୟରେ, ଅର୍ଥାତ୍ 'ବିପଜ୍ଜନକ' ସ୍ତରରେ ରହିଥିଲା। ଦିଲ୍ଲୀ ଏମ୍ସର ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଜାଟ୍‌ଙ୍କ ମତରେ, ଗର୍ଭବତୀମାନେ ପ୍ରଦୂଷିତ ବାୟୁ ସେବନ କରିବା ଦ୍ୱାରା ତାହା ତାଙ୍କ ରକ୍ତ ପ୍ରବାହରେ ସଂଚାରିତ ହୋଇ ଗର୍ଭସ୍ଥ ଭ୍ରୁଣକୁ ପ୍ରବାହିତ କରୁଛି। କାରଣ ଗର୍ଭସ୍ଥ ଶିଶୁର ଭ୍ରୁଣ ମା'ଦେହରେ ପ୍ରବାହିତ ରକ୍ତରୁ ଅମ୍ଳଜାନ ଓ ଆବଶ୍ୟକୀୟ ପୋଷକ ତତ୍ତ୍ୱ ପାଇଥାଏ। ଏହି କାରଣରୁ ଶ୍ୱାସକ୍ରିୟାରେ ପ୍ରଦୂଷିତ ବାୟୁ ସେବନ କରୁଥିବା ମା'ଙ୍କ ଠାରୁ ଜନ୍ମିତ ଶିଶୁର ଫୁସ୍‌ଫୁସ୍ ଅପେକ୍ଷାକୃତ ଛୋଟ ଆକାରର ହୋଇଥାଏ। ଶିଶୁମାନେ ନିଜ ଶରୀର ଓଜନ ଅନୁପାତରେ ଅଧିକ ପରିମାଣର ବାୟୁ ଶ୍ୱାସକ୍ରିୟାରେ ଗ୍ରହଣ କରିଥା'ନ୍ତି। ତେଣୁ ସେମାନେ ବୟସ୍କଙ୍କ ତୁଳନାରେ ସମାନ ପରିମାଣର ବାୟୁରୁ ଅଧିକ ମାତ୍ରରେ ପ୍ରଦୂଷକ ଗ୍ରହଣ କରିଥା'ନ୍ତି। ଏହାବ୍ୟତୀତ ସେମାନଙ୍କର ଶ୍ୱାସନଳୀ ମଧ୍ୟ ନିଃଶ୍ୱାସ ପ୍ରଶ୍ୱାସ ନେବା ସମୟରେ ବାୟୁରୁ ପ୍ରଦୂଷକ ଛାଣି ରଖିବାକୁ ସକ୍ଷମ ହୋଇ ନ ଥାଏ। ତେଣୁ ଆଜିକାଲି ଶିଶୁମାନେ ଥଣ୍ଡା, କାଶ, କଫ ଓ ଆଜ୍‌ମା ଭଳି ରୋଗରେ ଅଧିକ ଆକ୍ରାନ୍ତ ହେଉଛନ୍ତି।

ତିରିଶ ଚାଳିଶ ବର୍ଷ ପୂର୍ବେ ଦୀର୍ଘକାଳୀନ ଫୁସ୍‌ଫୁସ୍ ଅବରୋଧ ରୋଗର ମୁଖ୍ୟ କାରକ ଥିଲା ଧୂମପାନ ଓ ତମାଖୁ ସେବନ। ଏବେ ୫୦ ପ୍ରତିଶତ କ୍ଷେତ୍ରରେ ଫୁସ୍‌ଫୁସ୍ ସଂକ୍ରାନ୍ତୀୟ ରୋଗର ମୁଖ୍ୟ କାରଣ ହେଉଛି ଉଭୟ ଆନ୍ତଃ ଓ ବାହ୍ୟ ବାୟୁ ପ୍ରଦୂଷଣ। ପୂର୍ବରୁ ୮୦ ପ୍ରତିଶତରୁ ଅଧିକ ଫୁସ୍‌ଫୁସ୍ କର୍କଟ ଧୂମପାନ ବା ତମାଖୁ ସେବନ କାରଣରୁ ହେଉଥିବା ବେଳେ ଏବେ ୪୦ ପ୍ରତିଶତରୁ ଅଧିକ ବ୍ୟକ୍ତି, ଯେଉଁମାନେ କେବେ ବି ଧୂମପାନ କରନ୍ତି ନାହିଁ, ସେମାନଙ୍କୁ ଫୁସ୍‌ଫୁସ୍ କର୍କଟ ହେବାର ଦେଖାଯାଉଛି। ସେମାନଙ୍କ ଭିତରୁ ଅଧିକାଂଶ ଯୁବଗୋଷ୍ଠୀର। କେବଳ ଫୁସ୍‌ଫୁସ୍ ଜନିତ ରୋଗ ନୁହେଁ, ବାୟୁ ପ୍ରଦୂଷଣ କାରଣରୁ ଶରୀରର ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ ଯଥା ହୃଦୟ, ମସ୍ତିଷ୍କ, ବୃକ୍କ ଓ ଖାଦ୍ୟନଳୀ ସଂକ୍ରମିତ ହୋଇଥାଏ। ୨୦୨୩ ମସିହାରେ ଆମେରିକାର ଚିକାଗୋ ବିଶ୍ୱବିଦ୍ୟାଳୟର ଶକ୍ତିନୀତି ସଂସ୍ଥା ପ୍ରାୟ ଲକ୍ଷାଧିକ ରୋଗୀଙ୍କ ଉପରେ ଗବେଷଣା କରି ପ୍ରକାଶ କରିଥିବା ରିପୋର୍ଟରେ ଦର୍ଶାଇଛି, ବାୟୁ ପ୍ରଦୂଷଣ କାରଣରୁ ଭାରତୀୟମାନଙ୍କର ଜୀବନ ଅବଧି କାଳ ୫.୩ ବର୍ଷ ହ୍ରାସ ପାଇଛି ଏବଂ ବିଶେଷକରି ଦିଲ୍ଲୀରେ ସ୍ଥାୟୀ ବସବାସ କରୁଥିବା ଅଧିବାସୀମାନଙ୍କର ଜୀବନ ଅବଧି ହ୍ରାସ ପାଇଛି ୧୧.୯ ବର୍ଷ। ଏହି କ୍ଷେତ୍ରରେ ସମଗ୍ର ଦେଶରେ ବାଂଲାଦେଶ ପଛକୁ ରହିଛି ଭାରତ। ୨୦୨୪ ମସିହାରେ ପ୍ରକାଶିତ ଲାନ୍ସେଟ ରିପୋର୍ଟ ମୁତାବକ ଭାରତରେ ପ୍ରତିବର୍ଷ ପ୍ରାୟ ୧୫ ଲକ୍ଷ ଲୋକ କେବଳ ବାୟୁ ପ୍ରଦୂଷଣ କାରଣରୁ ମୃତ୍ୟୁବରଣ କରିଥା'ନ୍ତି।

ବାୟୁ ପ୍ରଦୂଷଣ ଦୃଷ୍ଟିକୋଣରୁ ଦିଲ୍ଲୀର କୁଖ୍ୟାତି ସାରା ବିଶ୍ୱରେ ରହିଛି। ୨୦୨୪ ମସିହାରେ 'ସ୍ୱିସ୍ ବାୟୁ ଗୁଣବତ୍ତା ନିର୍ଦ୍ଧାରକ କମ୍ପାନୀ(ଆଇକ୍ୟୁଏୟାର) ଦ୍ୱାରା ପ୍ରସ୍ତୁତ ବିଶ୍ୱ ବାୟୁ ଗୁଣବତ୍ତା ସୂଚକ ରିପୋର୍ଟରେ ଦର୍ଶାଯାଇଥିଲା ଯେ ଦିଲ୍ଲୀ ବିଶ୍ୱରେ ସର୍ବାଧିକ ପ୍ରଦୂଷିତ ରାଜଧାନୀ ସହର ଏବଂ ଭାରତ ବିଶ୍ୱର ପଞ୍ଚମ ପ୍ରଦୂଷିତ ରାଷ୍ଟ୍ର। ୨୦୨୩ ମସିହାରେ ଭାରତ ତୃତୀୟ ସ୍ଥାନରେ ଥିଲା। ବିଶ୍ୱର ସର୍ବାଧିକ ପ୍ରଦୂଷିତ ୨୦ ଟି ସହର ମଧ୍ୟରୁ ୧୩ ଟି ସହର ଆମ ଦେଶର। ଏହି ୧୩ଟି ସହର ମଧ୍ୟରେ ରହିଛି ବିର୍ଣ୍ଣିହାଟ(ଆସାମ ମେଘାଳୟ ସୀମାନ୍ତ), ଦିଲ୍ଲୀ, ମୁଲାନ୍‌ପୁର(ପଞ୍ଜାବ), ଫରିଦାବାଦ ଓ ଗୁରୁଗ୍ରାମ (ହରିୟାଣା); ଲୋନି, ନୋଏଡ଼ା, ମୁଜାଫରଗର (ଉତ୍ତର ପ୍ରଦେଶ) ଏବଂ ଭିଲୱାଡ, ଗଙ୍ଗାନଗର, ହନୁମାନଗଡ଼(ରାଜସ୍ଥାନ)। ସାମଗ୍ରିକ ଭାବରେ ଆମଦେଶର ୩୫ ପ୍ରତିଶତ ସହରରେ ବାର୍ଷିକ ପାର୍ଟିକୁଲଟ ମ୍ୟାଟକୁଲଟ ମ୍ୟାଟର (ପି.ଏମ୍) ୨.୫ର ସ୍ତର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରସ୍ତୁତ ନିରାପଦ ସୂଚକ ଠାରୁ ୧୦ ଗୁଣା ଅଧିକ ରହିଛି। ପିଏମ ୨.୫ ହେଉଛି ବାୟୁରେ ଥିବା ପ୍ରଦୂଷକ କଣିକା, ଯାହାର ଆକୃତି ୨.୫ ମାଇକ୍ରନ ବା ତା'ଠାରୁ କମ୍।

ଅନ୍ତତଃପକ୍ଷେ, ଆମ ପାଇଁ ଆଶ୍ୱାସନାର ବିଷୟ ଏହି ଯେ, ଉପରୋକ୍ତ ୧୩ଟି ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ ଆମ ଓଡ଼ିଶାର କୌଣସି ସହର ନାହିଁ। କିନ୍ତୁ ପରିବେଶ ଓ ପରିସ୍ଥିତି ଧୀରେ ଧୀରେ ବଦଳିବାରେ ଲାଗିଛି। ନିକଟରେ 'ଡାଉନ ଟୁ ଆର୍ଥ' ମାଗାଜିନରେ ଦିଲ୍ଲୀ ଓ ଓଡ଼ିଶାର ବାୟୁ ଗୁଣବତ୍ତା ସୂଚକର ୧ ନଭେମ୍ବରରୁ ୧୨ ନଭେମ୍ବର ପର୍ଯ୍ୟନ୍ତ ସଂଗୃହୀତ ତଥ୍ୟର ଏକ ଗ୍ରାଫ୍ ପ୍ରକାଶ ପାଇଥିଲା। ସବୁଠାରୁ ଅପ୍ରତ୍ୟାଶିତ ମନେ ହେଲା ନଭେମ୍ବର ୫ ତାରିଖ ଦିନ ଓଡ଼ିଶାର ବାୟୁ ଗୁଣବତ୍ତା ସୂଚକ ଦିଲ୍ଲୀଠାରୁ ଅଧିକ। ଅର୍ଥାତ୍ ପାଖାପାଖି ୨୩୦ ରହିଥିଲା। ଏହା ଅତ୍ୟଧିକ ଖରାପ ବା ଅସ୍ୱାସ୍ଥ୍ୟକର। ସେହି ମାଗାଜିନ୍‌ରେ ଓଡ଼ିଶାର ବିଭିନ୍ନ ସହରର ନଭେମ୍ବର ୧୨ ତାରିଖର ବାୟୁ ଗୁଣବତ୍ତା ସୂଚକ ଆକଳନ କରାଯାଇଛି। ସର୍ବାଧିକ ୩୦୩ ପିଏମ୍ ୨.୫ କଟକରେ ଏବଂ ୨୭୦ ଭୁବନେଶ୍ୱରରେ ରହିଥିଲା। ଏହା ପଛକୁ ଥିଲା ଅନୁଗୋଳ ୨୫୦, ବଡ଼ବିଲ ୨୧୬ ଏବଂ ଅନୁଗୋଳ ନିକଟସ୍ଥ ତାଳଚେର ସହର ୨୧୩ ପିଏମ ୨.୫।

ପୁନର୍ବାର ଗତ କିଛିଦିନ ତଳେ ଦେଶର ଦ୍ୱିତୀୟ ବା ତୃତୀୟ ପ୍ରଦୂଷିତ ସହର ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକଠାରୁ ଓଡ଼ିଶାର ମାନକ ଟପିଯାଇଛି। ଏଥର ଏହା ଘଟିଛି ରାଜ୍ୟର ଅନ୍ୟତମ ଶିଳ୍ପାଞ୍ଚଳ ଅନୁଗୋଳ ସହରରେ। ଗତ ନଭେମ୍ବର ୨୫ ତାରିଖରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜାରି କରିଥିବା ବୁଲେଟିନ ମୁତାବକ, ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆର) ୩୨୭ ଥିଲା ବେଳେ ଅନୁଗୋଳରେ ୩୩୭ ରେକର୍ଡ କରାଯାଇଛି। ରାଜ୍ୟ ରାଜଧାନୀ ଭୁବନେଶ୍ୱର ଓ କଟକରେ ମଧ୍ୟ ସେଦିନ ଏକ୍ୟୁଆର ଥିଲା ୩୦୮। ତେଣୁ ସେଦିନ ଦେଶର ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ଓଡ଼ିଶାର ଅନୁଗୋଳ ସହର ଯୋଡ଼ି ହେବା ନିଶ୍ଚିତ ଭାବେ ଏକ ଚିନ୍ତାଜନକ ବିଷୟ। ଏହି ପ୍ରଦୂଷଣ ସ୍ତର ପରବର୍ତ୍ତୀ ଦୁଇଦିନ ପର୍ଯ୍ୟନ୍ତ ମଧ୍ୟ ଲାଗି ରହିଥିଲା।

ଚଳିତ ନଭେମ୍ବର ମାସରେ ତିନି/ଚାରିଦିନ ପାଇଁ ହେଉ ପଛେ ଓଡ଼ିଶାର ତିନୋଟି ସହର ଦେଶର ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ଧସେଇ ପଶିବାର ଉଦ୍ୟମ କରିଛି। ଅନୁଗୋଳରେ ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି କଳକାରଖାନା, ବିଶେଷକରି ତାପଜ ବିଦ୍ୟୁତ୍ କେନ୍ଦ୍ରରୁ, ନିର୍ଗତ ଧୂମ୍ର କଣିକା, କୋଇଲା ଖଣି ଓ ଆଲୁମିନିୟମ କାରଖାନାରୁ ନିର୍ଗତ ପ୍ରଦୂଷିତ ବାୟୁ। ଭୁବନେଶ୍ୱର ଓ କଟକରେ ବାୟୁ ପ୍ରଦୂଷଣ ମୁଖ୍ୟତଃ ଯାନବାହନରୁ ନିର୍ଗତ ଧୂଆଁ ଏବଂ ନିର୍ମାଣ କାର୍ଯ୍ୟରୁ ସୃଷ୍ଟି ହେଉଥିବା ଧୂଳିରୁ ହୋଇଥାଏ। ସବୁଠାରୁ ବିଡ଼ମ୍ବନାର ବିଷୟ ଏହି ଯେ ଗତ କିଛିଦିନ ତଳେ କେନ୍ଦ୍ର ସରକାରଙ୍କ ତରଫରୁ ଅନୁଗୋଳ ମ୍ୟୁନିସିପାଲିଟିକୁ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର ୨୦୨୫ ମିଳିଛି। ବାୟୁ ପ୍ରଦୂଷଣ ହ୍ରାସ କରିବାରେ ଅନୁଗୋଳ ଦେଶରେ ତୃତୀୟ ଓ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ତରଫରୁ ଏହି ଚୟନ କରାଯାଇଥିଲା। ଏବେ ବିଚାର କରିବାର କଥା ଏହି ଆତ୍ମତୃପ୍ତି ଭବିଷ୍ୟତରେ ଆମ ପାଇଁ ଆତ୍ମଘାତୀ ହେବ ନାହିଁ ତ?

(ଉପସଭାପତି, ଓଡ଼ିଶା ପରିବେଶ ସମିତି, ପୂର୍ବତନ ରାଜ୍ୟ ପରିବେଶ ନିର୍ଦ୍ଦେଶକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ସ୍ମାର୍ଟସିଟିରେ ନିରାଶ୍ରୟର ବ୍ୟଥା

**ପଞ୍ଚାନନ ଅଗ୍ରୱାଲ**

ଏବେ ଶୀତଋତୁ। ପ୍ରବଳ ଶୀତରେ ଥରି ଥରି ଫଟା ଚାଦରଟିଏ ଘୋଡ଼ାଇ ରାତିରେ ଫୁଟପାଥରେ କିଛି ଲୋକ ଶୋଇଥିବା ଦେଖାଯାଏ। ରାତି ଅନ୍ଧାର ମାଡ଼ି ଆସିଲେ କିଛି ବେସାହାରା ଲୋକ ପୋଲ ତଳେ, ଦୋକାନ ପିଣ୍ଡା ଉପରେ, ପାର୍କର ବେଞ୍ଚ ଉପରେ ଥରି ଥରି ରାତି କଟାଉଥିବା ଦେଖାଯାଏ। ସେମାନଙ୍କ ମଧ୍ୟରୁ କେହି ବୃଦ୍ଧବୃଦ୍ଧା ରୋଗୀଙ୍କ ଜୀବନଦୀପ ସେହି ଅନ୍ଧାର ରାତିରେ ଲିଭିଯାଇଥାଏ। ତାହା କୌଣସି ସମ୍ବାଦପୃଷ୍ଠାରେ ସ୍ଥାନ ପାଏ ନାହିଁ। ଏଭଳି ମୃତ୍ୟୁ ସାମାଜିକ ବ୍ୟବସ୍ଥାର ତ୍ରୁଟି ଏବଂ ସମ୍ବେଦନହୀନତାର କ୍ରୂର ଆଇନା।

କିଛିଦିନ ପୂର୍ବେ 'ସେଣ୍ଟର ଫର ହୋଲିଷ୍ଟିକ ଡେଭେଲପମେଣ୍ଟ' ପକ୍ଷରୁ ତଥ୍ୟ ମିଳିଥିଲା ଯେ ନଭେମ୍ବର ୨୦୨୪ରୁ ଜାନୁଆରୀ ୨୦୨୫ - ୫୬ ଦିନ ମଧ୍ୟରେ ଦିଲ୍ଲୀରେ ୪୭୪ ଜଣ ବାସହୀନ ଲୋକଙ୍କ ଥଣ୍ଡାରେ ମୃତ୍ୟୁ ହୋଇଛି। ଏହି ତଥ୍ୟ ଜିଲ୍ଲାସ୍ତରରୁ ଡାକ୍ତରଖାନାର ସର୍ବେକ୍ଷଣ ଦସ୍ତାବିଜ ଆଧାରିତ ଥିଲା। ରାଷ୍ଟ୍ରୀୟ ମାନବାଧିକାର ଆୟୋଗ ଏହି ନିମନ୍ତେ ଦିଲ୍ଲୀ ପ୍ରଶାସନକୁ ବିସ୍ତୃତ ରିପୋର୍ଟ ମାଗିଥିଲେ। ବାସ୍ତବିକ ତଥ୍ୟ ଆହୁରି ଅଧିକ ହେବ। ଫୁଟପାଥ ଉପରେ ପଡ଼ିଥିବା ଶବକୁ ଅଜ୍ଞାତ କହି ତା'ର ଦାହ କରାଯାଉଛି। ବିଶେଷଜ୍ଞମାନଙ୍କ ଅନୁମାନ ଯେ ଶତକଡ଼ା ୮୦ଭାଗ ମୃତ୍ୟୁ ପରିଚୟହୀନ ଭାବେ ହଜିଯାଉଛି। ୨୦୨୪ରେ ଭାରତରେ ୩୨୩୮ ମୃତ୍ୟୁ ହୋଇଥିଲା, ଯାହା ୨୦୨୨ର ତୁଳନାରେ ୧୮ଭାଗ ଅଧିକ ଥିଲା। ଅର୍ଥାତ୍ ଶୀତଲହରୀର ପ୍ରଭାବ ବଢ଼ି ଚାଲିଛି।

ଏହି ସଙ୍କଟ କେବଳ ଦିଲ୍ଲୀରେ ସୀମିତ ନୁହଁ। କାନପୁରରେ ୨୦୨୩ରେ ଗୋଟିଏ ସପ୍ତାହ ମଧ୍ୟରେ ୯୮ ଜଣଙ୍କ ମୃତ୍ୟୁ ହୋଇଥିଲା। ଏନଏଚଆରସି ଅକ୍ଟୋବର ୨୦୨୫ରେ ୧୯ ରାଜ୍ୟ ଏବଂ ୪ଟି କେନ୍ଦ୍ର ଶାସିତ ପ୍ରଦେଶକୁ ଚେତାବନୀ ଜାରି କରିଥିଲେ, ଯେଉଁଥିରେ ବାସହୀନ, ନବଜାତ ଶିଶୁ, ବୟସ୍କ ଗରୀବ ଶ୍ରେଣୀର ଲୋକମାନଙ୍କୁ ଶୀତଦାଉରୁ ସୁରକ୍ଷା ଦେବା ପାଇଁ ଉଲ୍ଲେଖ ଥିଲା। କିନ୍ତୁ କାର୍ଯ୍ୟକାରିତା ସରକାରୀ କାଗଜ ଭିତରେ ହିଁ ସୀମିତ ରହିଯାଇଛି। ୨୦୧୧ ଜନଗଣନା ଅନୁସାରେ, ଦେଶର ସହରାଞ୍ଚଳମାନଙ୍କରେ ୯, ୩୮, ୩୪୮ ଲୋକ ବାସହୀନ ଥିଲେ। ବର୍ତ୍ତମାନ ଏହି ସଂଖ୍ୟା ଦେଢ଼କୋଟି ପାର ହୋଇଯାଇଛି। ଦିଲ୍ଲୀରେ କେବଳ ୩ଲକ୍ଷ ରୁ ୪ଲକ୍ଷ ବାସହୀନ ଅଛନ୍ତି, ଯେଉଁମାନେ ପ୍ରବାସୀ ଶ୍ରମିକ, ରିକ୍ସା ଚାଳକ, ପରିବା ବିକ୍ରେତା, ଘର କାର୍ଯ୍ୟରେ ନିଯୁକ୍ତ କର୍ମଚାରୀ। ଅଗଷ୍ଟ ୨୦୨୪ରେ କରାଯାଇଥିବା ଗଣତିରେ ୧, ୫୬, ୩୬୯ ଲୋକ ରାତି ୧୧ଟାରୁ ସକାଳ ୫.୩୦ ଯାଏଁ ସଡ଼କ ଉପରେ ଶୋଇଥିବା ଦେଖାଯାଇଥିଲା। ବନ୍ୟା, ମରୁଡ଼ି, ମହଙ୍ଗା, ବେରୋଜଗାର ଓ ଋଣଭାର ଯୋଗୁଁ ଅଧିକରୁ ଅଧିକ ଲୋକ ଏବେ ସହରମୁହାଁ ହେଉଛନ୍ତି। ସହରୀକରଣ ଯୋଗୁଁ ଗାଁ ଖାଲି ହେବାକୁ ଲାଗିଛି। ଦିଲ୍ଲୀ ମାଷ୍ଟର ପ୍ଲାନ ଅନୁସାରେ ୨୦୪୧ ସୁଦ୍ଧା ସ୍ମାର୍ଟ ହେବାର ସ୍ୱପ୍ନ ଦେଖୁଛି। କିନ୍ତୁ ବାସହୀନ ଲୋକଙ୍କୁ କେହି ଶୁଣିବାର ନାହିଁ।

ଭୁବନେଶ୍ୱର ସାଲିଆ ସାହି ଉଚ୍ଛେଦର ତୃତୀୟ ଦିନରେ ୫୫୬ ଘର ମାଟିରେ ମିଶିଛି। ନିଜ ଜିଦ୍‌ରେ ଅଟଳ ରହି କିଛି ପରିବାର ଖୋଲା ପଡ଼ିଆରେ ପାଲ ତଳେ ଦିନ କାଟୁଛନ୍ତି। ଓଳିଏ ଖାଇଲେ ଆଉ ଓଳିକୁ ଉପବାସ। ଛୋଟ ପିଲା, ବୃଦ୍ଧବୃଦ୍ଧା ଖରାକାକରରେ ପଡ଼ିରହିଛନ୍ତି। ପ୍ରଧାନମନ୍ତ୍ରୀ ଆବସ ଯୋଜନାର ଲକ୍ଷ୍ୟ ଥିଲା ସମସ୍ତଙ୍କୁ ଘର। ୨୦୧୫ରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ୨୦୨୨ ପର୍ଯ୍ୟନ୍ତ ସମସ୍ତଙ୍କୁ ପକ୍କାଘର ଦେବାର ପ୍ରତିଶ୍ରୁତି ଥିଲା। ୨୦୨୫ ସରିବାକୁ ବସିଲାଣି। ଏହି ଯୋଜନାର ବିସ୍ତାର କରି ପିଏମୱାଇ ଅର୍ବାନ ୨-୦ ଅଣାଗଲା। କିନ୍ତୁ ବାସହୀନ ଲୋକଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ସରକାର କହୁଛନ୍ତି, ପ୍ରତି ୨୦ ମିନିଟରେ ୧୫୦ ଘର ନିର୍ମାଣ ଚାଲିଛି। କିନ୍ତୁ ଏ ସବୁ କାଗଜରେ ହିଁ ରହିଯାଉଛି। ସେପ୍ଟେମ୍ବର ୨୦୨୫ରେ ମନ୍ତ୍ରଣାଳୟ ରାଜ୍ୟମାନଙ୍କ ସହ ସମୀକ୍ଷା କଲେ। କିନ୍ତୁ ସମୟ ଅନୁସାରେ କେନ୍ଦ୍ରୀୟ ସହାୟତା ନ ମିଳିବାରୁ ପ୍ରଗତି କାର୍ଯ୍ୟ ବନ୍ଦ ହୋଇଥିବା ଜଣାପଡ଼ିଲା।

ରୈନବସେରା, ବାସହୀନଙ୍କ ପାଇଁ ତତ୍‌କାଳୀନ ସମାଧାନ କୁହାଯାଏ। କିନ୍ତୁ ଏହାର ଅବସ୍ଥା ଦେଖିଲେ ଆହୁରି ନୈରାଶ୍ୟଜନକ ମନେ ହୁଏ। 'ଦିଲ୍ଲୀ ଅର୍ବାନ ସେଲଟର ଇମ୍ପ୍ରୁଭମେଣ୍ଟ ବୋର୍ଡ'ର ତଥ୍ୟାନୁସାରେ ସହରରେ ୩୨୫ଟି ରୈନବସେରା ଅଛି। ଏଥିରେ ମୋଟ ୧୬୩୩୮ ଜଣ ଲୋକ ଶୋଇପାରିବେ। କିନ୍ତୁ 'ୱିଣ୍ଟର ଆକସନ ପ୍ଲାନ' ୨୦୨୪-୨୫ ଅନୁସାରେ ୧୯୭ ଗୋଟି ସ୍ଥାୟୀ ବସେରାରୁ ୮୨ଗୋଟି କାର୍ଯ୍ୟ କରୁଛି। କ୍ଷମତା ମାତ୍ର ୭୦୯୨ ଜଣଙ୍କର ଅଛି। ବାକି ସବୁ କ୍ୟାବିନ ଆଉ ତମ୍ବୁ ମାଧ୍ୟମରେ ଚାଲିଛି। ଏହି ସ୍ଥାନମାନଙ୍କରେ ଚୋରି, ନିଶା କାରବାର, ହିଂସା ସାଧାରଣ ଘଟଣା ପାଲଟିଛି। ମହିଳାଙ୍କ ପାଇଁ ୧୭ଟି ବସେରା ଅଛି। ମାଷ୍ଟର ପ୍ଲାନ ମୁତାବକ ୩୩୦ରୁ ୩୫୦ ସ୍ଥାୟୀ ରେନବସେରା ହେବା କଥା। କିନ୍ତୁ ବର୍ତ୍ତମାନ ୮୦ଗୋଟି ଅଛି।

ରାଷ୍ଟ୍ରୀୟ ମାନବାଧିକାର ଆୟୋଗଙ୍କ କହିବା ଅନୁଯାୟୀ, ବାସହୀନଙ୍କୁ ଭିକାରୀ କିମ୍ବା ନିଶାଖୋର କୁହାଯିବା ଦୁଃଖଦାୟକ। ସମାଧାନ ପାଇଁ ଇଚ୍ଛାଶକ୍ତି ଦରକାର। ପ୍ରତ୍ୟେକ ସହରର ବ୍ୟାପକ ସର୍ବେକ୍ଷଣ ଜରୁରୀ। ପ୍ରତ୍ୟେକ ଲୋକଙ୍କର ବଞ୍ଚିବାର ମୌଳିକ ଅଧିକାର ଅଛି।

ଭୁବନେଶ୍ୱର, ମୋ: ୯୭୭୭୭୪୦୭୧

# କଥାଶିଳ୍ପୀ ରାମପ୍ରସାଦ ସିଂହ: ସଂଗ୍ରାମ ଓ ସଂହତି

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାରା ଜୀବନ ନିରବଚ୍ଛିନ୍ନ ଲେଖନୀ ଚାଳନା କରିଥିଲେ ମଧ୍ୟ କାହାରିଠାରୁ ପଦେ ପ୍ରଶଂସା ଶୁଣିବାର ପ୍ରତ୍ୟାଶା କେବେହେଲେ ପୋଷଣ କରି ନଥିବା ଜଣେ ଉଚ୍ଚକୋଟୀର, ମର୍ଯ୍ୟାଦାପୂର୍ଣ୍ଣ ସଂସ୍କୃତିର ଉପାସକ ହେଉଛନ୍ତି ବିଶିଷ୍ଟ କଥାଶିଳ୍ପୀ ରାମ ପ୍ରସାଦ ସିଂହ। କେତେସଂଖ୍ୟକ ଉପନ୍ୟାସ ସେ ରଚନା କରିଛନ୍ତି, ତା' ସଠିକ ଭାବରେ ଉଲ୍ଲେଖ କରିବା ଆଦୌ ସମ୍ଭବ ନୁହେଁ। ଯେଉଁ ଉପନ୍ୟାସଗୁଡ଼ିକ ପାଇଁ ପାଠକମାନଙ୍କ ଶ୍ରଦ୍ଧାସିକ୍ତ ଦୃଷ୍ଟି ଦିନେ ସେ ଆକର୍ଷଣ କରିଥିଲେ, ତା' ମଧ୍ୟରେ ରହିଛି- 'ପୂଜାର ବଳୀ', 'ମରୁର ସାଥୀ', 'ମରୀଚିକା', 'ପ୍ରତିହିଂସା', 'ଛିନ୍ନମସ୍ତା', 'ହୋମଶିଖା', 'ଅଗ୍ନିପଥେ' ଆଦି। ପ୍ରଗତିବାଦର ଉଷ୍ମତା ତାଙ୍କ କଣ୍ଠରେ ପ୍ରକଟିତ ହୋଇଛି। ସେହିପରି ଗାନ୍ଧୀ-ବିବେକର ବାଣୀ ମଧ୍ୟ ଉଚ୍ଚାଟିତ ହୋଇଯାଇଛି ପ୍ରଭାବଶାଳୀ ଭାବ ବହନ କରି। ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହ ଅବିକଳ ରୂପାୟିତ କରିଛନ୍ତି ସେ ଜଣେ ପ୍ରତ୍ୟକ୍ଷ ଭାବରେ ଅଂଶ ଗ୍ରହଣ କରିଥିବା ସତ୍ୟାଗ୍ରହୀ ପରି। 'ପୂଜାର ବଳୀ' ସେଥିପାଇଁ ଆଦୌ ମନେ ହୁଏ ନାହିଁ କାଳ୍ପନିକ ବୋଲି! 'ହୋମଶିଖା' ରଚନା ବେଳେ ସେ ମାର୍କ୍ସୀୟ ଦର୍ଶନ ଦ୍ୱାରା ଅନୁପ୍ରାଣିତ। ତେଣୁ ଜମିଦାର ଗୋଷ୍ଠୀର ଶୋଷଣ ଓ ପ୍ରଜାବୃନ୍ଦଙ୍କ ପ୍ରତିଶୋଧ ପରାୟଣତା ଏଥିରେ ପ୍ରତିଫଳିତ। କ୍ଷୁଦ୍ରଗଳ୍ପ ରଚନାରେ ମଧ୍ୟ ସେ ପ୍ରଦର୍ଶନ କରିଦେଇଛନ୍ତି ଦୁଃସାହସିକ ପଦକ୍ଷେପ। 'ଶେଷରାତି' ଗଳ୍ପଟି ବୈପ୍ଳବିକ ଚେତନାର ପରିଚାୟକ।

ଗୋଟିଏ ପଟେ ଗାନ୍ଧିବାଦୀ ଦର୍ଶନ, ଅନ୍ୟପକ୍ଷରେ ସାମ୍ୟବାଦୀ ଚିନ୍ତନ, ତାଙ୍କୁ ପରିଣତ ପରିପକ୍ୱ କରିଦେଲା ଯେଉଁ ରୂପରେ, ତାହାକୁ 'ମାନବବାଦୀ' ବୋଲି ହିଁ ଅଭିହିତ କରିବା ହୋଇପାରେ ଯଥାର୍ଥ। ଏହି ଉଭୟ ଦର୍ଶନ ମଧ୍ୟରେ ବିଦ୍ୟମାନ ଯେଉଁ ସାମ୍ୟ ଓ ବୈଷମ୍ୟ, ତାହା କ'ଣ ରାମପ୍ରସାଦ ଅନୁଭବ କରି ନାହାନ୍ତି? ସେ ଥିଲେ ଏ ଦିଗରେ ସର୍ବଦା ସଚେତ, ମନ୍‌ଥିତ, ବ୍ୟଥିତ ଓ ଚିନ୍ତିତ ଏକ ଦରଦୀ, ଅନୁଭବୀ ସ୍ରଷ୍ଟା। ତାଙ୍କ ଜୀବନରେ ଓ ସାହିତ୍ୟରେ ଯେଉଁ ବୈଚିତ୍ର୍ୟ ବିଭାସିତ, ତାହା କାହାକୁ ବା ଚମତ୍କୃତ କରି ନ ଦେବ! ଅନେକ ଲେଖକ ଗାନ୍ଧୀବାଦରୁ ସାମ୍ୟବାଦ ମଧ୍ୟକୁ ପ୍ରବେଶ କରିଛନ୍ତି। ରାମ ପ୍ରସାଦ ସାମ୍ୟବାଦରୁ ଯାତ୍ରା କରୁଛନ୍ତି ଗାନ୍ଧୀ-ଚେତନା ଉଦ୍ଦେଶ୍ୟରେ। ଓଡ଼ିଆ ପାଠକୁ ପଛରେ ପକାଇ ଲୋକେ ଇଂରାଜୀ ମୋହଗ୍ରସ୍ତ। ଲେଖକ ଇଂରାଜୀ ଛାଡ଼ିଦେଇ ହୋଇଛନ୍ତି ମାତୃଭାଷାର ସାଧକ। କାରଣ ସେ ବହୁ ବିଳମ୍ବରେ ଓଡ଼ିଆ ଶିଖିବାର ସୁଯୋଗ ପାଇଥିଲେ। ପୁନଶ୍ଚ ଲୋକେ ଗ୍ରାମ୍ୟ ଆତ୍ମୀୟତା ପରିତ୍ୟାଗ କରି ରାଜଧାନୀ ଅଭିମୁଖୀ। ରାମ ପ୍ରସାଦ ସାମ୍ବାଦିକତା ଓ କଟକ ଭୁବନେଶ୍ୱର ଛାଡ଼ିଦେଇ ଆଶ୍ରୟ ଗ୍ରହଣ କରିଛନ୍ତି ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜନ୍ମପୀଠ ବରପାଲିରେ। ସେଠି ଆବିଷ୍କାର କରିଛନ୍ତି 'ମଙ୍ଗଳେ ଅଇଲା ଉଷା'ର ରହସ୍ୟ। ପ୍ରତିଷ୍ଠା କରିଛନ୍ତି 'ଗଙ୍ଗାଧର ସାହିତ୍ୟ ପରିଷଦ'।

ସାରା ରାଜ୍ୟର କେତେ ପ୍ରତିଷ୍ଠିତ ଲେଖକଙ୍କୁ ସଭ୍ୟ ଶ୍ରେଣୀଭୁକ୍ତ କରି ଏହି ଅନୁଷ୍ଠାନକୁ ରାଜ୍ୟସ୍ତରୀୟ ସୋପାନକୁ କରିଦେଲେ ଉତ୍ତୋଳିତ। କବିପୁତ୍ର ଭଗବାନ ମେହେରଙ୍କ ଓ କବି ପରିବାର ସହ ତାଙ୍କ ସମ୍ପର୍କ ଜୀବନର ଆଉ ଏକ ଉତ୍ତରିତ ଅଧ୍ୟାୟ। ତାଙ୍କ ସହଧର୍ମିଣୀ ଶୈଳବାଳା ବାନାର୍ଜୀ କେତେ ସାଧାରଣ! ସରକାରୀ ଡାକ୍ତରଖାନାର ଥିଲେ ସାମାନ୍ୟ ଜଣେ ନର୍ସ। ଅଥଚ ସମଗ୍ର ବରପାଲିରେ ଘରେ ଘରେ ସେ ଅବତୀର୍ଣ୍ଣା 'ଧାତ୍ରୀ-ଦେବୀ' ଭାବରେ। ସ୍ନେହମୟୀ ମାତୃ ମମତାର ନିର୍ଝରିଣୀ। ରାମ ପ୍ରସାଦ ତାଙ୍କ ବରପାଲି ଅବସ୍ଥାନ କାଳରେ ରଚନା କରିଥିଲେ ଗବେଷଣାତ୍ମକ ଗ୍ରନ୍ଥ 'ଶ୍ରୀକୃଷ୍ଣ'। ଆତ୍ମଜୀବନୀ 'ଶତାବ୍ଦୀର ପଦଧ୍ୱନି' ରଚନାରେ ବି ଧ୍ୟାନମଗ୍ନ ହୋଇଛନ୍ତି। ଏହା ତାଙ୍କ ବ୍ୟକ୍ତିଗତ ଜୀବନ ପ୍ରସଙ୍ଗଠାରୁ ଆହୁରି ପରିବ୍ୟାପ୍ତ ହୋଇ ଗୋଟିଏ ଶତାବ୍ଦୀର ସମୟକୁ ସାକାର କରିବ-ଏହି ଭାବନାରେ ରହୁଥିଲେ ଏକାଗ୍ରଚିତ୍ତ। କିନ୍ତୁ ତାହା ରହିଗଲା ଅସମ୍ପୂର୍ଣ୍ଣ। କେତେ ଉପନ୍ୟାସ ବି ଦେଖିପାରିଲେ ନାହିଁ ଆଉ ଆଲୋକ। ଏକମାତ୍ର କ୍ଷୁଦ୍ରଗଳ୍ପ ସଂକଳନ 'କଲ୍ଲୋଳ' ସେଇ ସମୟର ପ୍ରକାଶନ। 'ସନ୍ଧ୍ୟାଦୀପ'ଛାତ୍ରଛାତ୍ରୀଙ୍କ ପାଇଁ କି ପ୍ରେରଣାଗର୍ଭିତ। ଉପନ୍ୟାସର ନାୟକ ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରବେଶ କରିବା ବେଳେ ନିଜ ନାମଠାରୁ ସାଙ୍ଗିଆ ଉଠାଇ ଦେଇଛନ୍ତି, ଯାହା ଓଡ଼ିଆ ସାହିତ୍ୟରେ ସମ୍ଭବତଃ ପ୍ରଥମ।

ସେ ବୁଣି ଦେଇଛନ୍ତି ସାରସ୍ୱତ ଚେତନାର ଅଗଣିତ ଶକ୍ତିକଣିକା। ଆଜି ନିତାନ୍ତ ଆବଶ୍ୟକ ତାଙ୍କର ପୁନଃଆବିଷ୍କାର। ତାଙ୍କ ସାହିତ୍ୟ ଓ ବ୍ୟକ୍ତିତ୍ୱର ପୁନର୍ମୂଲ୍ୟାୟନ। ଏହା ହିଁ ସମାଜକୁ ଦେଇପାରିବ ଅଭିନ୍ନ ଦିଗଦର୍ଶନ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧ ଡଲାର...

ଟଙ୍କା ଭଳି ନିମ୍ନ ସ୍ତରକୁ ଖସିଆସିଥିଲା। ବଜାର ଖୋଲିବା ମାତ୍ରେ ମୁଦ୍ରା ମୂଲ୍ୟରେ ହୋଇଥିବା ଏହି ହ୍ରାସ ଭାରତୀୟ ଅର୍ଥନୀତି ପାଇଁ ଏକ ବଡ଼ ଝଟ୍‌କାଠାରୁ କମ୍ ନୁହେଁ। ଟଙ୍କା ମୂଲ୍ୟରେ ଏହି ହ୍ରାସ ଭାରତୀୟ ଅର୍ଥନୀତି ଉପରେ ଚାପ ବୃଦ୍ଧି କରୁଛି। ଏହା ଚିନ୍ତାର ବିଷୟ। କାରଣ ଏପରି ପରିସ୍ଥିତି ମୁଦ୍ରାସ୍ଫୀତିର ବିପଦକୁ ଆହୁରି ବଢ଼ାଇବ। ପୂର୍ବରୁ ଏପରି ହ୍ରାସ ୨୦୨୨ ରେ ଦେଖିବାକୁ ମିଳିଥିଲା।

ବିଗତ କିଛି ଦିନ ଧରି ବିଶ୍ୱ ବଜାରରେ ଅନିଶ୍ଚିତତା ବୃଦ୍ଧି ପାଉଛି। ଡଲାର ମଜବୁତ ହେଉଛି। ଏପରି ପରିସ୍ଥିତିରେ, ନିବେଶକମାନେ ସୁରକ୍ଷିତ ନିବେଶ ବିକଳ୍ପ ଖୋଜୁଛନ୍ତି ଏବଂ ଡଲାର ଆଡକୁ ମୁହାଁଇଛନ୍ତି। ଏହାବ୍ୟତୀତ, ବିଦେଶୀ ନିବେଶକମାନେ ମଧ୍ୟ ଭାରତୀୟ ବଜାରରୁ ପାଣ୍ଠି ପ୍ରତ୍ୟାହାରକୁ ତ୍ୱରାନ୍ୱିତ କରିଛନ୍ତି। ଫଳସ୍ୱରୂପ, ଟଙ୍କା ଦୁର୍ବଳ ହେଉଛି ଏବଂ ଡଲାରର ଚାହିଦା ବୃଦ୍ଧି ପାଉଛି। ଟଙ୍କା ୯୦ ସ୍ତର ଅତିକ୍ରମ କରିବା ମଧ୍ୟ ବଜାର ପରିବର୍ତ୍ତନକୁ ସୂଚିତ କରୁଛି। ଆମେରିକା ଭାରତ ଉପରେ ୫୦% ଶୁଳ୍କ ଲାଗୁ କରିଛି। ଏହାବ୍ୟତୀତ, ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିରେ ବିଳମ୍ବ, ଆମେରିକାର ଆର୍ଥିକ ନୀତି ଏବଂ ଆମେରିକୀୟ ଫେଡେରାଲ ରିଜର୍ଭର ସୁଧ ହାର ବିଷୟରେ ବୃଦ୍ଧି ପାଉଥିବା ଅନୁମାନ ମଧ୍ୟ ଟଙ୍କା ଉପରେ ଚାପ ବୃଦ୍ଧି କରୁଛି। ଟଙ୍କା ଦୁର୍ବଳ ହେବା କେବଳ ଆମଦାନୀ ଖର୍ଚ୍ଚ ବୃଦ୍ଧି କରୁନାହିଁ ବରଂ ପେଟ୍ରୋଲ ଏବଂ ଡିଜେଲ, ଯନ୍ତ୍ରପାତି, ମୋବାଇଲ୍ ଫୋନ୍, ଇଲେକ୍ଟ୍ରୋନିକ୍ସ ଏବଂ ବିଦେଶ ଯାତ୍ରା ମୂଲ୍ୟ ବଢ଼ାଉଛି।

## ବଢ଼ିବନି ସର୍ବନିମ୍ନ...

ବୈଠକରେ ଏହାକୁ ଅନୁମୋଦନ ମିଳିଯିବା ନେଇ ମଧ୍ୟ ଅନେକ ଆଲୋଚନା ହୋଇଥିଲା। କିନ୍ତୁ ବର୍ତ୍ତମାନ ସଂସଦର ଶୀତକାଳୀନ ଅଧିବେଶନରେ ସର୍ବନିମ୍ନ ଇପିଏଫ୍ ପେନ୍‌ସନ୍‌ରେ କୌଣସି ବୃଦ୍ଧି ହେବ ନାହିଁ ବୋଲି କେନ୍ଦ୍ର ସରକାର ରୋକ୍‌ଠୋକ୍ ଶୁଣାଇଦେଇଛନ୍ତି।

## ସାମରିକ ଘାଟି...

ଘାଟିକୁ ଇନ୍ଧନ, ସାମଗ୍ରୀ ଯୋଗାଣ, ରକ୍ଷଣାବେକ୍ଷଣ ଏବଂ ବର୍ଥ ପାଇଁ ବ୍ୟବହାର କରିପାରିବେ। କେବଳ ସାମରିକ କାର୍ଯ୍ୟକଳାପ ନୁହେଁ, ସମରାଭ୍ୟାସ ଏବଂ ବିପର୍ଯ୍ୟୟ ସମୟରେ ରିଲିଫ୍ ଯୋଗାଣ ପାଇଁ ସାମରିକ ପ୍ରତିଷ୍ଠାନର ବ୍ୟବହାର କରାଯାଇ ପାରିବ। ଆମେରିକା ସହିତ ମଧ୍ୟ ଭାରତର ଏଭଳି ଚୁକ୍ତି ରହିଛି। ଉଭୟ ଆମେରିକା ଏବଂ ରୁଷିଆ ସହିତ ଏଭଳି ଚୁକ୍ତି କରିବାରେ ଭାରତ ହେଉଛି ବିଶ୍ୱର ଏକାମାତ୍ର ଦେଶ ବୋଲି ସେ କହିଛନ୍ତି। ଏହାସହିତ ଦୁଇ ଦେଶ ମଧ୍ୟରେ ବେସାମରିକ ପରମାଣୁ ସହଯୋଗ ପାଇଁ ମଧ୍ୟ ଚୁକ୍ତି ସ୍ୱାକ୍ଷରିତ ହେବ ବୋଲି ମସ୍କୋ ପକ୍ଷରୁ ସୂଚନା ଦିଆଯାଇଛି।

ୟୁକ୍ରେନ ଯୁଦ୍ଧକୁ ନେଇ ଆମେରିକା ସମେତ ପାଶ୍ଚାତ୍ୟ ଦେଶ ସହିତ ରୁଷ ସଂପର୍କ ତିକ୍ତ ରହିଥିବା ବେଳେ ପୁଟିନ ଭାରତ ଗସ୍ତରେ ଆସୁଛନ୍ତି। ରୁଷ ସହିତ ବାଣିଜ୍ୟ କାରବାର ଉପରେ ଆମେରିକା କଟକଣା ଜାରି କରିଛି ଏବଂ ଅନ୍ୟମାନଙ୍କୁ ମଧ୍ୟ ଏଥିପାଇଁ ବାଧ୍ୟ କରୁଛି। କିନ୍ତୁ ଭାରତ କଟକଣା ମାନୁ ନଥିବାରୁ ଆମେରିକା ଭାରତ ଉପରେ ୫୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗୁ କରିଛି। ତେବେ ପୁଟିନଙ୍କ ଏହି ଗସ୍ତ ଅବସରରେ ସାମରିକ ଚୁକ୍ତି ସମେତ ତେଲ ଓ ଅନ୍ୟାନ୍ୟ ବାଣିଜ୍ୟ କାରବାର ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି।

## ଓଡ଼ିଶାକୁ ବହୁମୂଲ୍ୟ...

ମୋଇତ୍ର ଏପରି କଡ଼ା ଭାଷା ଶୁଣାଇଛନ୍ତି। ସେ କହିଛନ୍ତି ଯେ ମୁର୍ଶିଦାବାଦରୁ ୪ଜଣ ବେଙ୍ଗଲୀ ୧୮ ବର୍ଷରୁ ଅଧିକ ସମୟ ଧରି ନୟାଗଡରେ ରହୁଥିଲେ। ସେମାନଙ୍କ ପୂର୍ବ ପୁରୁଷ ମଧ୍ୟ ନୟାଗଡ଼ରେ କାମ କରୁଥିଲେ। ଏହି ଲୋକମାନେ ବିଶେଷ କରି ଶୀତବସ୍ତ୍ର ବ୍ୟବସାୟ କରନ୍ତି। ସେମାନେ ବଙ୍ଗଳାରେ କଥାବାର୍ତ୍ତା କରୁଥିବାରୁ ଗତ ୨୭ ନଭେମ୍ବରରେ ନୟାଗଡ଼ ଜିଲ୍ଲା ଓଡ଼ଗାଁ ପୁଲିସ ସେମାନଙ୍କୁ ଥାନାକୁ ଉଠାଇ ଆଣିଥିଲା। ବାଙ୍ଗଲାଦେଶୀ ଓ ରୋହିଙ୍ଗ୍ୟା ବୋଲି ସମ୍ବୋଧନ କରି ଅଟକ ରଖିଥିଲା। ସେମାନେ ଆଧାରକାର୍ଡ ଠାରୁ ଆରମ୍ଭ କରି ଭୋଟର ପରିଚୟପତ୍ର ଦେଖାଥିଲେ ମଧ୍ୟ ପୁଲିସ ଶୁଣି ନ ଥିଲା। ଥାନାରେ ଅଟକ ରଖିଥିଲା। ମୁର୍ଶିଦାବାଦ ଏସ୍‌ପି ନୟାଗଡ଼ ଏସ୍‌ପିଙ୍କ ସହ ଯୋଗାଯୋଗ କରିବା ପରେ ସମସ୍ତଙ୍କୁ ଛାଡ଼ି ଦେଇଥିଲେ ବି ପୁଲିସ ସେମାନଙ୍କୁ ନୟାଗଡ଼ ଛାଡି ଚାଲିଯିବାକୁ ଧମକ ଦେଇଛି। ଏପରିକି ସେମାନଙ୍କୁ ଘରେ ନ ରଖିବାକୁ ଘର ମାଲିକଙ୍କୁ ପୁଲିସ ଚେତାବନୀ ଦେଇଥିଲା। ଯାହାଫଳରେ ସମସ୍ତେ ଓଡ଼ିଶା ଛାଡି ପଶ୍ଚିମବଙ୍ଗ ଚାଲିଯାଇଛନ୍ତି। ଓଡ଼ିଶାରେ କାମ କରୁଥିବା ବଙ୍ଗଭାଷୀ ଲୋକଙ୍କୁ ତଡିବାର ଅଧିକାର ପୁଲିସର ନାହିଁ ଓ ଏହା ସମ୍ବିଧାନ ବିରୋଧୀ। ବହୁ ଓଡ଼ିଆ ମାଲି, ପାଇପ୍ ମିସ୍ତ୍ରୀ, ରୋଷେଇଆ ଭାବରେ ପଶ୍ଚିମବଙ୍ଗରେ କାମ କରୁଛନ୍ତି। ଓଡ଼ିଶା ସରକାର ବେଙ୍ଗଲିଙ୍କ ସହ ଯାହା କରୁଛି ଆମ ସରକାର ବେଙ୍ଗଲରେ ଯଦି ସେଭଳି କରିବା ଆରମ୍ଭ କରିବ ତେବେ ବଡ଼ ଅଘଟଣ ହୋଇଯିବ। ଏଥିପ୍ରତି ଆପଣମାନେ ପ୍ରସ୍ତୁତ ରୁହନ୍ତୁ ଓ ଆଇନ୍‌କୁ ମାନନ୍ତୁ ବୋଲି ସେ ସତର୍କ କରାଇ ଦେଇଛନ୍ତି।

## ୩ଟି ପର୍ଯ୍ୟାୟରେ...

ଦିନ ପରୀକ୍ଷା ହେବ। ଚଳିତଥର ପରୀକ୍ଷାରେ କପି ରୋକିବା ପାଇଁ ସମସ୍ତ ପରୀକ୍ଷା ହଲ୍‌ରେ ଏଆଇ ସିସିଟିଭି କ୍ୟାମେରା ସମେତ ପ୍ରଥମ ଥର ପାଇଁ ଜିଲ୍ଲା ସ୍ତରରେ ଦୁଇଟି ଲେଖାଏଁ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଗଠନ କରାଯାଇଛି। ପରୀକ୍ଷା ଶେଷ ହେବାର ୪୦ ଦିନ ମଧ୍ୟରେ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ସୂଚନା ଦିଆଯାଇଛି।

ଚଳିତ ବର୍ଷ ପରୀକ୍ଷା ଦେବା ପାଇଁ ମୋଟ୍ ୪ ଲକ୍ଷ ୭୩୭ ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଛନ୍ତି। ତନ୍ମଧ୍ୟରେ କଳାରେ ସର୍ବାଧିକ ୨ ଲକ୍ଷ ୫୬ ହଜାର ୪୩ ଜଣ ଛାତ୍ରଛାତ୍ରୀ ଥିବାବେଳେ ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୨୩୮, ବାଣିଜ୍ୟରେ ୨୪,୫୩୩ ଏବଂ ଧନ୍ଦାମୂଳକ ଶିକ୍ଷାରେ ପରୀକ୍ଷା ଦେବା ପାଇଁ ୫୯୨୩ ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଛନ୍ତି। ଚଳିତ ଥର ପ୍ରାୟ ୨୫ ହଜାର ଏକ୍ସ-ରେଗୁଲାର୍ ପିଲା ରହିଛନ୍ତି। ଶୃଙ୍ଖଳିତ ଓ କପିମୁକ୍ତ ପରୀକ୍ଷା ପରିଚାଳନା ପାଇଁ ପ୍ରଶ୍ନପତ୍ର ହବ୍ ଏବଂ ସମସ୍ତ ପରୀକ୍ଷା କେନ୍ଦ୍ରରେ ଏଆଇ ସିସିଟିଭି କ୍ୟାମେରା ଲଗାଯାଇଛି। ପ୍ରଶ୍ନପତ୍ର ହବ୍‌ରେ ଝିଟିପିଟି ଚାଲିଲେ ମଧ୍ୟ ସିଏଚ୍‌ଏସ୍‌ଇ ମୁଖ୍ୟାଳୟକୁ ନୋଟିଫିକେସନ୍ ପହଞ୍ଚିବ। ଫଳରେ ପ୍ରଶ୍ନପତ୍ର ସୁରକ୍ଷା ଶତପ୍ରତିଶତ ସୁନିଶ୍ଚିତ ହୋଇପାରିବ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ଅପରପକ୍ଷରେ ପ୍ରଥମଥର ପାଇଁ ପ୍ରାକ୍ଟିକାଲ୍ ସମୟର ସିସିଟିଭି କ୍ୟାମେରା ମଧ୍ୟ ଲାଇଭ୍ ହେବ। ସିଏଚ୍‌ଏସ୍‌ଇ ମୁଖ୍ୟାଳୟରୁ ଏହାକୁ ନିୟନ୍ତ୍ରଣ କରାଯିବା ସହ ପରୀକ୍ଷାରେ ଅନିୟମିତତା ହେଉଥିବା ଧରାପଡ଼ିଲେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଗତବର୍ଷ ୧୨୬୮ଟି ପରୀକ୍ଷା କେନ୍ଦ୍ର ହୋଇଥିବାବେଳେ ଚଳିତ ବର୍ଷ ପ୍ରାୟ ୧୩୫୦ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହେବ। କପି ରୋକିବା ପାଇଁ ଗତବର୍ଷ ପରି ପଞ୍ଚସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଜିଲ୍ଲା ସ୍ତରରେ ଗୋଟିଏ ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ମୃତୟନ ହେଉଥିବାବେଳଏ ଚଳିତ ଥର ଦୁଇଟି ଟିମ୍ ରହିବେ। ଜିଲ୍ଲା ମୁଖ୍ୟାଳୟରେ ରହିବା ସହ ଅଚାନକ ପରୀକ୍ଷା କେନ୍ଦ୍ର ଗସ୍ତ କରିବେ ବୋଲି ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ ମୃଣାଳକାନ୍ତି ଦାସ କହିଛନ୍ତି।

ଲିଖିତ ପରୀକ୍ଷା ସୂଚୀ ଅନୁଯାୟୀ, ପ୍ରଥମ ଦିନ ବିଜ୍ଞାନ ବିଭାଗର ଓଡ଼ିଆ ପରୀକ୍ଷା ରହିଛି। ୧୯ ତାରିଖରେ ଧନ୍ଦାମୂଳକ ପିଲାଙ୍କ ପରୀକ୍ଷା ରହିଥିବାବେଳେ ୨୦ ତାରିଖରେ କଳା ଓ ବାଣିଜ୍ୟ ବିଭାଗର ପରୀକ୍ଷା ଆରମ୍ଭ ହେବ। ଆସନ୍ତା ୧୫ ତାରିଖରୁ ଛାତ୍ରଛାତ୍ରୀଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ଏନେଇ ସିଏଚ୍‌ଏସ୍‌ଇ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରି ବୁଧବାର ପରୀକ୍ଷା ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଛି।

## ଧାନ କିଣା...

ଆଜିପର୍ଯ୍ୟନ୍ତ ସରକାର କେତେ ମିଲରଙ୍କୁ ମାର୍କେଟ ୟାର୍ଡ ଆଲର୍ଟ କରିଛନ୍ତି। ସରକାର ମିଲରଙ୍କଠାରୁ ବ୍ୟାଙ୍କ ଗ୍ୟାରେଣ୍ଟି ନିଅନ୍ତି। ଚଳିତ ଥର ସବୁ ମିଲରଙ୍କ ନିକଟରୁ ସରକାର ଗ୍ୟାରେଣ୍ଟି ନେଲେଣି କି? ଯେଉଁ ମିଲରଙ୍କୁ ଧାନ ଉଠାଇବାକୁ ସରକାର ଅନୁମତି ଦେଇଛନ୍ତି, ତାଙ୍କ ଗୋଦାମ ଘର ଯାଞ୍ଚ କଲେଣି କି ନାହିଁ ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି। ଅନ୍ୟତମ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ଚଳିତ ଖରିଫ ପାଇଁ କେନ୍ଦ୍ର ସରକାର ୬୯ ଟଙ୍କା ଏମଏସପି ବୃଦ୍ଧି କରିଛନ୍ତି। ସେହି ହିସାବରେ ରାଜ୍ୟ ସରକାର ଧାନ କ୍ୱିଣ୍ଟାଲ ପିଛା ୩୧୬୯ ଟଙ୍କା ଗୃହରେ ଦେବେ କି ନାହିଁ ସ୍ପଷ୍ଟ କରନ୍ତୁ। ଯଦି ନଦେବେ, ତାହେଲେ ଇନପୁଟ ସହାୟତା ୮୦୦ ଟଙ୍କା ବଦଳରେ ୭୩୧ ଟଙ୍କା ଦେଉଛନ୍ତି ବୋଲି ଘୋଷଣା କରନ୍ତୁ। ଆଜି ଓଡ଼ିଶାରେ ପ୍ରତ୍ୟେକ ଜିଲ୍ଲାରେ ମଣ୍ଡି ଅବ୍ୟବସ୍ଥାରେ ଚାଲିଛି। ଗତକାଲି ସୁଦ୍ଧା ପ୍ରାୟ କୌଣସି ମଣ୍ଡିରୁ ଧାନ ଉଠିନାହିଁ। କେଉଁଟି ଚାଷୀ ଆଦୌ ଟୋକନ ପାଇ ନାହାନ୍ତି, ତ କେଉଁଠି ୫ ଏକର ପାଇଁ ମାତ୍ର ୧୨ କ୍ୱିଣ୍ଟାଲର ଟୋକନ ପାଇଛନ୍ତି। ସବୁ ଆଡ଼େ ବିଭ୍ରାଟ ଚାଲିଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। କଂଗ୍ରେସ ବିଧାୟକ ଅଶୋକ ଦାସ ମଧ୍ୟ ସମାନ କଥା କହିଥିଲେ। ସବୁ ଆଡ଼େ ଏଫଏକ୍ୟୁ ମାନର ଧାନ ଯାଞ୍ଚ ପାଇଁ ମେସିନ ଉପଲବ୍ଧ ନାହିଁ। ଗତବର୍ଷ ପରି ଚଳିତ ବର୍ଷ ମନଇଚ୍ଛା କଟନୀ ଛଟନୀ ନେଇ ଚାଷୀକୂଳରେ ସନ୍ଦେହ ଜାତ ହେଲାଣି। ବହୁ ମିଲର କହୁଛନ୍ତି ଏବେ ସୁଦ୍ଧା ଗୋଦାମଘର ଖାଲି ନାହିଁ, ସେଥିପାଇଁ ସେମାନେ ଧାନ ପଠାଇ ପାରୁ ନାହାନ୍ତି। ରାଜ୍ୟ ସରକାର ୩୧୬୯ ଟଙ୍କା ଏମଏସପି ଦେବେକି ନାହିଁ ତାହା ସ୍ପଷ୍ଟ କରନ୍ତୁ ବୋଲି ସେ ଦାବି କରିଥିଲେ। ଅନ୍ୟ ବିଧାୟକ ଦାଶରଥି ଗମାଙ୍ଗୋ, ପ୍ରଦୀପ ଦିଶାରୀ ପ୍ରମୁଖ ମଧ୍ୟ ଅବ୍ୟବସ୍ଥା ନେଇ ଚିନ୍ତା ପ୍ରକଟ କରିଥିଲେ।

ଶାସକ ଦଳ ପକ୍ଷରୁ ଆଲୋଚନାରେ ଭାଗ ନେଇ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ କହିଥିଲେ ଯେ ଆମ ସରକାର ଆସିବା ପରେ ଚାଷୀ ୨୪ରୁ ୪୮ ଘଣ୍ଟା ମଧ୍ୟରେ ନିଜର ପ୍ରାପ୍ୟ ପାଉଛନ୍ତି। ପୂର୍ବରୁ ଏଥିପାଇଁ ୧୫ ଦିନ ସମୟ ଲାଗୁଥିଲା। କଟନି ଛଟନୀ ପୂରା ବନ୍ଦ ହୋଇନଥିଲେ ମଧ୍ୟ ବହୁ ମାତ୍ରାରେ ହ୍ରାସ ପାଇଛି। ଗତଥର ଧାନ କ୍ରୟ ପ୍ରକ୍ରିୟାରେ ଗୋଟିଏ ବି ଟୋକନ ଲାପ୍ସ ହୋଇନଥିଲା ବୋଲି ସେ କହିଥିଲେ। ବିଧାୟକ ସନତ ଗଡତିଆ କହିଥିଲେ ଯେ ୨୦୨୩-୨୪ ଖରିଫରେ ରାଜ୍ୟରେ ପ୍ରାୟ ୪ ଲକ୍ଷ ଚାଷୀ ପଞ୍ଜୀକରଣ ସତ୍ତ୍ୱେ ନିଜର ଧାନ ବିକି ପାରି ନଥିଲେ। ମାତ୍ର ଆମ ସରକାରରେ ପ୍ରଥମ ବର୍ଷରେ ରେକର୍ଡ ୧୭.୫୦ ଲକ୍ଷ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୧୬.୬୦ ଲକ୍ଷ ଚାଷୀ ଧାନ ବିକ୍ରି କରିଥିଲେ। ଯାହା ଆମର ସୁଦୃଢ଼ ବ୍ୟବସ୍ଥାକୁ ଦର୍ଶାଉଛି। ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ମଧ୍ୟ ନିଜ ସରକାରଙ୍କ ବିଭିନ୍ନ ସଫଳତା ସମ୍ପର୍କରେ ଗୃହରେ ତଥ୍ୟ ଉପସ୍ଥାପନ କରିଥିଲେ।

## ୩୧୬୯ ନୁହେଁ...

ତେବେ ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସରକାର ଏହାକୁ ଅଗଷ୍ଟ ୨୫ ତାରିଖ ଯାଏଁ ବୃଦ୍ଧି କରିଥିଲେ। ଚଳିତ ଖରିଫ ପାଇଁ ସମୁଦାୟ ୧୯.୬୮ ଲକ୍ଷ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଛନ୍ତି। ସେହିପରି ସେ ଆହୁରି ମଧ୍ୟ କହିଛନ୍ତି ଯେ ୨୦୨୪-୨୫ ଖରିଫରେ ୧ କୋଟି ୨୭ ଲକ୍ଷ ୫୮ ୯୦୦ ପ୍ଲଟରେ ମୋଟ ୫୮.୧୪ ଲକ୍ଷ ଏକର ଚାଷ ଜମିରେ ଧାନ ଚାଷ ହୋଇଥିଲା। ୨୦୨୫-୨୬ରେ ଏହା ୧ କୋଟି ୩୮ ଲକ୍ଷ ୪୭ ହଜାର ୭୯୬ ପ୍ଲଟରେ ୬୧.୬୭ ଲକ୍ଷ ଏକରକୁ ବୃଦ୍ଧି ପାଇଛି। ସେ କହିଛନ୍ତି ଯେ ରାଜ୍ୟରେ ଅଦିନିଆ ବର୍ଷା କାରଣରୁ ଧାନ ସଂଗ୍ରହ ପ୍ରକ୍ରିୟାରେ କିଛି ଦିନ ବିଳମ୍ବ ହେଲେ ମଧ୍ୟ ଏଯାବତ୍ ୫ଟି ଜିଲ୍ଲାରେ ୨ ଲକ୍ଷ ୯୪ ହଜାର ୫୬୯ଟି ଟୋକନ ଚାଷୀଙ୍କୁ ପ୍ରଦାନ କରାଯାଇଛି। ବରଗଡ଼, କଳାହାଣ୍ଡି ଓ ସମ୍ବଲପୁରରୁ ମୋଟ ୪୧୧୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ଚାଷୀଙ୍କ ଧାନ ମାନ ପରୀକ୍ଷଣ ପ୍ରକ୍ରିୟାକୁ ସଠିକ୍ ଏବଂ ତ୍ୱରାନ୍ୱିତ କରିବା ପାଇଁ ୩୦୩ଟି ସ୍ୱୟଂ ଚାଳିତ କୃତ୍ରିମ ବୁଦ୍ଧିମତା ସମ୍ପନ୍ନ ମାନ ପରୀକ୍ଷଣ ଯନ୍ତ୍ର ଯୋଗାଇ ଦିଆଯାଇଛି। ମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ରାଜ୍ୟ ସରକାରଙ୍କ କୃଷି କଲ୍ୟାଣ ନୀତି ଏବଂ ଇନପୁଟ ସହାୟତା ରାଶିରେ ଆକର୍ଷିତ ହୋଇ ଚଳିତ ବର୍ଷ ୨ ଲକ୍ଷ ୧୭ ହଜାର ନୂଆ କୃଷକ ଚାଷ ଆରମ୍ଭ କରିଛନ୍ତି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟ କକ୍ଷତ୍ୟାଗ କରିଥିଲେ।

## ଶୀତ ସହ...

କୁହୁଡ଼ି ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ସେହିପରି ଆଞ୍ଚଳିକ ପାଣିପାଗ କେନ୍ଦ୍ର ମଧ୍ୟ ଦୁଇ ଦିନ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ କୁହୁଡ଼ି ସତର୍କତା ଜାରି କରିଛି। କେନ୍ଦ୍ର କହିଛି ଯେ ଗୁରୁବାର ରାତିରୁ ଶୁକ୍ରବାର ସକାଳ ମଧ୍ୟରେ ସୁନ୍ଦରଗଡ଼, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ଝାରସୁଗୁଡ଼ା, ବଲାଙ୍ଗିର ଓ ସୋନପୁରରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଘନ କୁହୁଡ଼ି ଜନିତ ୟେଲୋ ଆଲର୍ଟ ଜାରି କରିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ଜି ଉଦୟଗିରିରେ ସବୁଠୁ କମ୍ ତାପମାତ୍ରା ଅର୍ଥାତ ୯.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।


### NOTICE

By virtue of an affidavit sworn before Notary Public, Sainatala I, Bhabani Bhue, W/O - Dhaneswar Bhue resident of: Dumerbahal PO : Dharapgarh, Balangir, Odisha,767033 declare that I have changed my name from BHABANI MAJHI to BHABANI BHUE. Henceforth, I shall be known as BHABANI BHUE for all purposes.

### AFFIDAVIT

By virtue of an affidavit sworn before the Executive Magistrate, Nabarangpur, dated 02.12.2025 I, DHANAMATI HARIJAN, W/o - Daya Harijan, Residences of Village- Jhariguma, Po.- Jhariguma, Ps.- Tentulikhunti, Dist.- Nabarangpur, Odisha, Pin-764049, declare that I have changed the name of my Ward from **GAYATRY HARIJAN** to **PRACHI HARIJAN**. Henceforth, she shall be known as **PRACHI HARIJAN** for all purposes.

### AFFIDAVIT

I, ROJALINI PRADHAN D/o Ramesh Pradhan, resident of At- Krishnacharanpur, PO- Gopapur, P.S- Badamba, Dist- Cuttack solemnly affirm that I have changed my name from Roji Pradhan to Rojalini Pradhan . That Roji Pradhan and Rosalini Pradhan is one and same person, who is myself. Henceforth I shall be known as **ROJALINI PRADHAN** for all purposes.

### AFFIDAVIT

By virtue of an Affidavit before Notary Public, Malkangiri, **I, Daimati Madkami,** aged about 20 years, C/o.: Bhima Madkami, resident of Village: Namelguda, PO.: Mariwada, P.S./Dist.: Malkangiri, Odisha, declare by this Affidavit No.: 1912/2025, Dated: 03.12.2025 that I have changed my name from **Jaymati Madkami** to **Daimati Madkami**. Henceforth I shall be known as **Daimati Madkami** for all future purposes.

### AFFIDAVIT

By virtue of an affidavit No. 6417 sworn before the Executive Magistrate Champua, on dtd- 01/12/2025, I **Abu Shahma Aejaz,** S/o- Aejaz Ahmad, resident of Vill: Champua, Po- Champua, Ps-Champua, Dist- Keonjhar, Odisha, Pin- 758041, declared that I have changed my name from **Shahma Hasan** (old name) to **Abu Shahma Aejaz**. Henceforth, I shall be known as **Abu Shahma Aejaz,** S/o- Aejaz Ahmad for all future purposes.

**Abu Shahma Aejaz**

### AFFIDAVIT

By virtue of an affidavit sworn before Executive Magistrate, Bhubaneswar on dated, 15.11.2025, I Jyostnarani Sahoo, resident At/Po Kantiokateni, Ps- Tumusinga, Dist- Dhenkanal, Odisha, PIN- 759026, declare that I have changed my name from Subrat Sahoo to Jyostnarani Sahoo. Henceforth, I shall be known as JYOSTNARANI for all purposes.

### AFFIDAVIT

By virtue of an affidavit before The Executive Magistrate, BBSR,Vide CF No-64/29.11.2025 dtd:29.11.2025. I SAKHYAM ADHIKARI aged about, 18 yrs, S/O- Babula Adhikari R/O- At/Po- Kasabassa, Via -Bamunigaon, Dist-Kandhamal, Odisha-762021 Currently residing At-Christian Sahi near Chandi Mandir Chhak, Cuttack Sadar,Dist-Cuttack, Odisha-753001 have changed my name from Sakhayam Adhikari to Sakhyam Adhikari. Henceforth I shall be known as **Sakhyam Adhikari**, S/O- Babula Adhikari for all purposes.

### AFFIDAVIT

By virtue of an affidavit sworn before Notary public Bhubaneswar, on dated 01.12.2025, I Saroja Kanta Samantaray permanent resident At- Gahma, Po/Ps- Mahakalpara, Dist- Kendrapara, Odisha, PIN- 754224, declare that I have changed my name from Saroj Kanta Samantaray to Saroja Kanta Samantaray. Henceforth I shall be known as SAROJA KANTA SAMANTARAY for all purposes.

### AFFIDAVIT

By virtue of an affidavit No. 6432, sworn before the Executive Magistrate, Champua on dtd- 01/12/2025. I **Muntaquir Islam**, S/o- Mahamad Makim Ansari, resident of Vill- Alinagar Champua, Po/Ps- Champua, Dist- Keonjhar, Odisha, Pin- 758041, declared that I have changed my name from **Muntasir Islam** (old name) To **Muntaquir Islam** (new name). Henceforth, I shall be known as **Muntaquir Islam** for all future purposes.

**Muntaquir Islam**

### AFFIDAVIT

By virtue of an affidavit sworn before Notary Public Bhubaneswar, on dated 02.12.2025, I Akshaya Kumar Sandha resident At- Chitri, Po- Chitri Gobardhanpur, Sub-Dist- Sukinda, Dist- Jajpur, Odisha, PIN- 755019, declare that I have changed the name of my daughter from Ankita Priyadarsini Sandha to Ankita Priyadarsani Sandha. Henceforth she shall be known as ANKITA PRIYADARSANI SANDHA for all purposes.

**Sd/- Akashya Kumar Sandha**

### AFFIDAVIT

By virtue of an affidavit No. 11966 sworn before the Executive Magistrate Jajpur on dtd- 01/12/2025. I **Najma Khanam,** aged 55 years, W/o- SK Safiulla, resident of Vill- Sona Mohalla, Po/Ps- Binjharpur, Dist- Jajpur, Odisha, Pin- 755004, declared that I have changed my name from **Najma Khatoon** (old Name) to **Najma Khanam** (new name). Henceforth, I shall be known as **Najma Khanam** for all future purposes.

**Najma Khanam**

### AFFIDAVIT

By virtue of an affidavit sworn before The Notary Public, Titilagarh, on dated- 03/12/2025. I, **Nani Bagarti** (new name), W/o Late Baisakhu Bagarti, permanent resident of AT: Suagpur, PO: Siker, PS: Titilagarh, DIst: Balangir, PIN: 767033, Odisha declare that I have changed my name from **Urmila Bagarti** to **Nani Bagarti.** Henceforth, I shall be known as **Nani Bagarti** (new name) for all purposes.

**Nani Bagarti**


B-793

OFFICE OF THE SUPERINTENDING ENGINEER,GANJAM(R&B)
DIVISIONNO.I, BERHAMPUR
GOVERNMENT OF ODISHA Quotation Notice

Ltr.No,13795T — Date:1-12-2025

| | | |
|---|---|---|
| 1. | Name of the work | i) Dismantling of different Residential Buildings in the premises of judicial colony District & Session Judge Court at Berhampur. ii) Dismantling of old Settlement office (Non-residential) building in the premises of District Session Judge Court at Berhampur. |
| 2. | Reserve Price/ Upset Price | i) Rs. 9,36,921 /- ii) Rs. 80,830 /- |
| 3. | EMD to be Deposited (In shape as N.S.C / Post Office savings bank Account / Post office time deposit Account / Kisan Viskas Patra / Bank Guarantee) | i) Rs. 2, 34,500 /- ii) Rs 20,500 /- |
| 4. | Period of Completion | 1(One) Calendar Month |
| 5. | Receipt of Quotation | From 5.12.11.2025 to 11.12.2025 up to 04.00 pm |
| 6. | Date & Time of Opening of Quotation. | 04.30 PM of 11.12.2025 |
| 7. | Name and address of the Officer inviting Quotation | Superintending Engineer, Ganjam (R&B) Division No.I, Berhampur. |

Sd/-
Superintending Engineer
Ganjam(R&B)Division No.I

OIPR-34109/11/0062/2526

B-791

OFICE OF THE SUPERINTENDING ENGINEER,
KHORDHA (R&B) DIVISION, KHORDHA
INVITATION FOR BIDS (IFB)
E-mail: **pwdoff_khd@yahoo.com**

**Quotation Call Notice**

**Quotation Bid Identification No. S.E.-KHD-(R&B)-1 / 2025-26**

Letter No.6730 — Date:01-12-2025

The Superintending Engineer, Khurda (R&B) Division, Khurda on behalf of Governor of Odisha invites **Quotation rate bid** in **Single cover** system in ONLINE MODE from eligible class of contractors having valid registration certificate for execution of the Works as detailed below:

| | | |
|---|---|---|
| 1. | Nature of Work | Electrical Works |
| 2. | No of Work | 02Nos |
| 3. | Cost of Quotation biddocument | Rs.6000.00(Online) |
| 4. | Class of Contractor | Original Equipment Manufacturer (OEM)/Registered firm having experience in similar nature of work |
| 5. | Available of Quotation Bid Documents in the web site. | From 12.00 Noon of Dt.08.12.2025 to 5.00 PM of Dt.17.12.2025 |
| 6. | Opening of Quotation Bids | Dt.18.12.2025 at 11.30A.M |

7. Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any information regarding Addendum / Corrigendum / Cancellation of tender can be available in the said website.

OIPR-34095/11/0040/2526

Superintending Engineer
Khurda (R&B) Division, Khurda

বনাঞ্চল

ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ,ଓଡଗାଁ ବନାଞ୍ଚଳ, ଓଡଗାଁ
**Office of the Forest Range Officer, Odagaon Range**
At/Po/PS-Odagaon, Dist-Nayagarh
Email ID:- roodagaon204@gmail.com, Mob: 96681 08792

**ସଚେତନ ବାର୍ତ୍ତା**

- ଜଙ୍ଗଲ ଅଞ୍ଚଳରେ ଜଳୁଥିବା ସିଗାରେଟ୍ କିମ୍ବା ଦିଆସିଲି ଫିଙ୍ଗନ୍ତୁ ନାହିଁ।
- ଜଙ୍ଗଲରେ ଅଳିଆ କିମ୍ବା ଅନ୍ୟାନ୍ୟ ସାମଗ୍ରୀ ଜାଳିବା ଏଡ଼ାନ୍ତୁ।
- ଗ୍ରୀଷ୍ମ ଋତୁରେ ନିଆଁକୁ ଜଙ୍ଗଲ ଅଞ୍ଚଳରୁ ନିରାପଦ ଦୂରତାରେ ରଖନ୍ତୁ।
- ଜଙ୍ଗଲ ନିକଟସ୍ଥ ଥିବା ଗୁଣ୍ଡପାଳରେ ନିଆଁ ଲଗାନ୍ତୁ ନାହିଁ ।
- ଯେକୌଣସି ଜଙ୍ଗଲରେ ଅଗ୍ନିକାଣ୍ଡ ଘଟିଲେ ତୁରନ୍ତ ନିଆଁକୁ ଲିଭାଇବାକୁ ଚେଷ୍ଟା କରିବ ସହିତ ନିକଟସ୍ଥ ବନ କାର୍ଯ୍ୟାଳୟକୁ (୦୬୭୫୩-୨୯୬୫୨୦) ଯୋଗାଯୋଗ କରନ୍ତୁ।

ବନାଞ୍ଚଳ କାର୍ଯ୍ୟାଳୟ,
ଓଡଗାଁ, ନୟାଗଡ

## ପୌର ପରିଷଦ, ନୟାଗଡ଼

ସ୍ୱଚ୍ଛ ଭାରତ — ଦୁଇ ପାଦ ସ୍ୱଚ୍ଛତା ଆଡ଼କୁ...

**ଆସନ୍ତୁ ସହଯୋଗ କରିବା ଆମ ସହରକୁ ସୁନ୍ଦର ଓ ସ୍ୱଚ୍ଛ ରଖିବା**

**ସହରବାସୀ ସମସ୍ତେ ମିଳିମିଶି ନୟାଗଡ଼ ସହରକୁ ସରସ ସୁନ୍ଦର କରିବା ପାଇଁ ନିମ୍ନଲିଖିତ ସ୍ୱଚ୍ଛତା ଏବଂ ନୀତିନିୟମକୁ ମାନି ଚଳିବା**

୧. ପ୍ରତିଦିନ ଘରୁ ବାହାରୁଥିବା ଅଳିଆ ବା ବର୍ଜ୍ୟବସ୍ତୁକୁ ପୃଥକୀକରଣ ଭାବରେ "ଡଷ୍ଟବିନ"ରେ ରଖି ନିୟମିତ ଯାଉଥିବା ସଫେଇ ଗାଡିରେ ଦିଅନ୍ତୁ ।
୨. ଗୃହପାଳିତ ପଶୁ ଓ ଗାଈଗୋରୁଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ । ରାସ୍ତାକଡରେ ମାଛ, ମାଂସ ଦୋକାନ କରି କାଟନ୍ତୁ ନାହିଁ ।
୩. ସହରରେ ଥିବା ଡ୍ରେନଗୁଡ଼ିକୁ ଅବରୋଧ କରନ୍ତୁ ନାହିଁ, ଡ୍ରେନ ଭିତରକୁ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ଓ ପୋଖରୀଗୁଡ଼ିକୁ ସଫା ସୁତରା ରଖନ୍ତୁ ।
୪. ପୌର ପରିଷଦରେ ଘର କରିବା ପାଇଁ ପ୍ଲାନ୍ ଅପ୍ରୁଭାଲ କରାଇ ନିଅନ୍ତୁ ଏବଂ Holding Tax ଠିକ ସମୟରେ ପଇଠ କରନ୍ତୁ । ମ୍ୟୁନିସିପାଲିଟିର ସମସ୍ତ ସୁବିଧା ସୁଯୋଗ ପାଇବା ପାଇଁ SUJOG App କୁ ବ୍ୟବହାର କରନ୍ତୁ ।
୫. ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ନିୟମିତ ଭାବେ ଟ୍ରେଡ ଲାଇସେନ୍ସ ପଞ୍ଜୀକୃତ କରାଇ ନିଅନ୍ତୁ ଓ ପ୍ରତିବର୍ଷ ନବୀକରଣ କରନ୍ତୁ ।
୬. ନିଜ ଘରେ ଥିବା ପାଇଖାନା ଟାଙ୍କିକୁ ୩ ବର୍ଷରେ ଥରେ ସଫା କରନ୍ତୁ । ପୌରସଂସ୍ଥା ଦ୍ୱାରା ତାଲିମ ପ୍ରାପ୍ତ GARIMA ସଫେଇ କର୍ମଚାରୀଙ୍କ ଦ୍ୱାରା ସଫା କରାନ୍ତୁ ।
୭. ଘରକାମ କରିବା ସମୟରେ ଇଟା, ମାଟି, ପଥର, ଗୋଡ଼ି ଓ ବାଲି ଇତ୍ୟାଦି ଜମା କରି ସର୍ବସାଧାରଣ ରାସ୍ତାକୁ ଅବରୋଧ କରନ୍ତୁ ନାହିଁ ।

ଶ୍ରୀଯୁକ୍ତ ଗୁରୁ ପ୍ରସାଦ ଜେନା — ଉପାଧ୍ୟକ୍ଷ
ଶ୍ରୀମତୀ ନିରୁପମା ଖଟେଇ — ପୌରାଧ୍ୟକ୍ଷା
ଓ ସମସ୍ତ କାଉନସିଲର ବୃନ୍ଦ, ପୌର ପରିଷଦ, ନୟାଗଡ଼

NOTIFIED AREA COUNCIL
ODAGAON, Dist.- NAYAGARH
PIN-752081
Phone No. 06753 -260062

ବିଜ୍ଞାପିତ ଅଞ୍ଚଳ ପରିଷଦ
ଓଡଗାଁ, ଜିଲ୍ଲା- ନୟାଗଡ
ପିନ : ୭୫୨୦୮୧
ଦୂରଭାଷ : ୦୬୭୫୩-୨୬୦୦୬୨

E-Mail ID : nacodagaon@gmail.com

**ସର୍ବସାଧାରଣ ସୂଚନା**

ଓଡଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ, ଓଡଗାଁ ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ରଖି ସୁସ୍ଥ ରହିବାରେ ସହଯୋଗ କରନ୍ତୁ ।

୧. ଘରୁ କିମ୍ବା ବ୍ୟବସାୟ ପ୍ରତିଷ୍ଠାନରୁ ବାହାରୁଥିବା ଅଳିଆ ଆବର୍ଜନାକୁ ପୃଥକ ପୃଥକ କରି ନୀଳ ଓ ସବୁଜ ଡଷ୍ଟବିନରେ ରଖନ୍ତୁ ଏବଂ ଏନ.ଏ.ସି. ଦ୍ୱାରା ଅଳିଆ ସଂଗ୍ରହ ନିମନ୍ତେ ଘର ଦୁଆରକୁ ଆସୁଥିବା ସଫେଇ ଗାଡିରେ ଦିଅନ୍ତୁ ।
୨. ବେଆଇନ ଗୃହ ନିର୍ମାଣ ନକରି ଏନ.ଏ.ସି. କାର୍ଯ୍ୟାଳୟରେ ମଞ୍ଜୁର (Building Plan Approval) କରି କରାନ୍ତୁ । ଗୃହ ନିର୍ମାଣ ନିମନ୍ତେ ବାଲି, ଗୋଡି, ଇଟା, ପଥର, ମାଟି ଆଦି ରାସ୍ତାରେ ଜମା କରନ୍ତୁ ନାହିଁ ଏବଂ ଗୃହର ଭଗ୍ନାବଶେଷ ଯଥା- ଭଙ୍ଗା ଇଟା, ମାଟି, କଂକ୍ରିଟ ଖଣ୍ଡ ଆଦି ରାସ୍ତାରେ ପକାନ୍ତୁ ନାହିଁ । ଏଗୁଡ଼ିକର ସୁପରିଚାଳନା ପାଇଁ ପରିଷଦରେ ଆବଶ୍ୟକୀୟ ବ୍ୟବହାରିକ ଶୁଳ୍କଦେଇ ପ୍ରକ୍ରିୟାକରଣ କେନ୍ଦ୍ରକୁ ପଠାନ୍ତୁ ।
୩. ଗୃହରେ ପାଇଖାନା ସହିତ ସେପ୍ଟିକ ଟାଙ୍କି କରନ୍ତୁ । ନିୟମିତ ବ୍ୟବଧାନରେ ସେପ୍ଟିକ ଟାଙ୍କିକୁ ଏନ.ଏ.ସି.ର ମଇଳା ସଂଗ୍ରହ ଗାଡି ଦ୍ୱାରା ସଫା କରନ୍ତୁ ।
୪. ପ୍ଲାଷ୍ଟିକ ଓ ପଲିଥିନର ବ୍ୟବହାର ବର୍ଜନ କରନ୍ତୁ ।
୫. ବିବାହ, ବ୍ରତ, ଗୃହ ପ୍ରତିଷ୍ଠା ଆଦି ଉତ୍ସବରୁ ବାହାରୁଥିବା ଆବର୍ଜନାକୁ ଏଣେତେଣେ ନପକାଇ ଆବଶ୍ୟକୀୟ ବ୍ୟବହାରିକ ଶୁଳ୍କଦେଇ ଏନ.ଏ.ସି.ର ସମ୍ପଦ କେନ୍ଦ୍ରକୁ ପଠାନ୍ତୁ ।
୬. ଏନ.ଏ.ସି.ଦ୍ୱାରା ଧାର୍ଯ୍ୟ ହୋଇଥିବା ଟିକସ ଯଥା- ହୋଲଡିଙ୍ଗ ଟିକସ, ଟ୍ରେଡ ଲାଇସେନ୍ସ , ୟୁଜର ଫୀ ବା ବ୍ୟବହାରିକ ଶୁଳ୍କ, ବିବାହ ପଞ୍ଜୀକରଣ ଆଦି ନିୟମିତ ତଥା ସଠିକ ସମୟରେ କରନ୍ତୁ ।
୭. ନିଜର ଗୃହପାଳିତ ପଶୁକୁ ରାସ୍ତାରେ ଏଣେତେଣେ ନଛାଡି ନିଜ ହେପାଜତରେ ରଖନ୍ତୁ ଓ ଏଥିଲାଗି ହେଉଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାକୁ ରୋକନ୍ତୁ ।

ସ୍ୱା/-
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଓଡଗାଁ


ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M )
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M )
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

# ଭଞ୍ଜନଗରରେ ୬୬ ନକଲି ଆକାଉଣ୍ଟ

## ସାଇବର୍ ଠକ ବ୍ୟବହାର କରୁଥିବା ସନ୍ଦେହ

ଭଞ୍ଜନଗର, ୩।୧୨(ସମିସ)

ଗଞ୍ଜାମ ଜିଲ୍ଲାରେ ଅନ୍‌ଲାଇନ୍ ଲୁଟ୍‌ର ଶିକାର ହୋଇ ଲୋକ ତ୍ରାହି ତ୍ରାହି ଡାକୁଥିବା ବେଳେ ଭଞ୍ଜନଗର ସମେତ ଜିଲ୍ଲାର ସମସ୍ତ ଥାନା ଇଲାକାରେ ଏକାଧିକ ମୁଲ ଆକାଉଣ୍ଟ ଠାବ ହୋଇଛି।

ସାଇବର ଠକେଇର ଖିଅ ପାଇବା ପରେ ନୂଆଦିଲ୍ଲୀ ସ୍ଥିତ ଜାତୀୟ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ(ଏନସିଆରପି) ପକ୍ଷରୁ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଏହାର ଯାଞ୍ଚ ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଏହି 'ମ୍ୟୁଲ ଆକାଉଣ୍ଟ' ସମ୍ପର୍କରେ ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ହୋଇଥିବା ଯାଞ୍ଚ ବେଳେ ଭଞ୍ଜନଗରର ବିଭିନ୍ନ ବ୍ୟାଙ୍କରେ ୬୬ଟି ସନ୍ଦେହଯୁକ୍ତ ଶୂନ୍ୟ ବ୍ୟାଙ୍କ ଜମାଖାତା ବା ମ୍ୟୁଲ ଆକାଉଣ୍ଟ ଥିବା ଜଣାପଡ଼ିଛି। ଭଞ୍ଜନଗର ଅଧୀନସ୍ଥ ବିଭିନ୍ନ ବ୍ୟାଙ୍କରେ ଥିବା ଏପରି ୬୬ଟି ମ୍ୟୁଲ ଆକାଉଣ୍ଟ ସମ୍ପର୍କରେ ପୁଲିସ ପକ୍ଷରୁ ତଦନ୍ତ ଦ୍ୱାରା ବହୁ ତଥ୍ୟ ସାମ୍ନାକୁ ଆସିଛି। ଏନେଇ ଜିଲ୍ଲା ପୁଲିସ୍‌କୁ ନ୍ୟାସନାଲ୍ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ୍ ଆଧାରରେ ତାଲିକା ଆସିବା ପରେ ଭଞ୍ଜନଗର ଥାନା ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଯେଉଁ ମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟ ସାଇବର ଠକେଇର ବ୍ୟବହାର କରାଯାଇଛି, ସେମାନଙ୍କୁ ଥାନାକୁ ଡକାଇ ଅନୁସନ୍ଧାନ କରାଯାଉଛି। କେଉଁ ପରିସ୍ଥିତିରେ ଓ କିପରି ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଆସିଛି, ସେନେଇ ଯାଞ୍ଚ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ଆକାଉଣ୍ଟ ଯାଞ୍ଚ କରାଯାଇ ୧୨୭୦/୨୫ରେ ଏକ ମାମଲା ରୁଜୁ ହୋଇଛି। ଏସଡିପିଓ ଡ. ଦୀପକ କୁମାର ମିଶ୍ର ଏହାର ତଦନ୍ତ କରୁଥିବା ବେଳେ ପ୍ରଥମେ ୧୦ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଆରମ୍ଭ ହୋଇଛି। ଆଉ ବାକି ଆକାଉଣ୍ଟ ଗୁଡିକର ଯାଞ୍ଚ ଚାଲିଛି। ଯଦି ଠକେଇରେ ଭାଗିଦାରୀ ସ୍ପଷ୍ଟ ହୁଏ, ତେବେ ଅନ୍ୟ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି। ଏଥିସହିତ ନିଜ ଆକାଉଣ୍ଟକୁ ନିଜେ ସୁରକ୍ଷିତ ଭାବେ ବ୍ୟବହାର କରନ୍ତୁ। କିଛି ଟଙ୍କା ଲୋଭରେ ପଡ଼ି ନିଜର ଆକାଉଣ୍ଟକୁ ଅନ୍ୟ ବ୍ୟକ୍ତିକୁ ବ୍ୟବହାର କରିବାକୁ ଦିଅନ୍ତୁ ନାହିଁ। ଯଦି କୌଣସି ଅପରାଧରେ ଏହି ଆକାଉଣ୍ଟର ସମ୍ପୃକ୍ତି ଥାଏ, ତେବେ ସେମାନଙ୍କ ବିରୋଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ଶ୍ରୀ ଜେନା ସତର୍କ କରାଇଛନ୍ତି।

# ଆର୍ସିଲିଙ୍ଗି ଘାଟିରେ ଟୁରିଷ୍ଟ ବସ୍ ଦୁର୍ଘଟଣାଗ୍ରସ୍ତ




### ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ପାରଳାଖେମୁଣ୍ଡି, ୩।୧୨(ସମିସ): ଗଜପତି ଜିଲ୍ଲା ଗାରାବନ୍ଧ ଥାନା କିଞ୍ଜିଲିଙ୍ଗି-କଇଁପୁର ଘାଟି ରାସ୍ତାରେ ଥିବା ଆର୍ସିଲିଙ୍ଗି ଘାଟିରେ ଏକ ଟୁରିଷ୍ଟ ବସ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। କିନ୍ତୁ ସୌଭାଗ୍ୟବଶତଃ ବସ୍‌ଟି ସୁରକ୍ଷା ବାଡ଼ରେ ପିଟି ହୋଇ ଅଟକି ଯିବାରୁ ବଡ଼ ଦୁର୍ଘଟଣା ଟଳି ଯାଇଥିଲା। ବସର ସମ୍ମୁଖ ଭାଗ ସାମାନ୍ୟ ଭାଙ୍ଗିରୁଜି ଯାଇଥିବା ବେଳେ ଯାତ୍ରୀ, ବସଚାଳକ ଓ କର୍ମଚାରୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ ନିଶିକାଙ୍କ ତତ୍ତ୍ୱାବଧାନରେ ପୁଲିସ୍ ଟିମ୍ ପହଞ୍ଚି ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଗନ୍ତବ୍ୟସ୍ଥଳକୁ ସେହି ବସରେ ହିଁ ଛାଡି ଦିଆଯାଇଥିଲା। ଯାତ୍ରୀ ସମସ୍ତେ ଜିଲ୍ଲା ବାହାର ଏବଂ ମହେନ୍ଦ୍ରଗିରିକୁ ଆସି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

## ମୁଖ୍ୟମନ୍ତ୍ରୀଙ୍କୁ ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର



ଜି.ଉଦୟଗିରି, ୩।୧୨(ସମିସ): ଜି.ଉଦୟଗିରି ପ୍ରାଥମିକ ଶିକ୍ଷକ ମହାସଂଘ ପୁଣିଥରେ ନିଜର ଦୀର୍ଘଦିନର ଦାବି ନେଇ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଛି। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ମହାସଂଘ ତରଫରୁ ୨ଦଫା ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଦେଇ ଶିକ୍ଷକମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କରାଯାଇଛି। ଆସନ୍ତାକାଲି ସୁଦ୍ଧା ଦାବି ପୂରଣ ନ ହେଲେ ୫ ତାରିଖରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ପଦବୀ ଅପଗ୍ରେଡରେ ପ୍ରାଥମିକ ଶିକ୍ଷକଙ୍କ ମୂଳ ପଦବିକୁ ଲେବଲ ୯କୁ ଅପଗ୍ରେଡ କରି ୩୫, ୪୦୦ ଟଙ୍କା ମୂଳ ବେତନ ନିର୍ଦ୍ଧାରଣ ଓ ଠିକା ପ୍ରଥା ଉଚ୍ଛେଦ ପ୍ରମୁଖ ୨ ଦାବି ରହିଛି।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ପାରଳାଖେମୁଣ୍ଡି, ୩।୧୨(ସମିସ): ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଚାଳିତ ମହାବିଦ୍ୟାଳୟର ଖେଳପଡ଼ିଆରେ ଦୁଇଦିନ ଧରି ଚାଲିଥିବା ପ୍ରତିଯୋଗିତାକୁ ପ୍ରଧାନଶିକ୍ଷୟିତ୍ରୀ ମନୋଲିସା ଦାସ କ୍ରୀଡ଼ା ପତାକା ଅବତରଣ କରି ବାର୍ଷିକ କ୍ରୀଡ଼ାକୁ ଆନୁଷ୍ଠାନିକ ଭାବେ ଉଦଯାପନ ଘୋଷଣା କରିଥିଲେ। କ୍ରୀଡ଼ା ଶିକ୍ଷକ ସୁରେନ୍ଦ୍ର ପାତ୍ର ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ। ଦଶମ ଶ୍ରେଣୀ ଛାତ୍ର ଜଗନ୍ ବେଣିଆ ବରିଷ୍ଠ ବର୍ଗରେ ଚାମ୍ପିଅନ୍ ହୋଇଥିବା ବେଳେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ମନୋରଞ୍ଜନ ପାଇଁ ଥାନାରେ ସ୍ୱତନ୍ତ୍ର କକ୍ଷ ଉଦ୍‌ଘାଟିତ



### ଟେଲିଭିଜନରେ କାର୍ଟୁନ୍ କଥାଚିତ୍ର ବ୍ୟବସ୍ଥା

ବାଲିଗୁଡ଼ା, ୩।୧୨(ସମିସ): ଥାନାକୁ ଆସୁଥିବା ମା'ଙ୍କ ସହ ଶିଶୁଙ୍କ ମନୋରଞ୍ଜନ ପାଇଁ ପୁଲିସ୍ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି। ଅଭ୍ୟର୍ଥନା କକ୍ଷ ଓ ମହିଳା ଶିଶୁ ଡେସ୍କରେ ଶିଶୁଙ୍କ ପାଇଁ ପୁଲିସ୍ ପକ୍ଷରୁ ମନୋରଞ୍ଜନ ବ୍ୟବସ୍ଥା କରାଯାଇଛି। କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ କାର୍ଯ୍ୟରତ ପୂର୍ବତନ ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦଙ୍କ ଉଦ୍ୟମରେ ଥାନା ପରିସରରେ ହୋଇଥିବା ବ୍ୟବସ୍ଥାର ଉଦ୍‌ଘାଟନ କରିଛନ୍ତି କନ୍ଧମାଳ ଏସ୍‌ପି ହରିଶ୍ ବିଶି। ଏହାଦ୍ୱାରା ବିଭିନ୍ନ କାର୍ଯ୍ୟ କିମ୍ବା କିଛି ମାମଲାରେ ଶିଶୁଙ୍କୁ ନେଇ ଥାନାକୁ ଆସୁଥିବା ମହିଳା ସେମାନଙ୍କ ଶିଶୁଙ୍କୁ ଏଠାରେ ମନୋରଞ୍ଜନ କରାଇପାରିବେ। ଏଥିରେ ଛୋଟଛୋଟ ଶିଶୁଙ୍କ ମନରେ ହସ ଫୁଟିବ ଏବଂ ଥାନାକୁ ଆସୁଥିବା ମହିଳାଙ୍କ ମନକୁ ସାନ୍ତ୍ୱନା ମିଳିବା ସହ ପୁଲିସ୍ ସହ ସୁସମ୍ପର୍କ ସ୍ଥାପନ ହୋଇପାରିବ ବୋଲି ଏସପି କହିଛନ୍ତି। ଏହି କକ୍ଷରେ ଶିଶୁଙ୍କ ପାଇଁ ବିଭିନ୍ନ ଖେଳନା, ଚିତ୍ର ବହି ସମେତ ମନୋରଞ୍ଜନ ପାଇଁ ଟେଲିଭିଜନ ମାଧ୍ୟମରେ କାର୍ଟୁନ୍ କଥା ଚିତ୍ରର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛୋଟଛୋଟ ଶିଶୁ ସାମିଲ୍ ହୋଇ ବେଶ୍ ଖୁସି ଅନୁଭବ କରିଥିବା ବେଳେ ପୁଲିସ୍ ପକ୍ଷରୁ ହୋଇଥିବା ଏହି ବ୍ୟବସ୍ଥାକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ଜେଆର୍‌ସି ପରାମର୍ଶଦାତା ତାଲିମ୍ ଶିବିର

ଗୁମ୍ମା, ୩।୧୨(ସମିସ): ଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ତଥା ଜିଲ୍ଲା ଜୁନିଅର ରେଡକ୍ରସ ମିଳିତ ଆନୁକୂଲ୍ୟରେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ମାୟାଧର ସାହୁ ଓ ଜିଲ୍ଲା ଶାରୀରିକ କ୍ରୀଡ଼ା ନିରୀକ୍ଷକ ସୁରେନ୍ଦ୍ର କୁମାର ପାତ୍ରଙ୍କ ଅନୁମୋଦନ କ୍ରମେ ଶିକ୍ଷକ କେ.ଆନନ୍ଦ କୁମାରଙ୍କ ନେତୃତ୍ୱରେ ଗୁମ୍ମା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ପରାମର୍ଶଦାତାଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଶିବିରରେ ୧୫ ଜଣ ପରାମର୍ଶଦାତା ଯୋଗ ଦେଇଥିଲେ। ରେଡକ୍ରସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସହ ପ୍ରାଥମିକ ଉପଚାର, ପ୍ରାକୃତିକ ବିପର୍ଯ୍ୟୟ, ରକ୍ତଦାନ, ସଡକ ସୁରକ୍ଷା, ବିଦ୍ୟାଳୟ ସୁରକ୍ଷା, ପରାମର୍ଶ ଦାତାମାନଙ୍କର ତଥ୍ୟ ସଂଗ୍ରହ, ବିଦ୍ୟାଳୟ ସ୍ତରରେ ବିଭିନ୍ନ କମିଟି ଗଠନ ଓ ୟୁନିଟ ଖୋଲିବା, ରକ୍ତସ୍ରାବ, ଅସ୍ଥିଭଙ୍ଗ, ବଜ୍ରପାତ, ସାପକାମୁଡା, କୁକୁର କାମୁଡା, ସାଇବର ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ଆଦି ବିଷୟରେ ଶିକ୍ଷାଦାନ ଦିଆଯାଇଥିଲା। ଜିଲ୍ଲା ଜୁନିଅର ରେଡକ୍ରସ ଅଫିସର ସଞ୍ଜୀବ କୁମାର ଦାସ, ଜିଲ୍ଲା ଜୁନିଅର ରେଡକ୍ରସ ସହ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ପାଠୀ, ଜିଲ୍ଲା ଜୁନିଅର ରେଡକ୍ରସ ସମ୍ବଳସାଧନ କର୍ମୀ ବାଳକୃଷ୍ଣ ବାଗସିଂ, ଜୁନିଅର ରେଡକ୍ରସ ସମ୍ବଳ ସାଧନ କର୍ମୀ ମୁକ୍ତିକାନ୍ତ ମଲ୍ଲିକ୍ ଓ ଗୁମ୍ମା ବ୍ଲକର ସଂଯୋଜକ କେ.ଆନନ୍ଦ କୁମାର ଯୋଗ ଦେଇ ପରାମର୍ଶଦାତାଙ୍କୁ ବିଭିନ୍ନ ବିଷୟରେ ଶିକ୍ଷା ପ୍ରଦାନ କରିଥିଲେ।



## ଲକ୍ଷ୍ମୀପୂଜା ପାଇଁ କଳସ ଯାତ୍ରା

ରାଇକିଆ, ୩।୧୨(ସମିସ): ରାଇକିଆ ଲକ୍ଷ୍ମୀବାଜାରରେ ମାଣବସା ଗୁରୁବାର ଅବସରରେ ଲକ୍ଷ୍ମୀ ପୂଜା କମିଟି ତରଫରୁ ଲକ୍ଷ୍ମୀ ପୂଜା ପାଇଁ ବୁଧବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଦେବୀପ୍ରସାଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କଳସ ଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇ ପୂଜାର୍ଚ୍ଚନା ସାରି ରାଇକିଆ ସ୍ଥିତ ଗର୍ଜନୀ ନଦୀରୁ ଜଳ ସଂଗ୍ରହ କରିଥିଲେ। ପରେ ଶୋଭାଯାତ୍ରାରେ ପୂଜା ମଣ୍ଡପକୁ ଆସିଥିଲେ। ଉପସଭାପତି ବିରୁପାକ୍ଷ ପାତ୍ର, ବନମାଳୀ ପଣ୍ଡା, ସମ୍ପାଦକ ବାଦଲ ସାହୁ, ସହ ସମ୍ପାଦକ ବେନୁପାଣି ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଭାରତ ଭୂଷଣ ପାଣିଗ୍ରାହୀ, ଉପଦେଷ୍ଟା ଶ୍ରୀଧର ଦାଶ, ବି. ତ୍ରିପତି ସୁବୁଦ୍ଧି, ସୁବାସ ଚନ୍ଦ୍ର ପଣ୍ଡା, ମଙ୍ଗୁଲୁ ପାତ୍ର ଓ କର୍ତ୍ତା ବାବୁଲି ପାଳ ଯୋଗ ଦେଇଥିଲେ। ପୂଜା ମଣ୍ଡପରେ ପଣ୍ଡିତ କାଳୁଚରଣ ଶତପଥୀଙ୍କ ମନ୍ତ୍ରୋଚାରଣରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ

ଦାରିଙ୍ଗବାଡି, ୩।୧୨(ସମିସ): ଦାରିଙ୍ଗବାଡି ବ୍ଲକ ଦନେକବାଡ଼ି ପଞ୍ଚାୟତ ମୁଣ୍ଡରୁମାହାରେ ସୋରଡା ଲାୟନ୍ସ କ୍ଲବ ପକ୍ଷରୁ ଗରିବ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ସାଲୁଗା ପ୍ରଧାନ, ଲାୟନ୍ସ କ୍ଲବ ଜିଲ୍ଲା ଗଭର୍ଣ୍ଣର୍ ଡ଼. ହେମନ୍ତ କୁମାର ଖୁଣ୍ଟିଆ, ପୂର୍ବତନ ଏଲ୍‌ଏନ୍ ଗଭର୍ଣ୍ଣର ସରସ୍ୱତୀ ପାତ୍ର, ଜିଲ୍ଲା କ୍ୟାବିନେଟ ସେକ୍ରେଟାରୀ ବିଜୟକୁମାର ସାହୁ, ଲାୟନ୍ସ ଡ଼. ଶିବପ୍ରସାଦ ଅଧିକାରୀ, ୧୦ନଂ. ଜୋନ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ପ୍ରଧାନ ଓ ସରପଞ୍ଚ ନଞ୍ଜୟ ପ୍ରଧାନ ଉପସ୍ଥିତ ଥିଲେ। ଲାୟନ୍ସ କ୍ଲବର ସଭାପତି ଶିବ ଶଙ୍କର ପଣ୍ଡା, ସମ୍ପାଦକ ମହେଶ୍ୱର ସାହୁ, ନିର୍ଦ୍ଦେଶକ ସୌମିକ୍ ସାହୁ, କୋଷାଧ୍ୟକ୍ଷ ସୀତାରାମ ପଣ୍ଡା, ସଦସ୍ୟ ରାଜେଶ ପାତ୍ର, ଶ୍ରୀକାନ୍ତ ଦାସ, ବିଜୟ ସାହୁ, ଶିବ ପ୍ରାସାଦ ଦାସ, ରଜନୀକାନ୍ତ ପଟ୍ଟନାୟକ, ବସନ୍ତ କୁମାର ସ୍ୱାଇଁ, ଲାୟନ୍ସ କ୍ଲବ ଡାଇମଣ୍ଡ ବ୍ରହ୍ମପୁରର ଡ଼. ସଙ୍ଗୀତା ବାବୁ, ଶ୍ୟାମପ୍ରସାଦ ପାଢ଼ୀ, ନମିତା ମହାପାତ୍ର, ରଜନୀକାନ୍ତ ମହାପାତ୍ର ମଞ୍ଚରେ ଉପସ୍ଥିତ ଥିଲେ। ଦାରିଙ୍ଗବାଡ଼ିର ଗିରିଶ ଚନ୍ଦ୍ର ସାହୁ, ସନ୍ତୋଷ ବିଶୋଇ, ସୁଧୀର ସାହୁ ଓ ମିଲୁ ସାହୁ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ୩୦୦ ଶହ କମ୍ବଳ ଓ ୩୦୦ ଶୀତ ଟୋପି ବଣ୍ଟନ କରାଯାଇଥିଲା।




# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ







ପାରଳାଖେମୁଣ୍ଡି, ୩।୧୨(ସମିସ)

ଗଜପତି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତିୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। ସକାଳେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଦିବ୍ୟଙ୍ଗ, ବରିଷ୍ଠ ନାଗରିକ, ଦିବ୍ୟଙ୍ଗଙ୍କ ନିମନ୍ତେ କାମ କରୁଥିବା ବେସରକାରୀ ସଂସ୍ଥାର କର୍ମକର୍ତ୍ତା, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, କିନ୍ନର ଓ ବିଭାଗୀୟ କର୍ମକର୍ତ୍ତା ପଦଯାତ୍ରାରେ ସାମିଲ ହୋଇଥିଲେ। ପଦଯାତ୍ରାକୁ ଭାରପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନେଗା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟରୁ ଆରମ୍ଭ ହୋଇ ବିଜୁ କଲ୍ୟାଣ ମଣ୍ଡପରେ ଶେଷ ହୋଇଥିଲା। ଏହାପରେ ଉପସ୍ଥିତ ସମସ୍ତଙ୍କର ପଞ୍ଜୀକରଣ କରାଯାଇ ଏକ ସାଧାରଣ ସଭା ଆୟୋଜନ ହୋଇଥିଲା। ସଭାରେ ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନେଗା ଯୋଗଦେଇ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ମହମ୍ମଦ ମୁବାରକ ଅଲ୍ଲୀ, ସାମର୍ଥ୍ୟ ଭିନ୍ନକ୍ଷମ ସଂସ୍ଥାର ସଭ୍ୟ ସନ୍ତୋଷ ରଇତ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଉତ୍ସର୍ଗୀତା ବଡ଼ରଇତ ମଞ୍ଚାସୀନ ଥିଲେ।

ଦିବ୍ୟାଙ୍ଗଙ୍କ ପାଇଁ କାର୍ଯ୍ୟ କରୁଥିବା ରାୟଗଡ଼ ବ୍ଲକର ଜିତୁ ଶବର, ନୂଆଗଡ଼ ବ୍ଲକର ଜିଖରିଅ ରଇତ, କାଶୀନଗର ବ୍ଲକର ଟୁନି ଦୋରା ଓ ଗୁମ୍ମା ବ୍ଲକର ଗୌତମ ରଇତଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜିଲ୍ଲାର ୫ଜଣ ଦମ୍ପତିଙ୍କୁ ବୈବାହିକ ବାବଦକୁ ୨ଲକ୍ଷ ୫୦ ହଜାର ଲେଖାଏଁ ପ୍ରୋତ୍ସାହନ ରାଶି, ୫ ଜଣଙ୍କୁ ନୂତନ ଭିନ୍ନକ୍ଷମ ଭତ୍ତା, ୨ ଜଣଙ୍କୁ ହୁଇଲ୍ ଚେୟାର ଓ ଜଣେ ଦିବ୍ୟାଙ୍ଗଙ୍କ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ଦୁଇ ଜଣ ଛାତ୍ରୀଙ୍କୁ ଶିକ୍ଷା ବୃତ୍ତି ପ୍ରଦାନ କରାଯାଇଥିଲା। ସେହିପରି ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଉପଲକ୍ଷେ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମାନଙ୍କ ମଧ୍ୟରେ ସାଧାରଣ ବର୍ଗ ଏବଂ ଭିନ୍ନକ୍ଷମ ବର୍ଗଙ୍କ ନିମନ୍ତେ ପୃଥକ ଭାବେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଓ ସ୍ୱତନ୍ତ୍ର ବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ମୋହନା ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମୁକ ଓ ବଧିର ବିଦ୍ୟାଳୟ ଏବଂ ଯୋଡାଆମ୍ବ ସ୍ଥିତ କ୍ରେଡିଟ ମୁକ ଓ ମାନସିକ ଅନଗ୍ରସର ବିଦ୍ୟାଳୟରେ ଆୟୋଜନ କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଳା ପରିଷଦ ଶ୍ରୀ ଜଗନ୍ନାଥ ଓଡିଶୀ କଳାକେନ୍ଦ୍ରର କଳାକାରଙ୍କ ସହ ବିଭିନ୍ନ ବେସରକାରୀ ଅନୁଷ୍ଠାନର ଦିବ୍ୟାଙ୍ଗ ଓ କିନ୍ନର କଳାକାରଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଭା ଶେଷରେ ଆର୍.ଉଦୟଗିରି ବ୍ଲକର ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଅରୁଣ କୁମାର ଉଦୟଭାନୁ ଧନ୍ୟବାଦ ଅର୍ପଣ କରି କରିଥିଲେ।

**ଦାରିଙ୍ଗବାଡି:** ଦାରିଙ୍ଗବାଡ଼ି ବ୍ଲକରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ରାପଡ଼ାବାଡ଼ି ନୋଡାଲ ବିଦ୍ୟାଳୟ ପରିସରରେ ପାଳନ କରାଯାଇଥିଲା। ପ୍ରଥମେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ରାପଡ଼ାବାଡ଼ି ନୋଡାଲ ବିଦ୍ୟାଳୟ ପରିସରରେ ଏକତ୍ର ହୋଇ ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ। ଏହାପରେ ପୁଣି ବିଦ୍ୟାଳୟକୁ ଫେରି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦକ୍ଷତା ପ୍ରଦର୍ଶନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବି.ଆର.ସି.ସି ଗୋକୁଳ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ଅତିରିକ୍ତ ତହସିଲଦାର ଦୁଃଶାସନ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ସରପଞ୍ଚ ଚନ୍ଦ୍ରିକା ମଲିକ, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବନମାଳି ମାଝୀ, ରାପଡ଼ାବାଡ଼ି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଚାରୁଶିଳା ମଲିକ, ଦାରିଙ୍ଗବାଡ଼ି ସିଆରସିସି ବଳଭଦ୍ର ମଲିକ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ମାନବ ସମ୍ବଳ ଶିକ୍ଷକ ମାନସ କୁମାର ଷଡ଼ଙ୍ଗୀ ଓ ଶିକ୍ଷୟିତ୍ରୀ ରଶ୍ମିତା ସେନାପତି ପରିଚାଳନା କରିଥିଲେ।

**ପାରଳାଖେମୁଣ୍ଡି:** ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ପାରଳାଖେମୁଣ୍ଡି ସ୍ଥିତ ନଗରପାଳିକା ସମ୍ମିଳନୀ କକ୍ଷରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିମଳ ରାଉଳଙ୍କ ଅଧ୍ୟକ୍ଷତାରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଅଦାଲତର ଭାରପ୍ରାପ୍ତ ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡା.ଆନନ୍ଦ ସାମନ୍ତରାୟ ଆଜିର ଏହି ଦିବସରେ ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କ ଅଧିକାର, ସମ୍ମାନ ଓ ସୁରକ୍ଷା ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇବା ସହ ସେମାନଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନା, ଆଇନଗତ ସହାୟତା ଓ ସରକାରୀ ସୁବିଧା ସମ୍ବନ୍ଧରେ ବିଶେଷ ସୂଚନା ପ୍ରଦାନ କରିଥିଲେ। ସେହିପରି କିଛି ଯୋଗ୍ୟ ହିତାଧିକାରୀଙ୍କୁ ଭିନ୍ନକ୍ଷମ ଭତ୍ତା ମଧ୍ୟ ପ୍ରଦାନ କରାଯାଇଥିଲା।




**କାଶୀନଗର:** କାଶୀନଗର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଥିଲା। ଏବିଇଓ ନର୍ମଦା ଦାଶଙ୍କ ତତ୍ତ୍ୱାବଧାନରେ ଏ ଉପଲକ୍ଷେ ଆୟୋଜିତ ସମାବେଶରେ କାଶୀନଗର ନାଗରିକ ମହାସଭା ସଭାପତି ତଥା ସାମ୍ବାଦିକ ଓ କବି ପ୍ରଶାନ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ଭିନ୍ନ କ୍ଷମତା ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ଭିତରେ କ୍ରୀଡ଼ା ଶିକ୍ଷକ କେ.ଅରୁଲ କୁମାର, ବିଆରପି ଅମିନ କୁମାର ମଙ୍ଗରାଜ, ସଂଯୁକ୍ତା ବେହେରା, ଆଇଇ ଭି ମୁରଲୀକ୍ରୀଷ୍ଣା, ଶିକ୍ଷକ ଏମ୍ . ଶ୍ରୀନିବାସ ରାଓ ମଞ୍ଚାସୀନ ହୋଇ ଆଲୋଚନା କରିଥିଲେ। ପିତାମାତାଙ୍କ ସହ ସମବେତ ବିଭିନ୍ନ ପଞ୍ଚାୟତର ୫୦ ଦିବ୍ୟାଙ୍ଗ ପିଲାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ସମୟରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବି . ସାୟାମ୍ମା ଓ କାଉନସିଲର କେ.ରାମାରାଓ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

■ ଅଟୋ ଚାଳକ ଦେଖାଇଲେ ମହାନତା

## ଯାତ୍ରୀଙ୍କୁ ଫେରାଇଲେ ଟଙ୍କା ଭର୍ତ୍ତି ବ୍ୟାଗ୍

ଦିଗପହଣ୍ଡି,୩।୧୨(ସମିସ): ଜଣେ ଯାତ୍ରୀଙ୍କ ଟଙ୍କା ଭର୍ତ୍ତି ବ୍ୟାଗ ଫେରାଇ ମହାନତା ଦେଖାଇଛନ୍ତି ଅଟୋ ଚାଳକ ତଥା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ପଳାସପୁର ଇନ୍ଦିରା ଆବାସ ଗ୍ରାମରେ ରହୁଥିବା ଟୁକୁନା ସେଠୀ। ପାଟପୁର ଥାନା ଚିନ୍ତାଖାଲି ଗ୍ରାମର ଏମ୍. ସତ୍ୟନାରାୟଣ ଦୋରା ସୋମବାର ସନ୍ଧ୍ୟାରେ ବ୍ରହ୍ମପୁରରୁ ଦିଗପହଣ୍ଡି ଫେରିବା ପରେ ଏକ ଯାତ୍ରିବାହୀ ଅଟୋ ଯୋଗେ ନିଜ ଗ୍ରାମ ନିକଟ ଚୁଡୁଙ୍ଗପୁର ଗ୍ରାମରେ ଓହ୍ଲାଇଥିଲେ। ମାତ୍ର ସାଙ୍ଗରେ ଆଣିଥିବା ଟଙ୍କା ବ୍ୟାଗ୍‌କୁ ଅଟୋରେ ଛାଡ଼ି ଚାଲିଯାଇଥିଲେ। ବ୍ୟାଗ୍‌ରେ ୬୦ ହଜାର ଟଙ୍କା ଥିଲା। ଘରେ



ପହଞ୍ଚି ଟଙ୍କା ବ୍ୟାଗ ନପାଇ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। ଶେଷରେ ଅଟୋର ସନ୍ଧାନ ପାଇଁ ଦିଗପହଣ୍ଡି ଥାନାରେ ପହଞ୍ଚିଥିଲେ। ଅଟୋ ଚାଳକ ଜଣକ ଘରେ ପହଞ୍ଚି ଅଟୋରେ ବ୍ୟାଗ୍ ଥିବା ଦେଖି ଖୋଲିବାରୁ ଟଙ୍କା ଭର୍ତ୍ତି ହୋଇଥିବା ଦେଖିଥିଲେ। ସେଠାରୁ ଥାନାକୁ ଯାଇ ଏସ୍‌ଆଇ ସୋଫିଆ ମିଶ୍ରଙ୍କ ଉପସ୍ଥିତିରେ ଅଟୋ ଚାଳକ ବ୍ୟାଗ୍‌ଟିକୁ ଯାତ୍ରୀଙ୍କୁ ହସ୍ତାନ୍ତର କରିଥିଲେ।

## ଶିଶୁ ମନ୍ଦିରରେ ଗୀତା ଜୟନ୍ତୀ

ଛତ୍ରପୁର,୩।୧୨(ସମିସ): ଶ୍ରୀରାମନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶ୍ରୀମଦ୍ ଭଗବତ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ଆଚାର୍ଯ୍ୟ କୈଳାସ ଚନ୍ଦ୍ର ଶତପଥିଙ୍କ ଦ୍ୱାରା ଶ୍ରୀମଦ୍ ଭଗବତ ଗୀତାର ପୂଜାର୍ଚ୍ଚନା କାର୍ଯ୍ୟ ସଂପାଦିତ ହୋଇଥିଲା। ଆଚାର୍ଯ୍ୟ ଶ୍ରୀକାନ୍ତ ମହାପାତ୍ର ଗୀତାର ସାରତତ୍ତ୍ୱ ବର୍ଣ୍ଣନା କରିଥିଲେ। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶଙ୍କ ସହିତ ସମସ୍ତ ଆଚାର୍ଯ୍ୟ/ଆଚାର୍ଯ୍ୟା ଏବଂ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାମୂହିକ ଗୀତାପାଠ କରାଯାଇଥିଲା।

## ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ଶିବିର

ଶେରଗଡ଼,୩।୧୨(ସମିସ): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥାର ମିଳିତ ସହଯୋଗରେ ଶେରଗଡ଼ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୁରକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ସାମାଜିକ କର୍ମୀ ସୁଦାମ ପାଣିଗ୍ରାହୀ ଓ କାମେଶ୍ୱର ପରିଡା, ବ୍ଲକ ଶିଶୁ ସୁରକ୍ଷା ଅଧିକାରୀ ମମତାଞ୍ଜଳି ପଣ୍ଡା ଯୋଗଦେଇ ଶିଶୁ ମାନଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଛନ୍ତି ବୋଲି ପ୍ରକାଶ କରିଥିଲେ। ବ୍ଲକ ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତି ପଣ୍ଡା ଅତିଥି ପରିଚୟ ପ୍ରଦାନ ଓ ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଅଙ୍ଗନବାଡି କର୍ମୀଙ୍କୁ ହଠାତ ନିଆଁ ଲାଗିଲେ କିଭଳି ଆୟତ୍ତ କରାଯାଇପାରିବ ସେନେଇ ତାଲିମ ଦିଆଯାଇଥିଲା। ନିଆଁ ଲିଭାଇବା ତାଲିମରେ ଶେରଗଡ ଅଗ୍ନିଶମ ଅଧିକାରୀ ବିଜୟ କୁମାର ଦାସଙ୍କ ସହିତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସମୀକ୍ଷା କଲେ ଜିଲ୍ଲାପାଳ

# ୮୨୦ ଅଙ୍ଗନବାଡ଼ି କେନ୍ଦ୍ରରେ ବିଜୁଳି ନାହିଁ

ଛତ୍ରପୁର,୩।୧୨(ସମିସ):

ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସମୀକ୍ଷା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଗଞ୍ଜାମ ଜିଲ୍ଲାରେ ୫୧୬୨ଟି ଅଙ୍ଗନବାଡି କେନ୍ଦ୍ର

### ୧୯୧ କେନ୍ଦ୍ରରେ ପିଇବା ପାଣି, ୪୦୫ କେନ୍ଦ୍ରରେ ଶୌଚାଳୟ ନାହିଁ

ରହିଥିବା ବେଳେ ସେଥିମଧ୍ୟରୁ ୫୧୪୯ଟି କେନ୍ଦ୍ର ନିର୍ମାଣ ପାଇଁ ଅନୁମତି ମିଳିଥିବା ବେଳେ ୩୯୬୦ ଘର ସମ୍ପୂର୍ଣ୍ଣ ହୋଇଛି। ସେହିପରି ୭୪୮ଟି କେନ୍ଦ୍ର କାମ ଜାରି ରହିଥିବା ବେଳେ ୪୩୪ଟି କେନ୍ଦ୍ରର କାମ ଆରମ୍ଭ ହୋଇନାହିଁ। ୧୯୧ଟି କେନ୍ଦ୍ରରେ ପାନୀୟ ସଂଯୋଗ ନଥିବା ବେଳେ ୪୦୫ଟି କେନ୍ଦ୍ରରେ ଶୌଚାଳୟ ବ୍ୟବସ୍ଥା ନଥିବା ବେଳେ ୮୨୦ଟି କେନ୍ଦ୍ରରେ ବିଦ୍ୟୁତ



ସଂଯୋଗ ନଥିବା ଜଣାପଡ଼ିଛି।

ଜିଲ୍ଲାରେ ଯେଉଁ ୮୨୦ଟି କେନ୍ଦ୍ରରେ ବିଦ୍ୟୁତ ସଂଯୋଗ ରହିନାହିଁ ଏହି ମାସ ସୁଦ୍ଧା ସାରିବା ସହ ସମସ୍ତ କେନ୍ଦ୍ରରେ ଯେପରି ସମସ୍ତ ବ୍ୟବସ୍ଥା ରହିଥିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ କହିଥିଲେ। ଚିକିଟି ବ୍ଲକରେ ୨୦୦ଟି କେନ୍ଦ୍ରରୁ ୧୭୦ଟି କେନ୍ଦ୍ରର କାମ ସରିଯାଇଥିବା ସତ୍ତ୍ୱେ ୧୦୦ଟି କେନ୍ଦ୍ରରେ ପାନୀୟ ସଂଯୋଗ ନଥିବା ବୈଠକରେ କୁହାଯାଇଥିଲା। ଯେଉଁସବୁ ଅଧାପନ୍ତରିଆ ହୋଇ କାମ ରହିଛି ଏକ ମାସ ମଧ୍ୟରେ ସାରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ କେନ୍ଦ୍ରରେ ଠିକାଦାର କାମ ସରିକି ବି ତାଲା ଝୁଲି ରହିଛି ତାହା ତୁରନ୍ତ ଖୋଲିବାକୁ କୁହାଯାଇଛି। ଜିଲ୍ଲାରେ ବାଲ୍ୟ ବିବାହ ସମ୍ପୂର୍ଣ୍ଣଭାବେ ବନ୍ଦ ହୋଇପାରିନାହିଁ। ଏବେବି କେଉଁଠି ନା କେଉଁଠି ଲୁଚା ଛପାରେ ବାଲ୍ୟ ବିବାହ ହେଉଛି। ଗଞ୍ଜାମ ଜିଲ୍ଲାରେ ବାଲ୍ୟ ବିବାହ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରିଥାନ୍ତି କିନ୍ତୁ ଏହାସବୁ କେବଳ ବୈଠକରେ ସୀମିତ ହୋଇରହିଯାଉଛି। ଜିଲାପ୍ରଶାସନ ପକ୍ଷରୁ ମୋ ଗେହ୍ଲା ଝିଅ, ନିର୍ଭୟା କଢୀ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା ବେଳେ ଏବିବେ ଲୁଚାଛପାରେ ଚାଲିଛି ବାଲ୍ୟବିବାହ। ଚଳିତ ବର୍ଷ ସେପ୍ଟମ୍ବର ସୁଦ୍ଧା ୨୯ଟି ବାଲ୍ୟ ବିବାହ ରୋକାଯାଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ପୂର୍ବରୁ ପ୍ରଶାସନ ପକ୍ଷରୁ ଏହି ବାଲ୍ୟ ବିବାହ ରୋକିବାକୁ ଯେଉଁସବୁ ଏସଓପି ଜାରି କରାଯାଇଥିଲା ପୁଣି ତାହା କାର୍ଯ୍ୟକ୍ଷମ କିରବାକୁ ଜିଲ୍ଲାପାଳ କହିଥିଲେ। ବୈଠକରେ ଜିଲ୍ଲା ପରିଷଦ ଭାରପ୍ରାପ୍ତ ସିଡିଓ ବିଜୟ ବେହେରା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଭଞ୍ଜନଗର ଉପଜିଲ୍ଲାପାଳ ଉମାକାନ୍ତ ବେହେରା, ଟିପିଏସଓଡିଏଲ ଅଧିକ୍ଷଣ ଯନ୍ତ୍ରୀ ଇ.ଚନ୍ଦନ ଦାସ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରାଙ୍କ ସମେତ ବିଡିଓ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଖୋଖୋ ଖେଳାଳିଙ୍କ ଜୋର୍‌ଦାର୍ ଅଭ୍ୟାସ



ଜି.ଉଦୟଗିରି,୩।୧୨(ସମିସ): ହବାକ୍ ହାଇସ୍କୁଲ ଖେଳ ପଡ଼ିଆରେ ସବୁ ସମୟରେ ଛାତ୍ର ଖୋଖୋ ଅଭ୍ୟାସ କରୁଥିବା ଦେଖିବାକୁ ମିଳିଛି। ଜୁନିଅର ଏବଂ ସିନିଅର ଦୁଇଟି ଦଳ ପ୍ରସ୍ତୁତ ହେଉଥିବା ବେଳେ ସବୁ ଦିନ ସ୍କିଲ ଅଭ୍ୟାସ ସହିତ ଖେଳ ଜାରି ରଖିଛନ୍ତି। ପିଲାମାନଙ୍କ ପରିଶ୍ରମ ଯୋଗୁ ଦୁଇଟି ଯାକ ଦଳ ଜିଲ୍ଲାସ୍ତରରେ ସୁନାମ ଅର୍ଜନ କରିଥିବା ବେଳେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ସକ୍ଷମ ହୋଇ ପାରିଛନ୍ତି। ଲକ୍ଷ୍ୟ ରହିଛି ଜାତୀୟ ଖେଳ ପ୍ରତିଯୋଗିତାରେ ଭାଗ ନେବା। ଗଜପତି ଜିଲ୍ଲାର ଅଭିଜ୍ଞ କୋଚ ଏଲିଅ ଶବରଙ୍କ ତତ୍ତ୍ୱାବଧାନରେ ପିଲାଏ ଅଭ୍ୟାସ କରି ବହୁ ସଫଳତା ପାଇବା ସହିତ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଭାଗ ନେଇଛନ୍ତି। କନ୍ଧମାଳ ଜିଲ୍ଲାରେ ଏହି ଭଳି ଭାବରେ ଫୁଲବାଣୀ, ଦାରିଙ୍ଗବାଡି, ଫିରିଙ୍ଗିଆ ଏବଂ ଜି.ଉଦୟଗିରି ଟିମ ପ୍ରସ୍ତୁତି ଚାଲିଛି ବୋଲି କୋଚ ଶ୍ରୀ ଶବର କହିଛନ୍ତି।

## ମହୁମାଛି ଆକ୍ରମଣରେ ଦୁଇ ଆହତ

ବୁଗୁଡ଼ା,୩।୧୨(ସମିସ): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ପଙ୍କଳସାହି ଗାଁ ଛକରେ ମହୁମାଛି ଆକ୍ରମଣରେ ଦୁଇ ଜଣ ଆହତ ହୋଇଛନ୍ତି। ଆହତ ଦ୍ୱୟ ହେଲେ ପଙ୍କଳସାହି ଗ୍ରାମର ଦୀପକ ସ୍ୱାଇଁ (୨୬) ଓ ପିଣ୍ଟୁ ପ୍ରଧାନ (୩୪)। ଉଭୟେ ବାଇକ୍ ଯୋଗେ ଗାଁକୁ ଯାଉଥିବା ବେଳେ ହଠାତ୍ ମହୁମାଛି ଦଳ ଆକ୍ରମଣ କରିଥିଲେ। ଆକ୍ରମଣରୁ ବର୍ତ୍ତିବାକୁ ଦୁହେଁ ଗାଡ଼ି ଛାଡ଼ି ଦୌଡି ଥିଲେ ହେଁ ମହୁମାଛିଙ୍କ ଦଂଶନରେ ଆହତ ହୋଇଥିଲେ। ଉଭୟଙ୍କୁ ବୁଗୁଡା ମେଡିକାଲରେ ଭର୍ତ୍ତି କରାଯାଇଛି।

## ଗୋ-ହତ୍ୟା ବେଳେ ୨ ଗିରଫ

ଜୟପୁର,୩।୧୨(ସମିସ): କୋରାପୁଟ ଜିଲ୍ଲାର ଗ୍ରାମାଞ୍ଚଳରେ କିଛି ଜଳାଶୟ, ଜଙ୍ଗଲ ଓ ଲଟାବୁଟା ଆଢୁଆଳରେ ଗୋ-ହତ୍ୟା କରାଯାଇ ମାଂସ ଚାଲଣ ଏବଂ ବିକ୍ରି କରାଯାଉଥିବା ବେଳେ ବର୍ତ୍ତମାନ ସହରର ମଧ୍ୟସ୍ଥଳୀରେ ଗୋ-ହତ୍ୟା କରି ମାଂସ ବିକ୍ରି କରାଯାଉଥିବା ନଜରକୁ ଆସିଛି। ଗୃହପାଳିତ ଗାଈ ରାସ୍ତାରେ ବୁଲୁଥିବା ବେଳେ ରାତିରେ ଉଠାଇ ସେମାନଙ୍କୁ ହତ୍ୟା କରିବା ସହିତ ମାଂସ ଚାଲଣ ଏବଂ ବିକ୍ରି କରୁଥିବା ନେଇ ଅଭିଯୋଗ ହେଉଛି। ଆଜି ସକାଳେ ସହରର ପଞ୍ଚାନନ ମନ୍ଦିର ଛକକୁ ସଂଯୋଗ କରୁଥିବା ବାଇପାସ୍ ରୋଡରୁ ଜୟନଗର ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାର ଜଗନ୍ନାଥ ସାଗର କୂଳବର୍ତ୍ତୀ ମତ୍ସ୍ୟ ବିଭାଗ ପୋଖରୀ ନିକଟରେ ଏକ ଜର୍ସି ଗାଈକୁ ହତ୍ୟା କରାଯାଇ କିଛି ମାଂସ ଚାଲଣ କରାଯାଇଥିବା ବେଳେ ଗାଈର ମାଲିକ ଏବଂ ସ୍ଥାନୀୟ କିଛି ବାସିନ୍ଦା ପହଞ୍ଚି ଦୁଇ ଯୁବକଙ୍କୁ ଧରି ପୁଲିସକୁ ହସ୍ତାନ୍ତର କରିଥିଲେ। ଟାଉନଥାନା ପୁଲିସ ଘଟଣାସ୍ଥଳରୁ ଦୁଇ ଯୁବକ ଖ୍ରୀଷ୍ଟିଆନ ସାହିର ପିଣ୍ଟୁ ନାଗ (୨୭) ଏବଂ ଅମିତ ନାୟକ (୪୬)ଙ୍କୁ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଛି।

ପୁଲିସ ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ୮ ଟାରେ ଏକ ଅସ୍ଥାୟୀ କୁଡ଼ିଆ ନିକଟରେ ଏକ ଗାଈକୁ ହତ୍ୟା କରି ମାଂସ କାଟି କିଛି ଜରି ବସ୍ତାରେ ଚାଲାଣ କରାଯାଉଥିବା ବେଳେ ସ୍ଥାନୀୟ ଲୋକ ଘଟଣା ସ୍ଥଳକୁ ଯାଇଥିଲେ। ୫ ଜଣଙ୍କ ମଧ୍ୟରୁ ଦୁଇ ଗୋ-ହତ୍ୟାକାରୀଙ୍କୁ ଅଟକ ରଖିଥିଲେ। ଗତକାଲିଠାରୁ ନୂଆସାହି ପାର୍କ ଲାଇନ୍‌ର ରବି ନାୟକଙ୍କ ଗାଈ ହଜିଥିବା ଜାଣିଥିବାରୁ ତାଙ୍କୁ ସୂଚନା ଦେଇଥିଲେ। ସେ ପହଞ୍ଚି ଗାଈକୁ ଚିହ୍ନଟ କରିଥିଲେ। ପୁଲିସ ଘଟଣାସ୍ଥଳରୁ ଗୋମାଂସ ସମେତ ୨ ଗୋ-ହତ୍ୟାକାରୀଙ୍କୁ ଗିରଫ ସହ ଟାଙ୍ଗିଆ, ଫାର୍ସା ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରିଥିବା ଥାନା ଅଧିକାରୀ ଉଲ୍ଲାସ ରାଉତ ପ୍ରକାଶ କରିଛନ୍ତି। ପ୍ରକାଶଯେ, ଗତ ନଭେମ୍ବର ୧୧ ତାରିଖରେ ଜୟପୁର ସଦରଥାନା ଅଞ୍ଚଳରେ ବାରିଣିପୁଟ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନଡୁଗୁଡା ନିକଟସ୍ଥ ପୁଟ୍ରା ନାଳ ନିକଟରେ ଗାଈକୁ ହତ୍ୟା କରିବା ସହ ମାଂସ ବାହାର କରିବା ନେଇ ଏକ ଅସ୍ଥାୟୀ କଂସେଇ ଖାନାରୁ ୫ଟି ଜୀବନ୍ତ ଗାଈକୁ ସଦରଥାନା ପୁଲିସ ଉଦ୍ଧାର କରିଥିଲେ। ଏହିପରି ଉକ୍ତ ଚାଳ ଛପର ଅସ୍ଥାୟୀ କଂସେଇ ଖାନାକୁ ପୁଲିସ ନିଆଁ ଲଗାଇ ନଷ୍ଟ କରିଥିଲେ। ସେହିପରି ଗତ ଅକ୍ଟୋବର ୨୬ ତାରିଖରେ ଜୟପୁର ସଦରପୁଲିସ କେବିଡି ଗ୍ରାମରେ ଜଣେ ବୃଦ୍ଧବ୍ୟକ୍ତି ଗୋ ମାଂସ ବିକ୍ରି କରୁଥିବା ସମୟରେ ସ୍ଥାନୀୟ ଲୋକଙ୍କ ସହଯୋଗ ମାଂସ ଜବତ ସହିତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗୋମାଂସ କାଟିବା ପରେ ଏହାକୁ ଧୋଇବା ପାଇଁ ଜଳାଶୟ ନିକଟରେ ଏହିପରି ଅସ୍ଥାୟୀ କଂସେଇ ଖାନା ନିର୍ମାଣ କରାଯାଉଛି। ତେଣୁ ପୁଲିସ ପକ୍ଷରୁ ଏହିପରି ସ୍ଥାନ ଚିହ୍ନଟ କରିବା ସହ ନିୟମିତ ଚଢ଼ଉ କରିବାକୁ ସାଧାରଣରେ ଦାବି ହେଉଛି।

## ଟ୍ରକ୍ ଦୁର୍ଘଟଣାଗ୍ରସ୍ତ; ହେଲ୍‌ପର ମୃତ

ପଟାଙ୍ଗି,୩।୧୨(ସମିସ): କୋରାପୁଟ ଜିଲ୍ଲା ଓଡ଼ିଶା ଆନ୍ଧ୍ର ସୀମାନ୍ତ ସୁଙ୍କି ଥାନା ଅନ୍ତର୍ଗତ ଲାଉଡି ଘାଟିରେ ସେଣ୍ଟିଂ ପାଇପ୍ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଗାଡ଼ିର ହେଲ୍‌ପର୍‌ଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଗୋଲୁର ପଞ୍ଚାୟତ ନିକଟ ଭାରତମାଳା ପରିଯୋଜନାରେ ଚାଲିଥିବା ବ୍ରିଜ କାମରେ ବ୍ୟବହାର ହୋଇଥିବା



ସେଣ୍ଟିଂ ପାଇପ ଗୁଡ଼ିକୁ ଏକ ଟ୍ରକ ଆନ୍ଧ୍ରର ବିଜୟୱାଡ଼ା ଅଭିମୁଖେ ନେଉଥିଲା। ଲାଉଡି ଗ୍ରାମ ନିକଟରେ ଏକ ଘାଟି ଖସୁଥିବା ସମୟରେ ଗାଡିଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଓଲଟି ଯାଇଥିଲା। ହେଲ୍‌ପର ଜଣକ ଟ୍ରକ ତଳେ ଚାପି ହୋଇ ରହିଯାଇଥିଲା। ସୂଚନା ପାଇ ଥାନା ଅଧିକାରୀ ଚତୁର୍ଭୁଜ ନାୟକ ପହଞ୍ଚିଥିଲେ। ଦମକଳ ବାହିନୀ ଅଧିକାରୀ ହରେରାମ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀ ପହଞ୍ଚିଥିଲେ। ସ୍ଥାନୀୟ ଡ୍ରାଇଭର ସଂଘ ଏବଂ ପୁଲିସ ସହଯୋଗରେ ଗାଡ଼ି ତଳେ ଚାପି ହୋଇ ରହିଥିବା ହେଲ୍‌ପରକୁ ବାହାର କରିଥିଲେ। ଡ୍ରାଇଭରଙ୍କୁ ନିକଟସ୍ଥ ଆନ୍ଧ୍ରର ସାଲୁର ସହରକୁ ଚିକିତ୍ସା କରିବା ନିମନ୍ତେ ନେଇଥିବା ବେଳେ ମୃତଦେହଟିକୁ ବ୍ୟବଚ୍ଛେଦ କରିବାକୁ ନେଇଥିବା ଜଣାପଡିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ।

■ ଜିଲ୍ଲାସ୍ତରୀୟ 'ପରବ'ନାଟକ ପ୍ରତିଯୋଗିତା

## ୨ୟ ସଂଧ୍ୟାରେ ଦୁଇ ନାଟକ ପରିବେଷଣ

ଜୟପୁର,୩।୧୨(ସମିସ): କୋରାପୁଟ ଜିଲ୍ଲାରେ ରାଜ୍ୟସ୍ତରୀୟ ଲୋକମହୋତ୍ସବ "ପରବ' ଅବସରରେ ଜୟପୁର ଠାରେ ଜିଲ୍ଲାସ୍ତରୀୟ ନାଟକ ପ୍ରତିଯୋଗିତାର ୨ୟ ସଂଧ୍ୟାରେ ନାରାୟଣପାଟନା ବ୍ଲକର ରେବତୀ, ପଟାଙ୍ଗି ବ୍ଲକର ବାଲ୍ୟ ବିବାହର କରୁଣ କାହାଣୀ ଓ ବୈପାରିଗୁଡା ବ୍ଲକର ପୁସପୁନୀ ପରବ ନାଟକ ମଞ୍ଚସ୍ଥ ହୋଇଥିଲା। ଆଜିର ଏହି ଦ୍ୱିତୀୟ ସନ୍ଧ୍ୟାରେ ସ୍ଥାନୀୟ ଗୀତାଞ୍ଜଳି ମଣ୍ଡପଠାରେ ଆୟୋଜିତ ପ୍ରତିଯୋଗିତାରେ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା, ଓଡିଶୀ ନୃତ୍ୟଗୁରୁ ତଥା ସଂଗୀତ ନାଟକ ଏକାଡେମୀରେ ସମ୍ମାନିତ କାହ୍ନୁଚରଣ ପ୍ରଧାନ, ପ୍ରିୟାଥିଏଟର ଗ୍ରୁପ୍ ସଭାପତି ଦିଲ୍ଲୀପ ମହାପାତ୍ର, ସାମ୍ବାଦିକ ହୃଷିକେଶ ମିଶ୍ର ମଞ୍ଚାସିନ ଥିଲେ। ବିଚାରକ ଭାବେ ମୁରଲୀ ପଟ୍ଟନାୟକ,ଗୋପାଳ କୃଷ୍ଣ ସାମନ୍ତରାୟ, ଶିବ ରଥ ଯୋଗ ଦେଇଛନ୍ତି। ସାଂସ୍କୃତିକ ମହୋତ୍ସବ କମିଟିର କମଳାକାନ୍ତ ରଥ, ଗୁପ୍ତେଶ୍ୱର ପାଣିଗ୍ରାହୀ, ବରିଷ୍ଠ କଳାକାର ମହମ୍ମଦ ସରିଫ, ମଧୁସ୍ମିତା ମିଶ୍ର ପ୍ରମୁଖ ନାଟକ ପରିଚାଳନରେ ସହଯୋଗ କରିଥିଲେ।

# ବିଭିନ୍ନ ସ୍ଥାନରେ ଦିବ୍ୟାଙ୍ଗ ଦିବସ



କୁକୁଡାଖଣ୍ଡି



ଛତ୍ରପୁର

କୁକୁଡାଖଣ୍ଡି,୩।୧୨(ସମିସ):

କୁକୁଡାଖଣ୍ଡି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳନ ହୋଇଯାଇଛି। ବିଆର୍‌ଟିଏମ୍ ଡମ୍ବୁରୁଧର ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷକ ମନୋଜ ସେଠୀ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମହାପାତ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବସନ୍ତ ସେଠୀ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ପାଢ଼ୀ, ସିଆରସିସି ବିଶ୍ୱ ରଞ୍ଜନ ରଥ ସହ ଅନ୍ୟାନ୍ୟ ଅତିଥି ଗଣ ମଞ୍ଚାସୀନ ରହିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

■ ଧରାକୋଟ: ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବିଆରସିସି ସୌରୀ ଶଙ୍କର ବେହେରା, ସମ୍ମାନିତ ଅତିଥି ଭାବରେ ଏବିଇଓ ବିଭୁତି ଭୁଷଣ ପାତ୍ର, ଡାକ୍ତର ରୋହନ ପାତ୍ର, ସାମ୍ବାଦିକ ହୃଦାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବିଆରଟି ସୀତାକାନ୍ତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସିଆରସିସି ଗୌରୀ ଶଙ୍କର ଶତପଥୀ ସଂଯୋଜନା କରିଥିଲେ। ସିଆରସିସି କିରଣବାଳା ନାୟକ ଓ ଶର୍ମିଷ୍ଠା ପାତ୍ରଙ୍କ ସଂଯୋଜନାରେ ବରିଗୁଡା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।। ଉଦଯାପନୀ ଉତ୍ସବରେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ଭାବରେ ଏବିଡିଓ ସୁଶିଲ ପଟ୍ଟନାୟକ, ଅତିଥି ଭାବରେ ଏବିଇଓ ସୌରୀ ଶଙ୍କର ବେହେରା, ଏବିଇଓ ବିଭୁତି ଭୁଷଣ ପାତ୍ର, କାହ୍ନା ଚାରିଟେବୁଲ ଟ୍ରଷ୍ଟ ସଭାପତି ରଞ୍ଜନା ମିଶ୍ର, ସମ୍ପାଦକ ମୁରଲୀ ମୋହନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ। ଟ୍ରଷ୍ଟର ସଦସ୍ୟ ରବୀନ୍ଦ୍ର ନାଥ ମିଶ୍ର, ଅଶୋକ ମହାପାତ୍ର, ସୁଜାତା ମହାପାତ୍ର, ରାଗିଣୀ ସାହା, ରିତାଞ୍ଜଳି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବିଆରଟି ସୀତାକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

■ କୋଦଳା: ବେଗୁନିଆପଡା ସ୍ଥିତ ଜନତା ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଦିବସ ପାଳନ କରାଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ଜ୍ୟୋତିର୍ମୟୀ ନନ୍ଦ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୁର୍ଗା ପ୍ରସାଦ ପଣ୍ଡା, ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୀନକେତନ ମହାରଣା, ବିଆରଟି ପ୍ରଶାନ୍ତ କୁମାର ପ୍ରଧାନ ଯୋଗଦେଇ ଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ପ୍ରଭାତ କୁମାର ମିଶ୍ର ପରିଚାଳନା କରିଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

■ ରମ୍ଭା: ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସର ଲକ୍ଷ୍ୟ ଆଭିମୁଖ୍ୟ ସଂପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ପ୍ରଶିକ୍ଷକ ନବୀନ କୁମାର ପ୍ରମାଣିକ ସଂଯୋଜନା କରିଥିବା ବେଳେ ଛାତ୍ର ଗଜେନ୍ଦ୍ର ଭୂୟାଁ ଓ ଛାତ୍ରୀ ଚିନ୍ମୟୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଅଭିରାମ ବିଶ୍ୱାଳ, ବିଷ୍ଣୁ ନାରାୟଣ ଜେନା, ଶିକ୍ଷକ ପ୍ରଶିକ୍ଷିକା ଜୟନ୍ତୀ ବେହେରା, ଭାବିଲିତା ନାୟକ, ଗାୟତ୍ରୀ ସ୍ୱାଇଁ, ଶିକ୍ଷକ ପ୍ରଶିକ୍ଷକ ଜିତେନ୍ଦ୍ର କୁମାର ପଣ୍ଡା, ସୁକୁଲେଇ ଟୁଡୁ ଏବଂ ଆଇସିଟି ପ୍ରଶିକ୍ଷକ ମନୋରଞ୍ଜନ ବାରିକ୍ ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବିଚାରକ ମଣ୍ଡଳୀ ଭାବରେ ଶିକ୍ଷକ ପ୍ରଶିକ୍ଷିକା କଲ୍ୟାଣୀ କୁମାରୀ ଗୌଡ଼, ବବିତା ସିଂ ନାୟକ ଏବଂ ଶିକ୍ଷକ ପ୍ରଶିକ୍ଷକ ମୁକ୍ତିକାନ୍ତ ବେହେରା ଉପସ୍ଥିତ ଥିଲେ।

■ ଭଞ୍ଜନଗର: ଭଞ୍ଜନଗର ବ୍ଲକର ବିଭିନ୍ନ ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ମୋଟ ୩୫୬ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କୁ ନେଇ ବୁଧବାର ଏକ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ବ୍ଲକ ରୋଡ ପରିକ୍ରମା କରିବାସହ ବିଇଓଙ୍କ କାର୍ଯ୍ୟାଳୟ ରେ ପହଞ୍ଚିବାପରେ ସେଠାରେ ବିଇଓ ଲୋପମୁଦ୍ରା ରଥ ସମସ୍ତ ଦିବ୍ୟାଙ୍ଗ ଓ ସେମାନଙ୍କ ଅଭିଭାବକମାନଙ୍କୁ ଲଡୁ ବାଣ୍ଟି ସ୍ୱାଗତ କରିଥିଲେ। ବିଇଓ ଲୋପମୁଦ୍ରା ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସହକାରୀ ଉପଜିଲ୍ଲାପାଳ ପ୍ରଧାନ ତୁଲିଆମ୍ମା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ସୂର୍ଯ୍ୟ ନାୟକ, ଗଜେନ୍ଦ୍ର କୁମାର ସେଠୀ, ଚରଣ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ଗଙ୍ଗାଧର ପଣ୍ଡା ସଂଯୋଜନା କରିଥିବାବେଳେ ଅବିନାଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

■ ଛତ୍ରପୁର: ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ରାଲି ବାହାରି ସହର ପରିକ୍ରମା କରିଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଯୋଗଦେଇ ପତକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଜିଲ୍ଲା ପ୍ରଶାସନ ସବୁବେଳେ ଦିବ୍ୟାଙ୍ଗ ପାଇଁ ତତ୍ପର ରହିଛି, ସେମାନଙ୍କ ଯେଉଁଠି ବି ସୁବିଧା ଓ ସହାୟତା ଆବଶ୍ୟକ ପଡିବ ପ୍ରଶାସନତାଙ୍କ ସହ ସର୍ବଦା ରହିଛି ବୋଲି ଜିଲ୍ଲାପାଳ କହିଥିଲେ। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା ପରିଚାଳନା କରିଥିଲେ।

■ ବୁଗୁଡ଼ା: ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଏବିଇଓ କୃଷ୍ଣଚନ୍ଦ୍ର ବେହେରା ଉଦଘାଟନ କରିଥିଲେ। ଏସ୍‌ଓ ପ୍ରିୟଦର୍ଶୀ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏବିଡିଓ ଧର୍ମରାଜ ପରିଡା ଓ ସମ୍ମାନିତ ଅତିଥି ଭାବେ ବଳଦେବଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ମନୋଜ କୁମାର ସ୍ୱାଇଁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ଡାକୁଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ପରିଚାଳନାରେ ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ସୋନାଲିନ୍ ପଣ୍ଡାଙ୍କ ସମେତ ସମସ୍ତ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ଏବଂ ସିଆରସିସି ସହଯୋଗ କରିଥିଲେ।

■ ଆସିକା: ଆସିକା ବାଳିକା ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସଂଯୋଜନାରେ ଆସିକା ତହସିଲଦାର ସଂଗୀତା ସେନ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ କୁମାରୀ ପାତ୍ର, ଏବିଇଓ ଭଞ୍ଜ ବେହେରା, ଶିବରାମ ବେହେରା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀମାନେ ଉପସ୍ଥିତ ଥିଲେ।

■ ଦିଗପହଣ୍ଡି: ଦିଗପହଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ପିଏମ୍ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ଅବସରରେ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ଼. ଶଙ୍କର ନାରାୟଣ ବେଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି ଇସକଫ୍ ରାଜ୍ୟ ସାଧାରଣ ସମ୍ପାଦକ ହରପ୍ରସାଦ ରଥ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସେହିଭଳି ଏବିଇଓ ବାଳା ମାଝୀ, ବିଶ୍ୱବା ପାଇକ, ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଇ. ଗଣେଶ ପାତ୍ର, ଏନପିଏସ ଶିକ୍ଷକ ସଂଘ ସଭାପତି ରାଜେନ୍ଦ୍ର ଗୌଡ଼, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମା ଶଙ୍କର ସାହୁ, ସିଆରସିସି ଅନିଲ କୁମାର ଦାସଙ୍କ ସମେତ ଅନ୍ୟାନ୍ୟ ସିଆରସିସି ବୃନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

୫ମ ସୁନକ୍ଷତ୍ର



# ମିଥ୍ୟା ଖବର ଗଣତନ୍ତ୍ର ପାଇଁ ବିପଦ: ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): ମିଥ୍ୟା ଖବର ଓ ଡିପ୍‌ଫେକ ଗଣତନ୍ତ୍ର ପାଇଁ ବଡ଼ ବିପଦ ସୃଷ୍ଟି କରୁଛି। ବୁଧବାର ଲୋକସଭାରେ ଏ କଥା କହିଛନ୍ତି କେନ୍ଦ୍ର ଇଲେକଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭୁଲ ସୂଚନା ଓ ଆର୍ଟିଫିସିଆଲ ଜେନେରେଟେଡ ଡିପ୍‌ଫେକ ଯୋଗୁଁ ହିଁ ଗଣତନ୍ତ୍ର କ୍ଷତିଗ୍ରସ୍ତ ହେଉଛି। ତେଣୁ ଏହା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। କିଛି ଲୋକ ଓ ଗ୍ରୁପ୍ ସାମାଜିକ ଗଣମାଧ୍ୟମକୁ ନିଜ ଇଛା ଅନୁଯାୟୀ ବ୍ୟବହାର କରୁଛନ୍ତି। ସେମାନେ ଦେଶର ସମ୍ବିଧାନ କିମ୍ବା ସଂସଦ ଦ୍ୱାରା ପ୍ରଣୟନ ହୋଇଥିବା ଆଇନକୁ ପାଳନ କରିବାକୁ ଚାହାନ୍ତି ନାହିଁ ବୋଲି ମନେ ହେଉଛି। ଏହାକୁ ରୋକିବା ପାଇଁ ଓ ଏଭଳି ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଡ଼ା ଆଇନ୍ ଆଣିବା ଜରୁରୀ ବୋଲି ସେ ଲୋକସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି। ଏ ନେଇ କିଛି ଦିନ ତଳେ ନୂଆ ନିୟମ ଲାଗୁ କରାଯାଇଛି। ଏଥିରେ ୩୬ ଘଣ୍ଟା ମଧ୍ୟରେ ଭିଡିଓ ହଟାଇବାର ନିୟମ ରହିଛି। ଏଆଇ ଦ୍ୱାରା ସୃଷ୍ଟି ହେଉଥିବା ଡିପ୍‌ଫେକ୍‌ର ଚିହ୍ନଟ କରିବା ଓ ଏହା ଉପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏକ କାର୍ଯ୍ୟ ଖସଡ଼ା ମଧ୍ୟ ଜାରି କରାଯାଇଛି। ତେବେ ଏ ନେଇ ବିଚାର ବିମର୍ଶ ଜାରି ରହିଛି ବୋଲି ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

# ଗର୍ଭବତୀ ମହିଳାଙ୍କୁ ଭାରତ ଫେରାଇ ଆଣିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ର ସରକାରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ବାଂଲାଦେଶକୁ ପଠାଯାଇଥିବା ୯ ମାସର ଗର୍ଭବତୀ ସୋନାଲି ଖାତୁନ୍ ଓ ତାଙ୍କ ୮ ବର୍ଷର ପିଲାକୁ ପୁଣି ଭାରତକୁ ଫେରାଇ ଆଣିବାକୁ ସୁପ୍ରିମକୋର୍ଟ କହିଛନ୍ତି। ବେଳେବେଳେ ମାନବିକତା ଆଗରେ ଆଇନକୁ ମଧ୍ୟ ନଇଁବାକୁ ହୁଏ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟା ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି। ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କ ତରଫରୁ ସିଲିସିଟର ଜେନେରାଲ ତୁଷାର ମେହେଟା କୋର୍ଟକୁ କହିଥିଲେ ଯେ, ସରକାର ସୋନାଲି ଓ ତାଙ୍କ ପୁଅଙ୍କୁ ଭାରତକୁ ଆସିବାକୁ ଦେବେ। ମାନବିକତାକୁ ଭିତ୍ତିକରି ଏହି ଅନୁମତି ଦିଆଯିବ। କିନ୍ତୁ ନାଗରିକତା ସହ ଜଡିତ ମାମଲାରେ ସରକାରଙ୍କ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ଆସିବ ନାହିଁ। ଉଲ୍ଲେଖଥାଉ କି, ବାଂଲାଦେଶୀ ହେବା କାରଣରୁ ସୋନାଲି ଓ ତାଙ୍କ ପରିବାରର ୫ ସଦସ୍ୟଙ୍କୁ ଗତ ଜୁନ୍‌ରେ ଦିଲ୍ଲୀରେ ଗିରଫ କରାଯାଇଥିଲା। ପରେ ଜୁନ୍ ୨୭ରେ ଏହି ପରିବାରକୁ ବାଂଲାଦେଶକୁ ପଠାଇ ଦିଆଯାଇଥିଲା। ଏବେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୦ରେ ହେବ।

# ନିଜଠାରୁ ଅଧିକ ସୁନ୍ଦର ଦିଶିବାରୁ ୪ ପିଲାଙ୍କୁ ବୁଡ଼ାଇ ମାରିଲେ ମହିଳା


ପାନିପତ, ୩।୧୨(ଏଜେନ୍ସି): ହରିୟାଣା ପାନିପତର ପୁନମ ଚକିତ କଲା ଭଳି କାଣ୍ଡ ଘଟାଇଛନ୍ତି। ଦେଖିବାକୁ ତାଙ୍କଠାରୁ ଅଧିକ ସୁନ୍ଦର ହୋଇଥିବାରୁ ଇର୍ଷାନ୍ୱିତ ହୋଇ ସେ ୩ ଜଣ ଝିଅଙ୍କ ସହ ୪ ପିଲାଙ୍କୁ ହତ୍ୟା କରିଛନ୍ତି। ଏମାନଙ୍କ ମଧ୍ୟରେ ତାଙ୍କ ପୁଅ ଓ ଝିଆରୀ ମଧ୍ୟ ସାମିଲ ଅଛନ୍ତି। ପାନିପତ ପୁଲିସ୍ ବୁଧବାର ପୁନମକୁ ଗିରଫ କରିଛି। ନିଜଠାରୁ ଅଧିକ ସୁନ୍ଦର ହୋଇଥିବା ଝିଅମାନଙ୍କୁ ମହିଳା ଜଣକ ଟାର୍ଗେଟ କରୁଥିଲେ। ଏହି ୪ଜଣ ପିଲାଙ୍କ ମୃତ୍ୟୁର କାରଣ ସମାନ ହୋଇଥିଲା। ତେଣୁ ଲୋକଙ୍କ ମନରେ ପୁନମ ପ୍ରତି ସନ୍ଦେହ ସୃଷ୍ଟି ହୋଇଥିଲା। ସବୁ ପିଲାଙ୍କୁ ସେ ଭିନ୍ନ ଭିନ୍ନ ସମୟରେ ପାଣି ଟବ୍‌ରେ ବୁଡାଇ ମାରୁଥିଲା। ପ୍ରତ୍ୟେକ ପିଲାଙ୍କ ମୃତ୍ୟୁ ଘଟଣାକୁ ଦୁର୍ଘଟଣା ରୂପ ଦେବାକୁ ପ୍ରୟାସ କରୁଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ପିଲାଙ୍କୁ ମାରିବା ପରେ ସେ ଖୁସି ମନାଉଥିଲେ। ତେବେ ଶେଷ ପିଲାର ମୃତ୍ୟୁ ହେବାର ୩୬ ଘଣ୍ଟା ମଧ୍ୟରେ ମାମଲାର ପର୍ଦ୍ଦାଫାସ ହୋଇଥିଲା। ସମ୍ପୃକ୍ତ ମହିଳା ନିଜ ଦୋଷ ସ୍ୱୀକାର କରିଛି। ୨୦୨୩ରେ ସେ ନିଜ ପୁଅକୁ ମଧ୍ୟ ସମାନ ଢଙ୍ଗରେ ହତ୍ୟା କରିଥିଲା।

# ସୋନିଆ ଗାନ୍ଧୀ ନାମଥିବା ମହିଳାଙ୍କୁ ପ୍ରାର୍ଥୀ କଲା ବିଜେପି

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): କେରଳର ମୁନ୍ନାର ଜିଲ୍ଲାର ନଗର ନିଗମ ନିର୍ବାଚନ ସାରା ଦେଶରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ବିଜେପି ନାଥାଥାନ୍ନି ୱାର୍ଡରେ ସୋନିଆ ଗାନ୍ଧୀ ନାମରେ ଜଣେ ମହିଳାଙ୍କୁ ଟିକଟ୍ ଦେବା ପରେ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କଂଗ୍ରେସ ବରିଷ୍ଠ ନେତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପତ୍ନୀ ସୋନିଆଙ୍କ ସହ ତାଙ୍କ ନାମ ସମାନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ତେବେ ଦୁହିଁଙ୍କ ମଧ୍ୟରେ କୌଣସି ସମ୍ପର୍କ ନାହିଁ। ୩୪ ବର୍ଷୀୟ ସୋନିଆ ଗାନ୍ଧୀ ମୁନ୍ନାରରେ ରୁହନ୍ତି। କଂଗ୍ରେସ ନେତା ସୋନିଆ ଗାନ୍ଧୀଙ୍କ ଦ୍ୱାରା ପ୍ରଭାବିତ ହୋଇ ବାପା ଦୁରେ ରାଜ୍ ଝିଅର ଏହି ନାମ ରଖିଥିଲେ। ପରେ ବିଜେପି ନେତା ସୁବାସଙ୍କ ସହ ସେ ଝିଅର ବିବାହ କରାଇଥିଲେ। ଏବେ ସୁବାସ ତାଙ୍କୁ ବିଜେପି ଟିକଟ୍‌ରୁ ନିର୍ବାଚନ ଲଢ଼ିବାର ବ୍ୟବସ୍ଥା କରାଇଛନ୍ତି।

### ବାଂଲାଦେଶ ସୀମାରୁ ଚୋରା ଚାଲାଣକାରୀ ଗିରଫ
# ୩ କୋଟିର ସୁନା ବିସ୍କୁଟ ଜବତ

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): ପଶ୍ଚିମବଙ୍ଗ ନଦିଆ ଜିଲ୍ଲାରେଭାରତ ଓ ବାଂଲାଦେଶ ସୀମା ନିକଟରୁ ବିଏସ୍‌ଏଫ୍ ଜଣେ ଚୋରା ଚାଲାଣକାରୀକୁ ଗିରଫ କରିଛି। ଏହି ବାଂଲାଦେଶୀ ପାଖରୁ ୩.୦୫ କୋଟି ଟଙ୍କାର ସୁନା ବିସ୍କୁଟ୍ ଜବତ କରାଯାଇଛି। ଦୁଇଜଣ ଚୋରା ଚାଲାଣକାରୀଙ୍କ ବିଷୟରେ ଗୁଇନ୍ଦା ସୂଚନା ମିଳିଥିଲା। ଉଭୟେ ଭାରତକୁ ଆସୁଥିବା ଦେଖାଯାଇଥିଲା। ଜଣେ ଧରା ପଡ଼ିଥିବାବେଳେ ଆଉ ଜଣେ ଦୌଡ଼ି ପଳାଇଥିଲା। ଧରାଯାଇଥିବା ଠକଠାରୁ ୨୦ଟି ସୁନା ବିସ୍କୁଟ୍ ଜବତ କରାଯାଇଛି ଓ ଏଗୁଡିକର ମୋଟ ଓଜନ ୨.୩୫ କେଜି ବୋଲି ଜଣାଯାଇଛି।



# ୟୁରୋପକୁ ପୁଟିନଙ୍କ ଧମକ

## ଯୁଦ୍ଧ ପାଇଁ ପ୍ରସ୍ତୁତ, ସେମାନଙ୍କ ପରାଜୟ ନିଶ୍ଚିତ

ମସ୍କୋ, ୩।୧୨(ଏଜେନ୍ସି): ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୟୁରୋପୀୟ ଦେଶଗୁଡିକୁ କଡ଼ା ଚେତାବନୀ ଦେଇଛନ୍ତି। ଯଦି ୟୁରୋପ ଯୁଦ୍ଧ ଆରମ୍ଭ କରେ, ତେବେ ରୁଷ୍ ଏହାର କଡ଼ା ଜବାବ ଦେବ ବୋଲି ସେ କହିଛନ୍ତି। କିନ୍ତୁ ରୁଷ୍ ୟୁରୋପ ସହ ଯୁଦ୍ଧ ଚାହୁଁ ନ ଥିବା ପୁଟିନ ସ୍ପଷ୍ଟ କରିଛନ୍ତି। ଯଦି ୟୁରୋପ ଯୁଦ୍ଧ ଆରମ୍ଭ କରେ ତେବେ ମାମଲା ଏତେ ଶେଷ ହୋଇଯିବ ଯେ ଶାନ୍ତି ଚୁକ୍ତି ପାଇଁ କଥା ହେବାକୁ ବି କେହି ବଞ୍ଚିବେ ନାହିଁ। ପୁଟିନ କହିଛନ୍ତି ଯେ ରୁଷିଆ ସମ୍ପୂର୍ଣ୍ଣ କ୍ଷମତାର ସହ ୟୁକ୍ରେନରେ ଯୁଦ୍ଧ ଲଢୁନାହିଁ। ଏହି ଯୁଦ୍ଧ କେବଳ ସର୍ଜିକାଲ ଅପରେସନରେ ସୀମିତ ରହିଛି। ଯଦି ୟୁରୋପ ସହ ଯୁଦ୍ଧ ହୁଏ, ତେବେ ସମ୍ପୂର୍ଣ୍ଣ ସାମର୍ଥ୍ୟ ସହ ରୁଷ ଲଢ଼ି ଦୃଢ଼ ଜବାବ ଦେବ।

ସୂଚନାଯୋଗ୍ୟ ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁକ୍ରେନ ସହ ସବୁଠାରୁ ଦୀର୍ଘ ଯୁଦ୍ଧରେ ରୁଷ ଲଢ଼େଇ କରୁଛି। ଏହା ପୂର୍ବରୁ ୨୦୨୯ ସୁଦ୍ଧା ରୁଷିଆ ନାଟୋ ଉପରେ ଅକ୍ରମଣ କରିପାରେ ବୋଲି ଜର୍ମାନୀ ବିଦେଶ ମନ୍ତ୍ରୀ ଯୋହାନ ବେଡଫୁଲ୍ କହି ହଇଚଇ ସୃଷ୍ଟି କରିଥିଲେ। ତେବେ ୟୁରୋପ ଉପରେ ରୁଷିଆ କେବେ ବି ଆକ୍ରମଣ କରିବ ନାହିଁ ବୋଲି ସେତେବେଳେ ପୁଟିନ କହିଥିଲେ।

■ ଶାନ୍ତି ଚୁକ୍ତି ପାଇଁ କେହି ବଞ୍ଚିବେ ନାହିଁ
■ ୟୁକ୍ରେନ ଯୁଦ୍ଧ ନେଇ ଟ୍ରମ୍ପଙ୍କ ଜ୍ୱାଇଁଙ୍କ ସହ ପୁଟିନଙ୍କ ବୈଠକ

ଇତିମଧ୍ୟରେ ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିଭ ୱିଟ୍‌କଫ୍ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜ୍ୱାଇଁ ଜାରେଡ୍ କୁଶନେର ୟୁକ୍ରେନ ଯୁଦ୍ଧକୁ ନେଇ ରୁଷ ରାଷ୍ଟ୍ରପତିଙ୍କ ସହ ୫ ଘଣ୍ଟା ଧରି ବୈଠକ କରିଛନ୍ତି। ତେବେ ଦୁଇ ପକ୍ଷ କୌଣସି ନିଷ୍କର୍ଷରେ ପହଞ୍ଚି ପାରିନାହାନ୍ତି। ତେବେ ଏହି ଆଲୋଚନା ଫଳପ୍ରଦ ଥିଲା ବୋଲି ପୁଟିନଙ୍କ ବୈଦେଶିକ ନୀତି ଉପଦେଷ୍ଟା ୟୁରୀ ଉଶାକୋଭ୍ କହିଛନ୍ତି। କିନ୍ତୁ ସହମତି ହେବାଭଳି କୌଣସି ପ୍ରସ୍ତାବ ଏପର୍ଯ୍ୟନ୍ତ ଆସିନାହିଁ ବୋଲି ସେ ସୂଚନା ଦେଇଛନ୍ତି। ଯେପର୍ଯ୍ୟନ୍ତ ୟୁକ୍ରେନ ରୁଷିଆର ଡୋନବାସ ଅଞ୍ଚଳ ହସ୍ତାନ୍ତର ନ କରିଛି, ସେ ପର୍ଯ୍ୟନ୍ତ କୌଣସି ଚୁକ୍ତି ହେବ ନାହିଁ ବୋଲି ପୁଟିନ ସ୍ପଷ୍ଟ କରିଛନ୍ତି। ତେବେ ଆମେରିକା ଦେଇଥିବା ଶାନ୍ତି ପ୍ରସ୍ତାବର କିଛି ଅଂଶ ଉପରେ ପୁଟିନ ସହମତି ପ୍ରକାଶ କରିଛନ୍ତି। କିନ୍ତୁ ଅନ୍ୟ କେତୋଟି ପ୍ରସ୍ତାବ ନେଇ ପୁଟିନ ଅସହମତି ଅଛନ୍ତି। ଏବେ କିଛି ପ୍ରସଙ୍ଗ ନେଇ କାର୍ଯ୍ୟ କରିବାର ଆବଶ୍ୟକତା ଅଛି ବୋଲି ସେ କହିଛନ୍ତି। ଅନ୍ୟପଟେ ଏପର୍ଯ୍ୟନ୍ତ ଟ୍ରମ୍ପ ଓ ପୁଟିନଙ୍କ ମଧ୍ୟରେ ନୂଆ ବୈଠକ ନେଇ କୌଣସି କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇନାହିଁ ବୋଲି ଉଶକୋଭ କହିଛନ୍ତି। ଏହି ପ୍ରସ୍ତାବିତ ନୂଆ ବୈଠକ ଶାନ୍ତି ଯୋଜନାର ପ୍ରଗତି ଉପରେ ନିର୍ଭର କରୁଛି ବୋଲି ସେ କହିଛନ୍ତି। ଅବଶ୍ୟ ପୂର୍ବରୁ ଆମେ ଯୁଦ୍ଧ ଚାହୁଁନାହୁଁ ବୋଲି ପୁଟିନ କହିଥିଲେ।

# ଇଣ୍ଡିଗୋ ବିମାନ ବିଭ୍ରାଟ

## ଦେଶବ୍ୟାପୀ ୧୨୩୨ ବିମାନ ସେବା ବାତିଲ

ନୂଆଦିଲ୍ଲୀ, ୩।୧୨ (ଏଜେନ୍ସି): ଭାରତରେ ବିମାନ ଚଳାଚଳରେ ବୁଧବାର ବଡ଼ ସମସ୍ୟା ଦେଖା ଦେଇଛି। ଦେଶର ଅନେକ ବିମାନବନ୍ଦରରେ ଇଣ୍ଡିଗୋ ବିମାନ ଉଡ଼ାଣ ପ୍ରଭାବିତ ହୋଇଛି। କାରଣ ଏହି ଏୟାରଲାଇନ ଭୟଙ୍କର ପରିଚାଳନା ଗତ ସମସ୍ୟାର ସମ୍ମୁଖୀନ ହୋଇଛି। ଚାଳକ ଦଳର କର୍ମଚାରୀ ଅଭାବ ଏବଂ ବୈଷୟିକ ତ୍ରୁଟି ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏହି କାରଣରୁ ଆଜି କେବଳ ଦୁଇ ଶହରୁ ଅଧିକ ଉଡ଼ାଣ ବାତିଲ କରିଦିଆଯାଇଛି। ଅନେକ ବିମାନ ବିଳମ୍ବରେ ମଧ୍ୟ ଉଡ଼ାଣ ଆରମ୍ଭ କରିଛି। ଇଣ୍ଡିଗୋ ୱେବସାଇଟ ଅନୁଯାୟୀ, ଏହି ଏୟାରଲାଇନ ଭାରତରେ ଦିନକୁ ୨୨୦୦ ଉଡ଼ାଣ ପରିଚାଳନା କରୁଛି। ତେବେ ସମୟାନୁବର୍ତ୍ତିତାରେ ଇଣ୍ଡିଗୋର ପ୍ରଦର୍ଶନ ଭଲ ନାହିଁ। ମାତ୍ର ୩୫ ପ୍ରତିଶତ ବିମାନ ଠିକ୍ ସମୟରେ ଉଡ଼ାଣ କରୁଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।

ଏଥିଯୋଗୁଁ ମଙ୍ଗଳବାର ୧୪୦୦ ବିମାନ ଉଡ଼ାଣ ବିଳମ୍ବିତ ହୋଇଥିଲା। ଗତ ମାସରେ ମୋଟ ୧୨୩୨ ବିମାନ ବାତିଲ କରିଦିଆଯାଇଛି ବୋଲି ଇଣ୍ଡିଗୋ ପକ୍ଷରୁ ଡିଜିସିଏକୁ ସୂଚନା ଦିଆଯାଇଛି। ଏହି ସମସ୍ୟା ସମ୍ବନ୍ଧରେ ଏୟାରଲାଇନକୁ ବିସ୍ତୃତ ବିବରଣୀ ମଗାଯାଇଛି। ଦୁଇ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି କମ୍ପାନୀ କହିଛି। ସୂଚନା ଅନୁଯାୟୀ, ଆଜି ଅପରାହ୍ଣ ସୁଦ୍ଧା ଦିଲ୍ଲୀ, ମୁମ୍ବଇ, ବେଙ୍ଗାଲୁରୁ ଏବଂ ହାଇଦରାବାଦ ଭଳି ବିମାନବନ୍ଦରରେ ଏଭଳି ସମସ୍ୟା ହୋଇଛି। ଏହାକୁ ନେଇ ଯାତ୍ରୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

### କର୍ମଚାରୀ ଅଭାବ ଓ ବୈଷୟିକ ତ୍ରୁଟି





ପୂର୍ବରୁ ପାଇଲଟ ଏବଂ ଅନ୍ୟ କର୍ମଚାରୀଙ୍କୁ ଡବଲ ଡ୍ୟୁଟିରେ କାର୍ଯ୍ୟ କରିବାକୁ ଇଣ୍ଡିଗୋ କହୁଥିଲା। ମାତ୍ର ଗତ ମାସରେ ସରକାର ନିୟମକୁ କଡ଼ାକଡ଼ କରିଦେଇଥିଲେ। ଫ୍ଲାଇଟ ଡ୍ୟୁଟି ଟାଇମ ଲିମିଟେସନ (ଏଫଡିଟିଏଲ) ନିୟମ ପରିବର୍ତ୍ତନ କରି କର୍ମଚାରୀଙ୍କୁ ଦିନକୁ ୮ ଘଣ୍ଟା, ସପ୍ତାହକୁ ୩୫ ଘଣ୍ଟା, ମାସକୁ ୧୨୫ ଘଣ୍ଟା ଏବଂ ବର୍ଷକୁ ହଜାରେ ଘଣ୍ଟାରୁଅଧିକ ସମୟ କାମ ନ କରାଇବାକୁ କେନ୍ଦ୍ର କହିଥିଲା। ନୂଆ ନିୟମରେ ଦିନକୁ ୧୦ ଘଣ୍ଟା ବିଶ୍ରାମ ଏବଂ ହ୍ୟୁମାନ ରୋଷ୍ଟର (ପାଳିରେ ଦାୟିତ୍ୱ) ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ଏହି ନିୟମ ଇଣ୍ଡିଗୋ ପାଇଁ ଘୋର ସମସ୍ୟା ସୃଷ୍ଟି କରିଛି।

# ଓହରିଲେ ସରକାର; 'ସଂଚାର ସାଥୀ' ବାଧ୍ୟତାମୂଳକ ନୁହେଁ

ନୂଆଦିଲ୍ଲୀ, ୩।୧୨ (ଏଜେନ୍ସି): ବିରୋଧୀଙ୍କ ତୀବ୍ର ବିରୋଧ ପରେ କେନ୍ଦ୍ର ସରକାର ପଛଘୁଞ୍ଚା ଦେଇଛନ୍ତି। ମୋବାଇଲ ଫୋନ୍‌ରେ 'ସଞ୍ଚାର ସାଥୀ' ଆପ୍ଲିକେସନକୁ ପ୍ରି-ଇନ୍‌ଷ୍ଟଲ କରିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରି ନେଇଛନ୍ତି। ତେବେ ଏଥିପାଇଁ ଟେଲିକମ୍ ବିଭାଗ ଭିନ୍ନ ତଥ୍ୟ ଦେଇଛି। 'ସଞ୍ଚାର ସାଥୀ' ଆପ୍‌ର ବର୍ଦ୍ଧିତ ଲୋକପ୍ରିୟତାକୁ ଦେଖି ପ୍ରି-ଇନଷ୍ଟଲ ପାଇଁ ମୋବାଇଲ ନିର୍ମାତା କମ୍ପାନୀଙ୍କୁ ଦିଆଯାଇଥିବା ବାଧ୍ୟତାମୂଳକ ନିର୍ଦ୍ଦେଶକୁ ପ୍ରତ୍ୟାହାର କରିନିଆଯାଇଥିବା କୁହାଯାଇଛି। ଟେଲିକମ୍ ବିଭାଗର ସୂଚନା ଅନୁଯାୟୀ, ବୁଧବାର ଦ୍ୱିପହର ୧୨ଟା ସୁଦ୍ଧା ଆପ୍‌କୁ ୧.୪୦ କୋଟି ଥର ଡାଉନଲୋଡ କରାଗଲାଣି। ଦୁଇ ଦିନରେ ନିଜ ଇଚ୍ଛାରେ ଆପ୍ ଇନ୍‌ଷ୍ଟଲ କରିଥିବା ଲୋକଙ୍କ ସଂଖ୍ୟା ୧୦ ଗୁଣ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଦୂରସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ବୁଧବାର ଲୋକସଭାରେ କହିଛନ୍ତି ଯେ 'ସଞ୍ଚାର ସାଥୀ' ଆପ୍‌ରେ ଗୁଇନ୍ଦାଗିରି କରିବା ସମ୍ଭବ ନୁହେଁ କିମ୍ବା ଏପରି ହିଁ କରାଯିବ ନାହିଁ। କଂଗ୍ରେସ ନେତା ଦୀପେନ୍ଦ୍ର ହୁଡ୍ଡାଙ୍କ ପ୍ରଶ୍ନର ଉତ୍ତରରେ ସିନ୍ଧିଆ କହିଥିଲେ ଯେ ମତାମତ ଆଧାରରେ ଆପ୍ ଇନ୍‌ଷ୍ଟଲ କରିବାର ନିର୍ଦ୍ଦେଶକୁ ମନ୍ତ୍ରାଳୟ ବଦଳାଇ ଦେଇଛି। ସୂଚନାଯୋଗ୍ୟ ଯେ ଗତ ୨୮ ତାରିଖରେ 'ସଞ୍ଚାର ସାଥୀ'କୁ ନେଇ ବିବାଦ ଆରମ୍ଭ ହୋଇଥିଲା। ଏହି ଦିନ ଦୂରସଞ୍ଚାର ବିଭାଗ ମୋବାଇଲ ନିର୍ମାତା କମ୍ପାନୀଙ୍କ ପାଇଁ ଏକ ନିର୍ଦ୍ଦେଶ ଜାରି କରିଥିଲା। ଏଥିରେ ଉକ୍ତ ଆପ୍‌କୁ ମୋବାଇଲଗୁଡ଼ିକରେ ପ୍ରି-ଇନଷ୍ଟଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନୂଆ ସହିତ ପୁରୁଣା ଫୋନ୍‌ରେ ସଫ୍ଟୱେର ଇନ୍‌ଷ୍ଟଲ ମାଧ୍ୟମରେ ଆପ୍ ଇନଷ୍ଟଲକୁ ବାଧ୍ୟତାମୂଳକ କରିଦିଆଯାଇଥିଲା।

# ଦିଲ୍ଲୀ ବିଷାକ୍ତ: ୩ ବର୍ଷରେ ୨ ଲକ୍ଷ ଶ୍ୱାସରୋଗୀ

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉତ୍କଟ ସମସ୍ୟା ସୃଷ୍ଟି କରିଛି। ଏହା ଲୋକଙ୍କୁ ମୃତ୍ୟୁମୁଖରେ ପକାଇ ଦେଉଛି। ସରକାରୀ ପରିସଂଖ୍ୟାନ ଅନୁସାରେ ଗତ ୩ ବର୍ଷ ମଧ୍ୟରେ ଏହି ସମସ୍ୟା ଗମ୍ଭୀର ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି। ଏହି ଅବଧି ମଧ୍ୟରେ ଦିଲ୍ଲୀର ୬ଟି ବଡ଼ ହସ୍ପିଟାଲରେ ୨ ଲକ୍ଷରୁ ଅଧିକ ରୋଗୀ ଭର୍ତ୍ତି ହୋଇଛନ୍ତି ବୋଲି ଜଣା ପଡ଼ିଛି। ଏବେ ସଂସଦରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦିଲ୍ଲୀରେ ବିଷାକ୍ତ ବାୟୁ ସଙ୍କଟ ଉପରେ ନୂଆ ତଥ୍ୟ ଉପସ୍ଥାପନ କରିଛନ୍ତି। ଦିଲ୍ଲୀର ୬ଟି ପ୍ରମୁଖ କେନ୍ଦ୍ରୀୟ ସରକାରୀ ଚିକିତ୍ସାଳୟରେ ୨୦୨୨ରୁ ୨୦୨୪ ମଧ୍ୟରେ ଜରୁରୀକାଳୀନ ବିଭାଗରେ ୨, ୦୪, ୭୫୮ ତୀବ୍ର ଶ୍ୱାସକ୍ରିୟା ରୋଗ (ଏଆରଆଇ) ମାମଲା ରେକର୍ଡ କରାଯାଇଛି। ଏହି ୬ଟି ହସ୍ପିଟାଲ ହେଲା ଏମ୍ସ, ସଫଦରଜଙ୍ଗ, ଏଲ୍‌ଏଚ୍‌ଏମ୍‌ସି ଗ୍ରୁପ୍, ଆରଏମ୍‌ଏଲ, ଏନ୍‌ଆଇଟିଆର୍‌ଡି ଓ ଭିପିସିଆ। ଏଥିମଧ୍ୟରୁ ୧୫ ପ୍ରତିଶତ ଅର୍ଥାତ ୩୦, ୪୨୦ ରୋଗୀ ହସ୍ପିଟାଲରେ ନିହାତି ଭର୍ତ୍ତି ହେବା ଆବଶ୍ୟକ ବୋଲି କୁହାଯାଇଛି। ଏହା ଦିଲ୍ଲୀର ସୃଷ୍ଟି ହୋଇଥିବା ଗୁରୁତର ସ୍ୱାସ୍ଥ୍ୟ ସଙ୍କଟକୁ ସୂଚିତ କରୁଛି। ରାଜ୍ୟସଭାରେ ମନୋନୀତ ସାଂସଦ ବିକ୍ରମଜିତ୍ ସିଂ ସାହାଣୀଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ପ୍ରତାପରାଓ ଯାଦବ ଏହି ତଥ୍ୟ ଦେଇଛନ୍ତି। ଦିଲ୍ଲୀରେ ବାୟୁ ପ୍ରଦୂଷଣ ଯୋଗୁଁ ଶ୍ୱାସ ସମ୍ପର୍କିତ ରୋଗ ବୃଦ୍ଧି ପାଇଛି ବୋଲି ସରକାର ସ୍ୱୀକାର କରିଛନ୍ତି। ଅବଶ୍ୟ ସରକାର କେବଳ ପ୍ରଦୂଷଣ ପାଇଁ ଏହା ହେଉ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଖାଦ୍ୟ, ପାନୀୟ, ସାମାଜିକ ଓ ଆର୍ଥିକ ସ୍ଥିତି କାରଣରୁ ମଧ୍ୟ ଏହିଭଳି ସ୍ଥିତି ଉପୁଜୁଛି ବୋଲି ସରକାର କହିଛନ୍ତି। ବିଭିନ୍ନ ସହରରେ ବାୟୁ ପ୍ରଦୂଷଣ ବଢ଼ିବା କାରଣରୁ ହାସ୍ପିଟାଲଗୁଡିକରେ ଜରୁରୀକାଳୀନ ଶ୍ୱାସ ସମ୍ପର୍କିତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି ବୋଲି ଆଇସିଏମ୍‌ଆର୍ ପକ୍ଷରୁ କରାଯାଇଥିବା ସର୍ଭେରୁ ଜଣାପଡ଼ିଛି। ଏହି ସର୍ଭେରେ ୩୩୦୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ନେଇ ଅଧ୍ୟୟନ କରାଯାଇଥିଲା। ଏଥରେ ପ୍ରଦୂଷିତ ବାୟୁ ଓ ଶ୍ୱାସ ସମ୍ପର୍କିତ ରୋଗ ସିଧାସଳଖ ସମ୍ପର୍କ ଥିବା ଜଣାପଡ଼ିଛି।

# ୩୨ ହଜାର ଶିକ୍ଷକଙ୍କ ଚାକିରି ଯିବନି: କଲିକତା ହାଇକୋର୍ଟ

କୋଲକାତା, ୩।୧୨(ଏଜେନ୍ସି): ପଶ୍ଚିମବଙ୍ଗରେ ଏବେ ୩୨, ୦୦୦ ପ୍ରାଥମିକ ଶିକ୍ଷକଙ୍କ ଚାକିରି ଯିବନାହିଁ ବୋଲି ନିଶ୍ଚିତ ହୋଇଛି। କଲକାତା ହାଇକୋର୍ଟର ଏକ ଡିଭିଜନ ଖଣ୍ଡପୀଠ ବୁଧବାର ୨୦୨୩ର ନିଷ୍ପତ୍ତିକୁ ବଦଳାଇଛନ୍ତି। ଜଷ୍ଟିସ୍ ତପବ୍ରତ ଚକ୍ରବର୍ତ୍ତୀ ଓ ରୀତାବ୍ରତ କୁମାର ମିତ୍ରଙ୍କ ଖଣ୍ଡପୀଠ ଏ ନେଇ ନୂଆ ନିର୍ଦ୍ଦେଶ ଦେଇଛନ୍ତି। ୯ ବର୍ଷ ପରେ ଚାକିରିରୁ ହଟାଇବା ଫଳରେ ପ୍ରାଥମିକ ଶିକ୍ଷକ ଓ ତାଙ୍କ ପରିବାର ଉପରେ ବଡ଼ ନକରାତ୍ମକ ପ୍ରଭାବ ପଡ଼ିବ ବୋଲି ଖଣ୍ଡପୀଠ କହିଛନ୍ତି। ଉଲ୍ଲେଖଥାଉ କି, ୨୦୨୩ରେ ଜଷ୍ଟିସ ଅଭିଜିତ ଗଙ୍ଗୋପାଧ୍ୟାୟଙ୍କ ଏକକ ଖଣ୍ଡପୀଠ ୨୦୧୬ରେ ଭର୍ତ୍ତି ହୋଇଥିବା ଶିକ୍ଷକମାନଙ୍କ ନିଯୁକ୍ତିକୁ ରଦ୍ଦ କରିଥିଲେ। ଏହି ଚାକିରି ପ୍ରଦାନ ପ୍ରକ୍ରିୟା ବିରୋଧରେ କିଛି ପ୍ରାର୍ଥୀ ହାଇକୋର୍ଟରେ ଆବେଦନ କରିଥିଲେ। ଚୟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଆବେଦନ କରାଯାଇଥିଲା। କିନ୍ତୁ ରାୟକୁ ବଜାୟ ରଖିବାକୁ ଡିଭିଜନ ଖଣ୍ଡପୀଠ ଅସହମତି ପ୍ରକାଶ କରିଛନ୍ତି। ସବୁ ଚାକିରି ପ୍ରଦାନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ପ୍ରମାଣିତ ହୋଇ ନଥିବାରୁ ଏହାକୁ ଲାଗୁ କରାଯାଇପାରିବ ନାହିଁ ବୋଲି ଡିଭିଜନ ଖଣ୍ଡପୀଠ କହିଛନ୍ତି। ପଶ୍ଚିମବଙ୍ଗ ବୋର୍ଡ ଅଫ୍ ପ୍ରାଇମେରୀ ଏଜୁକେଶନ ୨୦୧୪ରେ ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଟିଇଟି) ପ୍ୟାନେଲ ଜରିଆରେ ଏହି ଶକ୍ଷକମାନଙ୍କୁ ଚାକିରି ପ୍ରଦାନ କରାଯାଇଥିଲା।

# ଆଫଗାନିସ୍ତାନରେ ୧୩ ବର୍ଷର ନାବାଳକ ହାତରେ ଦିଆଗଲା ମୃତ୍ୟୁଦଣ୍ଡ

■ ଦେଖିବାକୁ ଷ୍ଟାଡିୟମରେ ରୁଣ୍ଡ ହେଲେ ୮୦ ହଜାର ଲୋକ
■ ନାବାଳକଙ୍କ ପରିବାରର ୧୩ ସଦସ୍ୟଙ୍କୁ ହତ୍ୟା କରିଥିଲା ଅଭିଯୁକ୍ତ

କାବୁଲ, ୩।୧୨(ଏଜେନ୍ସି): ଆଫଗାନିସ୍ତାନର ଖୋଷ୍ଟ ରାଜ୍ୟର ଏକ ଷ୍ଟାଡିୟମରେ ୮୦ ହଜାର ଲୋକଙ୍କ ସାମ୍ନାରେ ଜଣେ ଅପରାଧୀଙ୍କୁ ଗୁଳି କରାଯାଇଛି। ଜଣେ ୧୩ ବର୍ଷର ନାବାଳକ ଦ୍ୱାରା ଗୁଳି କରାଯାଇ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଛି। ଅଭିଯୁକ୍ତ ଜଣକ ନାବାଳକଙ୍କ ପରିବାରର ୧୩ଜଣଙ୍କୁ ହତ୍ୟା କରିଥିଲା। ଏମାନଙ୍କ ମଧ୍ୟରେ ଏକାଧିକ ଛୋଟ ପିଲା ଓ ମହିଳା ସାମିଲ ଥିଲେ। ଦଣ୍ଡ ଦେବା ପୂର୍ବରୁ ଅଭିଯୁକ୍ତକୁ କ୍ଷମା କରିବାକୁ ଚାହୁଁଛ କି ବୋଲି ତାଲିବାନ ଅଧିକାରୀମାନେ ଏହି ୧୩ ବର୍ଷର ନାବାଳକକୁ ପ୍ରଶ୍ନ କରିଥିଲେ। କିନ୍ତୁ ସେ ମନା କରିଦେଇଥିଲେ। ଏହାପରେ ଅଧିକାରୀମାନେ ନାବାଳକକୁ ବନ୍ଧୁକ ଦେଇ ସାମ୍ନାରେ ଠିଆ ହୋଇଥିବା ଅଭିଯୁକ୍ତକୁ ଗୁଳି ମାରିବାକୁ କହିଥିଲେ। ଅଭିଯୁକ୍ତ ଓ ନାବାଳକ ସମ୍ପର୍କୀୟ ବୋଲି କୁହାଯାଇଛି। ଏହି ମାମଲାରେ ଆଉ ଦୁଇଜଣ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବାକୁ କୁହାଯାଇଛି। କିନ୍ତୁ ଏମାନଙ୍କୁ ଦଣ୍ଡିତ କରାଯାଇନାହିଁ। କାରଣ ପୀଡ଼ିତଙ୍କ କିଛି ସନ୍ତାନ ସେତେବେଳେ ଉପସ୍ଥିତ ନ ଥିଲେ। ଖୋଷ୍ଟର ସେଣ୍ଟ୍ରାଲ ଷ୍ଟାଡିୟମରେ ଦଣ୍ଡବିଧାନର ଏହି ପ୍ରକ୍ରିୟାକୁ ଦେଖିବା ପାଇଁ ଲୋକେ ଏକାଠି ହୋଇଥିଲେ। ଉଲ୍ଲେଖଥାଉ କି, ୨୦୨୧ ଅଗଷ୍ଟ ୧୫ରେ ତାଲିବାନ ଦ୍ୱିତୀୟଥର ପାଇଁ ଶାସନକୁ ଆସିବା ପରେ ୧୧ଜଣଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଗଲାଣି।



# ଦିଲ୍ଲୀ ଏମ୍‌ସିଡି ଉପ-ନିର୍ବାଚନରେ ବିଜେପିକୁ ୨ ଆସନରେ ଘାଟା

■ ବିଜେପି ୭, ଆପ୍ ୩ ଆସନରେ ବିଜୟୀ
■ ଖାତା ଖୋଲିଲା କଂଗ୍ରେସ

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): ଦିଲ୍ଲୀ ନଗର ନିଗମ (ଏମ୍‌ସିଡି)ର ୧୨ଟି ୱାର୍ଡରେ ହୋଇଥିବା ଉପ-ନିର୍ବାଚନର ଫଳାଫଳ ପ୍ରକାଶ ପାଇଛି। ବିଜେପି ୭, ଆମ ଆଦମୀ ପାର୍ଟି (ଆପ୍) ୩ ଏବଂ କଂଗ୍ରେସ ଓ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ (ଏଆଇଏଫ୍‌ବି) ଗୋଟିଏ ଲେଖାଏ ୱାର୍ଡରେ ବିଜୟ ହାସଲ କରିଛି। ଦିଲ୍ଲୀରେ ବିଜେପି ସରକାର ଶାସନକୁ ଆସିବା ପରେ ଅନୁଷ୍ଠିତ ପ୍ରଥମ ନିର୍ବାଚନରେ ଦଳର ୨ ଆସନ କ୍ଷତି ହୋଇଛି। ଏହା ଲୋକପ୍ରିୟତା ହ୍ରାସକୁ ଦେଖାଉଛି। ସରକାର ନିଜ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଥିବା କୁହାଯାଉଛି। ଅନ୍ୟପଟେ କଂଗ୍ରେସ ଖାତା ଖୋଲିବାରେ ସଫଳ ହୋଇଛି। ଗତ ନିର୍ବାଚନରେ ୧୨ଟି ୱାର୍ଡରୁ ବିଜେପି ୯ଟି ଓ ଆପ୍ ୩ଟି ୱାର୍ଡରେ ବିଜୟୀ ହୋଇଥିଲା। ଏଥର ବିଜେପି ଦ୍ୱାରକା-ବି, ଆଶୋକ ବିହାର, ଗ୍ରେଟର କୈଳାଶ, ଡିଚାଉ କାଲାନ, ଶାଲିମାର ବାଗ-ବି, ବିନୋଦ ନଗର, ଚାନ୍ଦିନୀ ଚୌକରେ ବିଜୟ ହାସଲ କରିଛି। ସେହିପରି ଆପ୍ ନାରାଇନା, ମୁଣ୍ଡକା ଓ ଦକ୍ଷିଣପୁରୀରେ ବିଜୟୀ ହୋଇଛି। ସେହିପରି କଂଗ୍ରେସ ସଂଗମ ବିହାର-ଏରେ ୩୬୨୮ ଭୋଟ୍‌ରେ ବିଜୟ ହାସଲ କରିଛି। ଚାନ୍ଦନୀ ମହଲରେ ଏଆଇଏଫ୍‌ବିର ମହମ୍ମଦ ଇମ୍ରାନ ବିଜୟୀ ହୋଇଛନ୍ତି।

ନଭେମ୍ବର ୩୦ରେ ଏହି ୧୨ଟି ୱାର୍ଡରେ ହୋଇଥିବା ନିର୍ବାଚନରେ ୩୮.୫୧ ପ୍ରତିଶତ ମତଦାନ ହୋଇଥିଲା। ୨୦୨୨ରେ ୨୫୦ଟି ୱାର୍ଡରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଓ ସେତେବେଳେ ମତଦାନ ୫୦.୪୭ ପ୍ରତିଶତ ଥିଲା। ତେଣୁ ଏଥର ଉପ-ନିର୍ବାଚନରେ ମତଦାନ ହାର ଯଥେଷ୍ଟ ତଳକୁ ଖସିଛି। ଉପ-ନିର୍ବାଚନରେ ବିଜେପିଠାରୁ ଆପ୍ ୨ଟି ସିଟ୍ ଛଡାଇ ନେଇଛି। ସେହିପରି ଆପ୍ ମଧ୍ୟ ତା'ର ଦୁଇଟି ଆସନରେ ପରାଜୟ ବରଣ କରିଥିଲେ ମଧ୍ୟ ମୋଟ୍ ଉପରେ ୩ଟି ବଜାୟ ରଖିଛି। ମୋଟ୍ ଉପରେ ଏହି ନିର୍ବାଚନରେ ୫୧ଟି ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ। ଏହି ୧୨ଟି ୱାର୍ଡର ବିଜୟୀ ହୋଇଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ ୧୧ ଜଣ ବିଧାୟକ ଓ ଜଣେ ଏମ୍ପି ଭାବେ ନିର୍ବାଚିତ ହୋଇଥିଲେ। ଫଳରେ ଏହି ଆସନଗୁଡିକ ଫାଙ୍କା ପଡ଼ିଥିଲା। ନିର୍ବାଚନ ପରେ ଦିଲ୍ଲୀ ଏମ୍‌ସିଡିରେ ବିଜେପିର ୧୨୩, ଆପର ୧୦୨, କଂଗ୍ରେସର ୯ ଓ ଅନ୍ୟମାନଙ୍କର ୧୬ଟି ସିଟ୍ ରହିଛି।

# ବନ୍ୟଜୀବ ସୁରକ୍ଷାରେ ମହିଳା

ମହିଳାମାନେ ବିଭିନ୍ନ ଦିଗରେ ଆଗକୁ ବଢ଼ୁଛନ୍ତି । ପ୍ରଶାସନିକ ସେବାରେ ଯୋଗଦେଇ ଦେଶର ଦାୟିତ୍ୱଭାର ହାତକୁ ନେଇଛନ୍ତି । ଭାରତୀୟ ସେନାରେ ମଧ୍ୟ ମହିଳାମାନେ ନୂଆ ଉଡ଼ାଣ ଭରିଛନ୍ତି । ଏହି କ୍ରମରେ ଏବେ ବନ୍ୟଜୀବ ସଂରକ୍ଷଣରେ ମଧ୍ୟ ମହିଳାମାନେ ନୂତନ ଛାପ ସୃଷ୍ଟି କରିଛନ୍ତି । ହିଂସ୍ର ବନ୍ୟଜନ୍ତୁଙ୍କୁ ନ ଡରି ସାହସ, ସମର୍ପଣ ଦ୍ୱାରା ସେମାନଙ୍କ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି । ସ୍ନେହ, ଶ୍ରଦ୍ଧା ଓ ଭଲପାଇବାର ମୂଲ୍ୟ କେବଳ ମଣିଷ ନୁହେଁ, ପଶୁମାନେ ମଧ୍ୟ ବୁଝନ୍ତି, ତାହା ସେମାନେ ନିଜ କାର୍ଯ୍ୟ ମାଧ୍ୟମରେ ପ୍ରମାଣ କରିଛନ୍ତି । ଭାରତରେ ବନ୍ୟଜୀବ ସୁରକ୍ଷାରେ କାର୍ଯ୍ୟରତ ସେହିଭଳି କିଛି ମହିଳାଙ୍କୁ ନେଇ ଏହି ଉପସ୍ଥାପନା ।



### ଝୁନି ବାଇ

ଝୁନି ବାଇ ମଧ୍ୟପ୍ରଦେଶ ପେଞ୍ଚ ଟାଇଗର ରିଜର୍ଭରେ, ଜଣେ ସାହାସୀ ମହିଳା ଫରେଷ୍ଟ ଗାର୍ଡ ଭାବେ କାର୍ଯ୍ୟ କରିଆସୁଛନ୍ତି । ଦୀର୍ଘ ୨୦ ବର୍ଷ ଧରି ଜଙ୍ଗଲ ଓ ବନ୍ୟଜୀବ ସଂରକ୍ଷଣରେ ସେ ନିଜକୁ ସମର୍ପଣ କରିଛନ୍ତି । ଏ କ୍ଷେତ୍ରରେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା ମହିଳାଙ୍କ ମଧ୍ୟରେ ସେ ପ୍ରଥମେ । ଜଣେ ଆଦିବାସୀ ମହିଳା ଭାବେ ବନ୍ୟଜୀବ ସଂରକ୍ଷଣରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜଙ୍ଗଲରେ କାର୍ଯ୍ୟରତ ସମୟରେ ସେ ଅନେକ ଜଙ୍ଗଲୀ ପଶୁଙ୍କ ସାମ୍ନା କରିଛନ୍ତି, ଏହାସତ୍ତ୍ୱେ ସେ ନିଜ କର୍ତ୍ତବ୍ୟରୁ ପଛଘୁଞ୍ଚା ଦେଇନାହାନ୍ତି । ସାହସ ଓ ସମର୍ପଣ ଭାବ ପାଇଁ ସେ ୨୦୨୫ ମସିହାରେ ୭୬ ତମ ଗଣତନ୍ତ୍ର ଦିବସରେ ବିଶେଷ ଅତିଥି ଭାବେ ଦିଲ୍ଲୀ ଯାଇଥିଲେ । ଏହା ତାଙ୍କ ପାଇଁ ଏକ ବଡ଼ ଉପଲବ୍ଧି ଥିଲା । ତେବେ ସେ ମୋବାଇଲ ଫୋନ୍ କିମ୍ବା କୌଣସି ପ୍ରକାର ଡିଜିଟାଲ୍ ଉପକରଣ ବ୍ୟବହାର କରନ୍ତିନି ।



### ରସିଲା ବଧେର

ଗୁଜୁରାଟ ଗୀର୍ ଅଭୟାରଣ୍ୟର ପ୍ରଥମ ମହିଳା ଫରେଷ୍ଟ ଗାର୍ଡ ଭାବେ କାର୍ଯ୍ୟରତ ରସିଲା ବଧେର । ସେ ନିଜ କାର୍ଯ୍ୟ ମାଧ୍ୟମରେ ବନ୍ୟଜୀବଙ୍କ ପ୍ରତି ଥିବା ଭଲପାଇବାକୁ ଦର୍ଶାଇଥାନ୍ତି । ସେ ଗୀର୍ ଉଦ୍ଧାର ବିଭାଗର ମୁଖ୍ୟ ହୋଇଥିଲେ । ତେବେ ସେ ବାର ବର୍ଷ ମଧ୍ୟରେ ୧୧୦୦ରୁ ଉର୍ଦ୍ଧ ଜଙ୍ଗଲୀ ପଶୁଙ୍କୁ ଉଦ୍ଧାର କରିଛନ୍ତି । ଏଥିରେ ଚିତାବାଘ, ସିଂହ ଓ କୁମ୍ଭୀର ଅଛନ୍ତି । ମାର୍ଚ୍ଚ ୨୦୧୩ ସେ ଏକ ନିର୍ମାଣଧୀନ କୂଅରୁ ଗୀର୍‌ର ଏକ ଚିତାବାଘକୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ । ପ୍ରଥମ ମହିଳା ଫରେଷ୍ଟ ଗାର୍ଡ ଭାବେ ୨୦୦୮ ରେ ସେ ଚର୍ଚ୍ଚାକୁ ଆସିଥିଲେ ।



### ଅଞ୍ଜୁ ଚୌହାନ୍

ସାଧାରଣତଃ ମହିଳାମାନେ ଝିଟିପିଟି, ଅସରପା ଦେଖିଲେ ଡରିଯାନ୍ତି । କିନ୍ତୁ ଅଞ୍ଜୁ ସେମାନଙ୍କଠୁ ସମ୍ପୂର୍ଣ୍ଣ ଭିନ୍ନ । ସେ ନିର୍ଭୟ ତଥା ସାହସର ସହ ବିଷାକ୍ତ ସାପଙ୍କୁ ଉଦ୍ଧାର କରନ୍ତି । 'ସ୍ନେକ୍ ଲେଡି' ଭାବେ ପରିଚିତ ଅଞ୍ଜୁ ରାଜସ୍ଥାନ ସିରୋହୀ ଜିଲ୍ଲା ପିଣ୍ଡୱାଡ଼ା ତହସିଲ୍‌ରେ ରୁହନ୍ତି । ସିରୋହୀ ଜଙ୍ଗଲରେ ସେ ଫରେଷ୍ଟ ଗାର୍ଡ ଭାବେ କାର୍ଯ୍ୟ କରନ୍ତି । ଏହାପରେ ବଳକା ସମୟ ବନ୍ୟଜୀବ ଉଦ୍ଧାର କାର୍ଯ୍ୟ କରନ୍ତି । ସେ ଖୁବ୍ ସାହସର ସହ ଜନଗହଳି ସ୍ଥାନରୁ ବିଷାକ୍ତ ସାପ ଉଦ୍ଧାର କରି ଜଙ୍ଗଲରେ ନେଇ ଛାଡ଼ନ୍ତି । ଏପର୍ଯ୍ୟନ୍ତ ସେ ୩୦୦୦ରୁ ଅଧିକ ସାପ, ୩୦ରୁ ଉର୍ଦ୍ଧ୍ୱ କୁମ୍ଭୀର ଉଦ୍ଧାର କରିଛନ୍ତି ।



### ସାବିତ୍ରୀ ଆମ୍ମା

ସାଧାରଣତଃ ବନ୍ୟଜୀବଙ୍କଠାରୁ ସମସ୍ତେ ଦୂରେଇ ରହିଥାନ୍ତି । ସେମାନଙ୍କ ପାଖକୁ ଯିବାକୁ ଡରନ୍ତି । କିନ୍ତୁ ବେଙ୍ଗାଲୁରୁ ବନ୍ନେରଘଟ୍ଟା ଚିଡ଼ିଆଖାନାର କେୟାର ଟେକର୍ ସାବିତ୍ରୀ ଆମ୍ମା ଏମାନଙ୍କଠୁ ଭିନ୍ନ । ସେ ସନ୍ତାନ ଭଳି ନିଜ କୋଳରେ ସିଂହ, ଚିତାବାଘଙ୍କୁ ଲାଳପ ପାଳନ କରିଥାନ୍ତି । ତାଙ୍କୁ ଦେଖି ହିଂସ୍ର ପ୍ରାଣୀମାନେ ଦୌଡ଼ିଆସନ୍ତି । ସାବିତ୍ରୀ ଆମ୍ମା ବନ୍ୟଜୀବଙ୍କୁ ସନ୍ତାନ ଭଳି ସ୍ନେହ ଆଦର କରିଥାନ୍ତି । ସ୍ନେହ, ଶ୍ରଦ୍ଧାର ମୂଲ୍ୟ କେବଳ ମଣିଷ ନୁହେଁ, ପଶୁମାନେ ମଧ୍ୟ ବୁଝନ୍ତି ବୋଲି ତାଙ୍କ ନିଷ୍ଠାପର ସେବାରୁ ବୁଝାପଡ଼େ ।

# ପ୍ୟାଣ୍ଟ ଚେନ୍ ଖରାପ ଥିଲେ

ଅନେକ ସମୟରେ ଜିନ୍ସ ପିନ୍ଧିବାବେଳେ ଚେନ୍ ଖରାପ ହୋଇଯାଏ । ଫଳରେ ବାରମ୍ବାର ଏହାକୁ ବାହାରକୁ ନେଇ ଠିକ୍ କରିବାକୁ ପଡ଼ିଥାଏ । କିନ୍ତୁ କିଛି ସହଜ ଉପାୟ ଆପଣାଇ ଏହି ସମସ୍ୟାକୁ ଚୁଟ୍‌କିରେ ସମାଧାନ କରିପାରିବେ । ଜାଣିବା ସେ ବିଷୟରେ...



### ନଡ଼ିଆତେଲ

ଅଧିକାଂଶ ସମୟରେ ପ୍ୟାଣ୍ଟ ପିନ୍ଧିବା ପରେ ଚେନ୍ ଦେଲା ବେଳକୁ ଏହା ଅଧାରେ ରହିଯାଏ । ଏପରିସ୍ଥଳେ ବାହାରକୁ ଯାଇ ବାରମ୍ବାର ଠିକ୍ କରିବା ସହଜ ହୋଇ ନ ଥାଏ । ତେଣୁ ଘରେ ଏହାକୁ ଠିକ୍ କରିବାକୁ ଚାହୁଁଥିଲେ ଏଥିରେ ନଡ଼ିଆତେଲ ବ୍ୟବହାର କରିପାରିବେ ।

### ମହମବତୀ

ମହମବତୀ ସାହାଯ୍ୟରେ ଜିନ୍ସ ପ୍ୟାଣ୍ଟର ଚେନ୍ ଠିକ୍ କରିପାରିବେ । ଏଥିପାଇଁ ଖଣ୍ଡେ ମହମବତୀ ନେଇ ଏହାକୁ ଚେନ୍ ଖରାପ ଥିବା ସ୍ଥାନରେ ଲଗାଇ ଘଷି ଦିଅନ୍ତୁ । ମହମ ସଂସ୍ପର୍ଶରେ ଆସି ଚେନ୍‌ଟି ଠିକ୍ ହୋଇଯାଏ ।

### ସାବୁନ୍ ଓ ଗ୍ରାଫାଇଟ୍ ପେନ୍‌ସିଲ୍

ଜିନ୍ସ ପ୍ୟାଣ୍ଟର ଚେନ୍ ଠିକ୍ କରିବାକୁ ଚାହୁଁଥିଲେ, ଏଥିପାଇଁ ସାବୁନ୍ ଓ ଗ୍ରାଫାଇଟ୍ ପେନ୍‌ସିଲ୍ ମଧ୍ୟ ବ୍ୟବହାର କରିପାରିବେ ।

### ଭ୍ୟାସେଲିନ୍

ଚେନ୍‌ରେ ଭ୍ୟାସେଲିନ୍ ଲଗାଇ ହାତରେ ଏପଟସେପଟ କଲେ ଚେନ ଠିକ୍‌ରେ କାର୍ଯ୍ୟ କରିଥାଏ ।

# ୱିଣ୍ଟର୍ ଫୁଟ୍‌ୱେୟାର୍

ଶୀତଦିନେ ପାଦକୁ ଥଣ୍ଡାରୁ ସୁରକ୍ଷା ଦେବା ପାଇଁ ଅନେକେ ଶୀତ ସ୍ଲିପର୍, ଜୋତା ଆଦି ବ୍ୟବହାର କରିଥାନ୍ତି । ଏହା ପାଦକୁ ଆରାମ ଦେବା ସହ ସୁନ୍ଦର ରଖିଥାଏ । ତେବେ ଜାଣିବା କେତୋଟି ନୂଆ ଡିଜାଇନର୍ ସ୍ଲିପର୍ ବିଷୟରେ ।



### ଗଦିବୁଟ୍

ଏହା ବ୍ୟତୀତ ଚାହିଁଲେ ଗଦିଯୁକ୍ତ ବୁଟ୍ ପିନ୍ଧିପାରିବେ । ଏହା ଗୋଇଠିର ଉପର ଅଂଶ ଯାଏ ରହିଥାଏ । ତେଣୁ ଏହା ଶୀତଦିନେ ପିନ୍ଧିବା ପାଇଁ ଖୁବ୍ ଭଲ ହୋଇଥାଏ । ଅଧିକାଂଶ ମହିଳାଙ୍କୁ ଏ ପ୍ରକାର ୱିଣ୍ଟର୍ ସ୍ଲିପର୍ ଖୁବ୍ ପସନ୍ଦ ।

### ମୋକାସିନ୍

ଥଣ୍ଡାରୁ ପାଦକୁ ସୁରକ୍ଷିତ କରି କୋମଳ ରଖିବାକୁ ଚାହୁଁଥିଲେ, ମୋକାସିନ୍ ସ୍ଲିପର୍ ପିନ୍ଧିପାରିବେ । ଏହା ପାଦକୁ ଥଣ୍ଡାରୁ ସୁରକ୍ଷା ଦେଇଥାଏ । ଏହା ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ କିଣିପାରିବେ ।



### ସ୍ଲିପ୍ ଅନ୍ ଷ୍ଟାଇଲ୍

ଶୀତଦିନେ ଘରେ ପିନ୍ଧିବା ପାଇଁ ଏହି ସ୍ଲିପର୍ ଭଲ ହୋଇଥାଏ । ଏହା ସ୍ଲିପ୍ ଅନ୍ ଷ୍ଟାଇଲର ସ୍ଲିପର । ଏହା ଅଧା ପାଦକୁ ଢାଙ୍କି ରଖିଥାଏ । ଏହା ପିନ୍ଧିବାରେ ଖୁବ୍ ଆରାମଦାୟକ ଅନୁଭୂତି ମିଳିଥାଏ । ଏହା ଶୀତଦିନ ପାଇଁ ଗୋଟିଏ ଭଲ ବିକଳ୍ପ ହୋଇଥାଏ ।

### ଉଲେନ୍

ସାଧାରଣତଃ ଉଲେନ୍ ଚପଲ ପାଦକୁ ନରମ ଓ ଆରାମଦାୟକ ଲାଗିଥାଏ । ଏହା ପାଦକୁ ଉଷୁମ ଓ ସୁନ୍ଦର ରଖିବାରେ ମଧ୍ୟ ସହାୟକ ହୋଇଥାଏ । ଏହା ଉଭୟ ଅନ୍‌ଲାଇନ୍ ଓ ବଜାରରେ ଉପଲବ୍ଧ ।

# ଶାଢ଼ି ସହ ଦୁପଟ୍ଟା

ଦୁପଟ୍ଟା ସାଂସ୍କୃତିକ ଗୌରବର ପ୍ରତୀକ ଭାବେ ଜଣାଯାଏ । ଏହାକୁ ଚୁଡ଼ିଦାର, କୁର୍ତ୍ତୀ ସମେତ ଏଣିକି ଶାଢ଼ିରେ ମଧ୍ୟ ପକାଉଛନ୍ତି । ଏହାକୁ ଷ୍ଟାଇଲ୍ ତଥା ସୃଜନାତ୍ମକ ଶୈଳୀରେ ପକାଇଲେ ଏହା ଅଧିକ ସୁନ୍ଦର ଓ ଆକର୍ଷଣୀୟ ଦେଖାଯାଏ । ଏଥିପାଇଁ ଆବଶ୍ୟକ କେତେକ ଡ୍ରେପିଂ ଷ୍ଟାଇଲ୍ ରହିଛି ଜାଣିବା ସେ ବିଷୟରେ...

### କ୍ଲାସିକ୍ ଫ୍ରଣ୍ଟ ପ୍ଲିଟ୍

ଏହା ଶାଢ଼ି ପିନ୍ଧିବାର ପାରମ୍ପରିକ ଓ ଚୀରସବୁଜ ପ୍ରକ୍ରିୟା ମଧ୍ୟରୁ ଗୋଟିଏ । ଦୁପଟ୍ଟାକୁ ପାଞ୍ଚ- ଛଅ ପରସ୍ତ ଭାଙ୍ଗି କାନ୍ଧରେ ପିନ୍ କରନ୍ତୁ । ଏହି ଡ୍ରେପିଙ୍ଗ୍‌ରୁ ଶାଢ଼ିର ସମ୍ପୂର୍ଣ୍ଣ ଡିଜାଇନ୍ ଦିଶିଥାଏ । ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ । ବୋଟ୍‌ନେକ, ସ୍ଲିଭ୍‌ଲେସ୍ ଓ ଅଫ୍‌ସୋଲ୍‌ଡର ବ୍ଲାଉଜ୍‌କୁ ଏହା ଖୁବ୍ ସୁନ୍ଦର ମାନିଥାଏ । ଏହା ବିବାହ ପାର୍ଟି ସମେତ ପାରମ୍ପରିକ, ପର୍ବପର୍ବାଣୀରେ ମଧ୍ୟ ଭଲ ଲାଗିଥାଏ ।

### ବିବାହ ଶାଢ଼ିରେ ଦୁପଟ୍ଟା

ମହିଳାମାନେ ବିବାହ ପାର୍ଟିରେ ମଧ୍ୟ ଶାଢ଼ି ସହ ଓଢ଼ଣୀ ପକାଇପାରିବେ । ଏଥିରୁ ଏକ ରାଜକୀୟ ଲୁକ୍ ମିଳିଥାଏ । ପାରମ୍ପରିକ ଲୁକ୍ ଚାହୁଁଥିଲେ, ହାଲୁକା ପେଷ୍ଟାଲ୍ ରଙ୍ଗ ବା ଏମ୍ବ୍ରୋଡୋରୀ କାମ ଥିବା ପକାଇପାରିବେ ।




# ଦହି ଉପମା

ମୋ ହାଣ୍ଡିଶାଳରୁ...



### ଆବଶ୍ୟକ ସାମଗ୍ରୀ

ସୁଜି - ୨୫୦ ଗ୍ରାମ୍, କଟା ଗାଜର - ଏକ କପ୍, କଟା ପିଆଜ – ଅଧା କପ୍, ଗ୍ରୀନ୍ ମଟର - ଅଧା କପ୍, କାଜୁ - ଚାରି ପାଞ୍ଚୋଟି, ଚିନାବାଦାମ- ଅଧା କପ୍, ମୁଗ - ଏକ ଚାମଚ, ଭୃସଙ୍ଗପତ୍ର- ଏକ ପାଖୁଡ଼ା, କଟା କଞ୍ଚାଲଙ୍କା - ଅଳ୍ପ, ମୁଗଡାଲି - ଏକ ଚାମଚ, ବିରି - ଏକ ଚାମଚ, ଦହି - ଏକ ଏପ୍, ଲୁଣ – ସ୍ୱାଦ ଅନୁସାରେ, ଘିଅ - ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ଗୋଟିଏ ବାଉଲ୍‌ରେ ଅଳ୍ପ ଦହି, ପାଣି, କଟା କଞ୍ଚାଲଙ୍କା, ଧନିଆପତ୍ର, ଅଦା ପକାଇ ଭଲରେ ଗୋଳାଇ ଦିଅନ୍ତୁ । ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ଘିଅ ଦିଅନ୍ତୁ । ଗରମ ହୋଇଗଲେ ସେଥିରେ ସୋରିଷ, ଶୁଖିଲା ଲଙ୍କା, ଭୃସଙ୍ଗପତ୍ର, ବିରିଡାଲି, ବୁଟଡାଲି, ପକାଇ ଭାଜନ୍ତୁ । କିଛି ସମୟ ପରେ ପିଆଜ, ଗାଜର, ଗ୍ରୀନ୍ ମଟର, ସହ ସୁଜି ପକାଇ ଭାଜି ଦିଅନ୍ତୁ । ଏହାପରେ ସେଥିରେ ଗୋଳାଇ ରଖିଥିବା ଦହି ପାଣି ଦିଅନ୍ତୁ । ଫୁଟିଗଲା ପରେ ଏକ ଢାଙ୍କୁଣି ଘୋଡ଼ାଇ କିଛି ସମୟ ଢାଙ୍କି ଦିଅନ୍ତୁ । ଏହାପରେ ପ୍ଲେଟ୍‌କୁ କାଢ଼ି ପରଷନ୍ତୁ ସ୍ୱାଦିଷ୍ଟ 'ଦହି ଉପମା' ।

# ଲ୍ୟାପ୍‌ଟପ୍ ବ୍ୟାଗ୍

କର୍ମଜୀବୀ ମହିଳାଙ୍କ ପାଇଁ ଅଫିସ୍ ବ୍ୟାଗ୍ କେବଳ ଜିନିଷ ରଖିବାର ମାଧ୍ୟମ ନୁହେଁ, ଏହା ଷ୍ଟାଇଲ, ଦକ୍ଷତା ଓ ବ୍ୟକ୍ତିତ୍ୱକୁ ଦର୍ଶାଏ । ପ୍ରତି ମହିଳାଙ୍କ ପାଇଁ ଏହି ବ୍ୟାଗ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ । ଏଥିରେ ଲ୍ୟାପଟପ୍, ଟାବ୍‌ଲେଟ୍, ଫାଇଲ୍, ପାଣିବୋତଲ, ମେକ୍‌ଅପ୍ ଆଦି ଜିନିଷ ସୁରକ୍ଷିତ ରହିଥାଏ ।

### ଲେଦର ଟୋଟ୍ ବ୍ୟାଗ୍

ସମୟାନୁସରେ ବିଭିନ୍ନ ଡିଜାଇନର ଟୋଟ୍ ବ୍ୟାଗ୍ ଉପଲବ୍ଧ ହେଲାଣି । ଏଥିରେ ପ୍ୟାଡେଡ୍ ଲ୍ୟାପ୍‌ଟପ୍ ସ୍ଲିଭ ରହିଛି । ଏହା ଭଲ ଲେଦରରେ ଉପଲବ୍ଧ ହୋଇଥାଏ । ଏହା ଅଫିସ୍, ମିଟିଂ, ଏପରିକି ବିଜିନେଶ ଟ୍ରାଭେଲ୍ ପାଇଁ ଭଲ ହୋଇଥାଏ ।

### ଷ୍ଟାଇଲିଶ୍ ବ୍ୟାକ୍‌ପ୍ୟାକ୍

ବ୍ୟାଗ୍‌ପ୍ୟାକ୍ କେବଳ ଛାତ୍ରଛାତ୍ରୀଙ୍କ ପାଇଁ ନୁହେଁ, ୨୦୨୫ ମସିହାରେ ସ୍ଲିକ, ମିନିମାଲିଷ୍ଟ, ଓ ଲେଦର ବ୍ୟାକ ପ୍ୟାକ୍ ଅଫିସ୍ ଫେଶନରେ ନିଜର ସ୍ଥାନ ରଖିଛି । ଏଥିରେ ଏକ ଲ୍ୟାପଟପ୍ ରଖିବା ପାଇଁ ଜାଗା ରହିଛି । ଏହା ଦେଖିବାକୁ ଷ୍ଟାଇଲିଶ ଓ ଆକର୍ଷଣୀୟ ହୋଇଥାଏ । ଏହା କର୍ମଜୀବୀ ମହିଳାଙ୍କ ପାଇଁ ଖୁବ୍ ଭଲ ହୋଇଥାଏ ।



### ବ୍ରିଫ୍‌କେସ୍ ହ୍ୟାଣ୍ଡବ୍ୟାଗ୍

ଏହା ପାରମ୍ପରିକ ବ୍ରିଫ୍‌କେଶର ଏକ ଷ୍ଟାଇଲିଶ୍ ଭର୍ସନ ଭାବେ ଜଣାଯାଏ । ଏଥିରେ ମଲ୍ଟିପ୍ଲେ କମ୍ପୋନେଣ୍ଟ୍ସ, ଲ୍ୟାପ୍‌ଟପ୍ ସ୍ଲିବ, ଏବଂ ଅର୍ଗାନାଇଜର ପକେଟ୍ ଥାଏ । ଏହା ସର୍ବଦା ଟପ୍ ହ୍ୟାଣ୍ଡଲ, ସଟ୍ ସୋଲ୍‌ଡର୍ ଷ୍ଟ୍ରିପ ସହିତ ଥାଏ । ଏଥିରୁ ଏକ ପ୍ରଫେସନାଲ୍ ଲୁକ୍ ମିଳିଥାଏ ।

# ଷ୍ଟ୍ରବେରୀରୁ ସୁନ୍ଦର ତ୍ୱଚା



ଷ୍ଟ୍ରବେରୀ ସ୍ୱାଦିଷ୍ଟ ହେବା ସହ ଏଥିରେ ବହୁ ପୋଷକ ତତ୍ତ୍ୱ ରହିଥାଏ । ଯାହା ତ୍ୱଚାକୁ ସୁସ୍ଥ ଓ ସୁନ୍ଦର ରଖିଥାଏ । ଏଥିସହ ତ୍ୱଚା ଦାଗ, ବୟସଛାପ, ଚର୍ମକୁଞ୍ଚନ ଆଦି ସମସ୍ୟାକୁ ଦୂର କରି ତ୍ୱଚାକୁ ଉଜ୍ଜ୍ୱଳ କରିଥାଏ । ତେବେ ଦୈନନ୍ଦିନ ସ୍କିନ୍‌କେୟାର୍ ରୁଟିନ୍‌ରେ ଏହା କିପରି ସାମିଲ କରିବେ ଜାଣି ରଖନ୍ତୁ ।

- କିଛି ଷ୍ଟ୍ରବେରୀକୁ ଚକଟି ଏଥିରେ କିଛି ବୁନ୍ଦା ମହୁ ମିଶାନ୍ତୁ । ଏହାକୁ ମୁହଁରେ ୧୫ ମିନିଟ୍ ଲଗାଇ ରଖିବା ପରେ ଥଣ୍ଡାପାଣିରେ ଧୋଇ ଦିଅନ୍ତୁ ।
- ଏଥିରେ ସାଲିସେଲିକ୍ ଏସିଡ୍ ଥାଏ, ଯାହା ବ୍ରଣ ଓ ଦାଗ ସହ ଲଢ଼ିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥାଏ । ଏହା ଲୋମଛିଦ୍ରକୁ ବନ୍ଦ କରିଥାଏ । ତ୍ୱଚାରେ ଥିବା ଅତିରିକ୍ତ ତେଲକୁ ବାହାର କରିଥାଏ । ସେହିପରି, ଷ୍ଟ୍ରବେରୀରେ ଥିବା ଆଣ୍ଟି ଇନ୍‌ଫ୍ଲାମେଣ୍ଟୋରୀଗୁଣ ବ୍ରଣ ଓ ଦାଗ ସମସ୍ୟାରୁ ସୁରକ୍ଷା ଦେଇଥାଏ ।
- ଷ୍ଟ୍ରବେରୀକୁ ଚକଟି ଦହି ମିଶାଇ ଫେସ୍‌ମାସ୍କ ଭାବେ ଲଗାଇପାରିବେ । ସେହିପରି ଚାହିଁଲେ ଷ୍ଟ୍ରବେରୀ ଜୁସ୍‌କୁ ଟୋନର୍ ଭାବେ ବ୍ୟବହାର କରିପାରିବେ । ଏହାଦ୍ୱାରା ତ୍ୱଚାରେ ଥିବା ଅତିରିକ୍ତ ତେଲ ବାହାରିଯାଏ ।
- ଏଥିରେ ଥିବା ପାଣି ତ୍ୱଚାକୁ ହାଇଡ୍ରେଟ୍ ରଖିଥାଏ । ଏଥିସହ ଜ୍ୱଳନ, ସଂକ୍ରମଣ ସମସ୍ୟାକୁ ଦୂର କରିଥାଏ ।

### ମାରକ୍ରମ୍‌ଙ୍କ ଶତକ ଆଗରେ ଫିକା ପଡ଼ିଲେ କୋହଲି-ଗାଏକ୍ୱାଡ୍

# ଦକ୍ଷିଣ ଆଫ୍ରିକା ୪ ୱିକେଟରେ ବିଜୟୀ

ରାୟପୁର,୩।୧୨(ଏଜେନ୍ସି): ଆଇଡେନ୍ ମାରକ୍ରମ (୧୧୦)ଙ୍କ ଶତକ, ଦୁଇ ଯୁବ ଖେଳାଳି ମାଥ୍ୟୁ ବ୍ରିଜ୍‌କେ (୬୮) ଓ ଡିୱାଲ୍ଡ ବ୍ରେଭିସ୍ (୫୪)ଙ୍କ ଅର୍ଦ୍ଧଶତକ ଆଗରେ ଫିକା ପଡ଼ିଛି ସୁପରଷ୍ଟାର ବିରାଟ କୋହଲି (୧୦୨) ଓ ଯୁବ ଖେଳାଳି ରତୁରାଜ ଗାଏକ୍ୱାଡ୍ (୧୦୫)ଙ୍କ ଶତକ। ମାରକ୍ରମ୍‌ଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ୪ ୱିକେଟରେ ଭାରତକୁ ହରାଇ ଏଠାରେ ବୁଧବାର ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ବିଜୟୀ ହୋଇଛି। ଏହି ବିଜୟ

## ଶନିବାର ନିର୍ଣ୍ଣାୟକ ମୁକାବିଲା

ଫଳରେ ଦକ୍ଷିଣ ଆଫ୍ରିକା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୧-୧ରେ ବରାବର ସ୍ଥିତିକୁ ନେଇଆସିଛି। ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ଭାରତ ୧୭ ରନ୍‌ରେ ଜିତିଥିଲା। ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍ ବିଶାଖାପାଟଣାରେ ଆସନ୍ତା ୬ ତାରିଖ ଶନିବାର ଖେଳାଯିବ। ଏହି ମ୍ୟାଚ୍‌ରେ ଚମତ୍କାର ଶତକ ସହ ସର୍ବାଧିକ ୧୧୦ ରନ୍ କରିଥିବା ମାରକ୍ରମଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ କିଙ୍ଗ୍ ବିରାଟ କୋହଲିଙ୍କ ୫୩ତମ ଓ ରତୁରାଜ ଗାଏକ୍ୱାଡଙ୍କ ପ୍ରଥମ ଶତକ ବଳରେ ଏଠାରେ ପ୍ରଥମେ ବ୍ୟାଟିଂ କରି ଭାରତ ୫ ୱିକେଟରେ ୩୫୮ ରନ୍ ସଂଗ୍ରହ କରିଥିଲା। କିଙ୍ଗ୍ କୋହଲି ଚଳିତ ସିରିଜ୍‌ରେ କ୍ରମାଗତ ଦ୍ୱିତୀୟ ଶତକ ହାସଲ କରି ୧୦୨ ଓ ମହାରାଷ୍ଟ୍ରର ରତୁରାଜ ଗାଏକ୍ୱାଡ ଜୀବନର ପ୍ରଥମ ଦିନିକିଆ ଶତକ ସହ ୧୦୫ ରନ୍ କରିଥିଲେ। କାମଚଳା ଅଧିନାୟକ ଲୋକେଶ ରାହୁଲ ତାଙ୍କ ଫିନିସିଂ ଫର୍ମ ବଜାୟ ରଖି ୪୩ ବଲ୍‌ରୁ ୬୬ ରନ୍ କରି ଚଳିତ ସିରିଜ୍‌ରେ କ୍ରମାଗତ ଅର୍ଦ୍ଧଶତକ ହାସଲ କରିବାରେ ସମର୍ଥ ହୋଇଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ମାର୍କୋ ୟାନ୍‌ସେନ୍ ସର୍ବାଧିକ ୨ଟି, ନାନ୍ଦ୍ରେ ବର୍ଗର ଓ ଲୁଙ୍ଗି ଏନ୍‌ଗିଡି ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।



ମାରକ୍ରମ: ମ୍ୟାନ୍ ଅଫ୍ ଦି ମ୍ୟାଚ୍

ଜବାବରେ ବ୍ୟାଟିଂକୁ ସୁହାଉଥିବା ପିଚ୍‌ରେ ୩୫୯ ରନ୍‌ର ଟାର୍ଗେଟ ଦକ୍ଷିଣ ଆଫ୍ରିକା ଲାଗି କଷ୍ଟକର ହେବ ନାହିଁ ବୋଲି ଆରମ୍ଭରୁ ଜଣାପଡ଼ିଥିଲା। କ୍ୱିଣ୍ଟନ ଡି କକ୍ ଶୀଘ୍ର ଆଉଟ ହେବା ପରେ ଆଇଡେନ୍ ମାରକ୍ରମ ଦ୍ୱିତୀୟ ୱିକେଟରେ ତେମ୍ବା ବଭୁମା (୪୬)ଙ୍କ ସହ ୧୦୧ ଓ ମାଥ୍ୟୁ ବ୍ରିଜ୍‌କେ (୬୮)ଙ୍କ ସହ ୫୫ ବଲ୍‌ରୁ ୭୦ ରନ୍ ଉଠାଇ ଦଳକୁ ଆଗକୁ ବଢ଼ାଇଥିଲେ। ମାରକ୍ରମ ୫୩ ରନ୍‌ରେ ଦେଇଥିବା କ୍ୟାଚ୍ ଆଉଟର ସୁଯୋଗକୁ ଜୟସ୍ୱାଲ ହାତଛଡ଼ା କରିବା ପରେ ଦଳ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଥିଲା। ସେ ୮୮ ବଲ୍‌ରେ ଶତକ ପୂରଣ କରିବା ସହ ୧୧୦ ରନ୍‌ରେ ଆଉଟ ହୋଇଥିଲେ। ତାଙ୍କ ପରେ ଦୁଇ ଯୁବ ଖେଳାଳି ବ୍ରିଜ୍‌କେ ଓ ବ୍ରେଭିସ୍ (୫୪) ଅର୍ଦ୍ଧଶତକ ହାସଲ କରିବା ଓ ୯୨ ରନ୍‌ର ଭାଗୀଦାରି କରିଥିଲେ ମଧ୍ୟ ଦଳକୁ ମ୍ୟାଚ୍ ଜିତାଇବା ପୂର୍ବରୁ ଆଉଟ ହୋଇଯାଇଥିଲେ। ଏମାନଙ୍କ ଆଉଟ ପରେ ୟାନ୍‌ସେନଙ୍କ ୱିକେଟ ପଡ଼ିବା ଓ ଟୋନି ଡି ଜୋର୍ଜି ଆହତ ହୋଇ ପଡ଼ିଆରୁ ବିଦା ହେବା ପରେ ଭାରତୀୟ ସମର୍ଥକ ବିଜୟ ସ୍ୱପ୍ନ ଦେଖିବା ଆରମ୍ଭ କରିଥିଲେ। ପ୍ରଥମ ଦିନିକିଆରେ ପାର୍ଟନରଙ୍କ ଅଭାବରୁ ମ୍ୟାଚ୍ ଜିତାଇପାରି ନ ଥିବା କର୍ବିନ ବୋଶ୍ ଓ କେଶବ ମହାରାଜ ଆଉ କୌଣସି କ୍ଷତି ହେବାକୁ ନ ଦେଇ ଦକ୍ଷିଣ ଆଫ୍ରିକାକୁ ଏହି ଦମ୍‌ଦାର ବିଜୟ ଭେଟିଦେଇଥିଲେ। ବୋଶ୍ ୨୬ ଓ ମହାରାଜ ୧୦ ରନ୍‌ରେ ଅପରାଜିତ ରହିଥିଲେ। ଆଜିର ବିଜୟ ପରେ ଦକ୍ଷିଣ ଆଫ୍ରିକା ତୃତୀୟଥର ଲାଗି ୩୫୦ କିମ୍ବା ତା'ଠାରୁ ଅଧିକ ରନ୍ ଚେଜ୍ କରି ମ୍ୟାଚ୍ ଜିତିବାର ରେକର୍ଡ କରିଛି।

### ସଂକ୍ଷିପ୍ତ ସ୍କୋର

**ଭାରତ: ୩୫୮/୫, ୫୦ ଓଭର** (ଗାଏକ୍ୱାଡ- ୧୦୫, କୋହଲି- ୧୦୨, ରାହୁଲ- ଅପରାଜିତ ୬୬, ୟାନ୍‌ସେନ୍-୨/୬୩)।

**ଦକ୍ଷିଣ ଆଫ୍ରିକା: ୩୬୨/୬, ୪୯.୨ ଓଭର** (ମାର୍କରାମ-୧୧୦, ବ୍ରିଜ୍‌କେ-୬୮, ବ୍ରେଭିସ୍-୫୪, ବଭୁମା-୪୬, ଅର୍ଶଦୀପ-୨/୪୮, ପ୍ରସିଦ୍ଧ-୨/୭୯)

### ଟି-୨୦ ବିଶ୍ୱକପ୍

## ଭାରତୀୟ ଦଳର ଜର୍ସି ଉନ୍ମୋଚନ କଲେ ରୋହିତ



ରାୟପୁର, ୩।୧୨ (ଏଜେନ୍ସି): ଆଗାମୀ ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳର ଜର୍ସି ଉନ୍ମୋଚିତ ହୋଇଯାଇଛି। ବୁଧବାର ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ର ପ୍ରଥମ ଇନିଂସ ପରେ ବରିଷ୍ଠ ଖେଳାଳି ରୋହିତ୍ ଶର୍ମା ଓ ବ୍ୟାଟର୍ ତିଲକ ବର୍ମା ନୂଆ ଜର୍ସିକୁ ଉନ୍ମୋଚିତ କରିଥିଲେ। ଏହି ନୂତନ ଜର୍ସିରେ ହାଲକା ନୀଳ ଓ ଗାଢ଼ ନୀଳ ରଙ୍ଗର ପଟି ରହିଛି। ସେହିଭଳି କାନ୍ଧର ଉପର ପାର୍ଶ୍ୱରେ ୩ଟି ଧଳା ଗାର ରହିଥିବାବେଳେ ତଳ ପାର୍ଶ୍ୱରେ ଗେରୁଆ ରଙ୍ଗର ଏକ ପଟି ରହିଛି। ଜର୍ସିର ସାମ୍ନା ପାର୍ଶ୍ୱରେ 'ଇଣ୍ଡିଆ' ସହ ମୁଖ୍ୟ ପ୍ରାୟୋଜକ ଆପୋଲ ଟାୟାର୍ସର ନାମ ମଧ୍ୟ ଉଲ୍ଲେଖ ରହିଛି। ପୁରୁଷ ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାର ମୋଟ୍ ୮ଟି ଭେନ୍ୟୁରେ ମ୍ୟାଚ୍ ଖେଳାଯିବ। ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ଆମେରିକା, ନେଦରଲାଣ୍ଡସ ଓ ନାମିବ୍ୟା ସହ ଭାରତ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଉଦ୍‌ଘାଟନୀ ଦିବସରେ ଆମେରିକା ସହ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚଟି ମୁମ୍ବଇରେ ଖେଳାଯିବ।

## ସମସ୍ତ ଫର୍ମାଟ୍‌ରୁ ମୋହିତ୍ ଶର୍ମାଙ୍କ ଅବସର

ଚଣ୍ଡିଗଡ଼, ୩।୧୨ (ଏଜେନ୍ସି): ଭେଟେରାନ ଭାରତୀୟ ଦ୍ରୁତ ବୋଲର ମୋହିତ୍ ଶର୍ମା ବୁଧବାର କ୍ରିକେଟ୍‌ର ସମସ୍ତ ପ୍ରକାର ଫର୍ମାଟ୍‌ରୁ ଅବସର ନେଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ୩୭ ବର୍ଷୀୟ ମୋହିତ ଅବସର ନେଇ ସୂଚନା ଦେଇଛନ୍ତି। ସ୍ୱଳ୍ପ ସମୟର ଅନ୍ତର୍ଜାତୀୟ କ୍ୟାରିୟରରେ ହରିୟାଣାର ଏହି ଦ୍ରୁତ ବୋଲର ଭାରତ ପାଇଁ ୨୬ଟି ଦିନିକିଆ ଓ ୮ଟି ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୩୧ ଓ ୬ଟି ୱିକେଟ୍ ନେଇଛନ୍ତି। ୨୦୧୫ ଦିନିକିଆ ବିଶ୍ୱକପ୍‌ରେ ମଧ୍ୟ ସେ ଖେଳିବାର ସୁଯୋଗ ପାଇଥିଲେ। ତେବେ ଆଇପିଏଲ୍‌ରେ ମୋହିତ୍ ବେଶ୍ ସକ୍ରିୟ ଥିଲେ। ଆଇପିଏଲ୍‌ରେ ୪ଟି ଟିମ୍ ପାଇଁ ଖେଳିଥିବା ମୋହିତ୍ ୧୨୦ଟି ମ୍ୟାଚ୍ ଖେଳି ମୋଟ୍ ୧୩୪ଟି ୱିକେଟ୍ ଅକ୍ତିଆର କରିଛନ୍ତି।

### ୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ବ୍ୟାଡ୍‌ମିଣ୍ଟନ

## ଉଭୟ କ୍ୱାର୍ଟରରେ ତନ୍‌ଭୀ

ଭୁବନେଶ୍ୱର,୩।୧୨(ସମିସ): ଓଡ଼ିଆ ଖେଳାଳି ତଥା ଟାଇଟଲ ଆଶାୟୀ ତନ୍‌ଭି ପତ୍ରୀ ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା 'ଦ ସଙ୍ଗଲ'ରେ ଚାଲିଥିବା ୩୭ତମ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ୧୫ ଓ ୧୭ ବର୍ଷରୁ କମ୍ ବାଳିକା ବିଭାଗ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆଜି ଖେଳାଯାଇଥିବା ୧୫ ବର୍ଷରୁ କମ୍ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ତନ୍‌ଭୀ ୨-୦ରେ ରାଜସ୍ଥାନର ଅନ୍‌ଭି ରାଠୋରଙ୍କୁ ଏବଂ ୧୭ ବର୍ଷରୁ କମ୍ ବିଭାଗରେ କର୍ଣ୍ଣାଟକର ହିତାଶ୍ରୀ ଏଲ୍‌ଙ୍କୁ ମଧ୍ୟ ୨-୦ରେ ହରାଇ କ୍ୱାର୍ଟରକୁ ଉନ୍ନୀତ ହୋଇଛନ୍ତି। ୧୫ ବର୍ଷରୁ କମ୍ ବିଭାଗରେ ତାମିଲନାଡୁର ଅନୁଶ୍ରୀ ଜିଏସ୍ ୨-୦ରେ ଟପ୍ ସିଡ୍ ମାନିମୁଥୁଙ୍କୁ ହରାଇ ଏହି ବିଭାଗରୁ ବିଦାୟ ନେଇଛନ୍ତି।



## ଯୁବ ଏସିଆନ୍ ପାରା ଗେମ୍ସ: ଜାନକୀ, ପାୟଲ ମନୋନୀତ

ଭୁବନେଶ୍ୱର, ୩।୧୨ (ସମିସ): ଦୁବାଇରେ ଡିସେମ୍ବର ୭ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଯୁବ ଏସିଆନ୍ ପାରା ଗେମ୍ସ -୨୦୨୫ ପାଇଁ ଓଡିଶାର ଦୁଇଜଣ ପାରା ଖେଳାଳିଙ୍କୁ ଚୟନ କରାଯାଇଛି। ସେମାନେ ହେଲେ ଜାନକୀ ଓରାମ ଓ ପାୟଲ ନାଗ। ଜାନକୀ ପାରା ଆଥଲେଟିକ୍ସର ଟି-୧୨ ବର୍ଗରେ ୧୦୦, ୨୦୦ ମିଟର ଓ ଲଙ୍ଗ୍ ଜମ୍ପେ ଭାଗ ନେବେ।। ସେହିପରି ପାୟଲ ପାରା ଆର୍ଚେରୀରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପାରା ଅଲିମ୍ପିଆନ୍ ଶୀତଲ ଦେବୀଙ୍କୁ ହରାଇ ପାୟଲ ଜାତୀୟ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିଲେ। ଉଭୟ ଖେଳାଳିଙ୍କୁ ଓଡିଶା ପାରା ସ୍ପୋର୍ଟ୍ସ ଆସୋସିଏସନ ର ସଭାପତି କମଳାକାନ୍ତ ରଥ ଓ ସମ୍ପାଦକ ସୁନୀଲ ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି।





### ଟି-୨୦ ସିରିଜ୍ ଲାଗି ଭାରତୀୟ ଦଳ ଘୋଷିତ

## ହାର୍ଦ୍ଦିକ ସାମିଲ, ନୀତୀଶ ଓ ରିଙ୍କୁ ବିଦା

ରାୟପୁର,୩।୧୨(ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଗଠିତ ଦଳରେ ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସାମିଲ କରାଯାଇଛି। ଏହା ଫଳରେ ଦଳ ସହ ଥିବା ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଓ ଖେଳିବାକୁ ସୁଯୋଗ ପାଉ ନ ଥିବା ବିସ୍ଫୋରକ ବ୍ୟାଟର ରିଙ୍କୁ ସିଂଙ୍କୁ ଦଳରୁ ବାଦ୍ ଦିଆଯାଇଛି। ସବୁଠାରୁ ବଡ଼ କଥା ହେଲା ଉପଅଧିନାୟକ ଶୁବମନ ଗିଲ୍‌ଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। କୋଲକାତା ଟେଷ୍ଟରେ ବେକରେ ଆଘାତ ପାଇଥିବା ଗିଲ୍ ଏବେ ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଫିଟ୍ ହେବାକୁ ଚିକିତ୍ସିତ ହେଉଛନ୍ତି। ଏଠାରେ ସେ ଫିଟ୍‌ନେସ୍ ଟେଷ୍ଟରେ ପାସ କଲେ ତାଙ୍କୁ ଦଳରେ ନିଆଯିବ। ସେ ଦଳକୁ ନ ଆସିବା ପର୍ଯ୍ୟନ୍ତ ସଞ୍ଜୁ ସାମସନ ଓ ଅଭିଷେକ ଶର୍ମା ଇନିଂସ ଓପନ କରିବେ। ଦଳରେ ତୃତୀୟ ଓପନର ନାହାନ୍ତି।

ବୋଲିଂରେ ଯଶପ୍ରୀତ ବୁମ୍‌ରାଙ୍କୁ ସାମିଲ କରାଯାଇଛି। ଅର୍ଶଦୀପ ସିଂହ, ହର୍ଷିତ ରାଣା, ପାଣ୍ଡ୍ୟା, ଶିବମ ଦୁବେ ଆଦି ବୁମ୍‌ରାଙ୍କ ସହ ମିଶି ଖେଳିବେ। ଦୁଇ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦରଙ୍କ ସହ କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀ ଏହି ବିଭାଗ ସମ୍ଭାଳିବେ। ଡିଫେଣ୍ଡିଂ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଓ ରନର୍ସ ଅପ୍ ମଧ୍ୟରେ ଖେଳାଯିବାକୁ ଥିବା ଏହି ସିରିଜ୍ ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ।

ଟି-୨୦ ସିରିଜ୍‌ର ମ୍ୟାଚ୍ ଗୁଡ଼ିକ ମଧ୍ୟରୁ କଟକର ବାରବାଟୀରେ ଡିସେମ୍ବର ୯ ତାରିଖ ପ୍ରଥମ ମ୍ୟାଚ୍, ମୋହାଲିର ମୁଲ୍ଲାନପୁରରେ ୧୧ରେ ଦ୍ୱିତୀୟ, ହିମାଚଳର ଧର୍ମଶାଳାରେ ୧୪ରେ ତୃତୀୟ, ଲକ୍ଷ୍ନୌରେ ୧୭ରେ ଚତୁର୍ଥ ଓ ଅହମ୍ମଦାବାଦ୍‌ରେ ଡିସେମ୍ବର ୧୯ରେ ପଞ୍ଚମ ତଥା ଶେଷ ମ୍ୟାଚ୍ ଖେଳାଯିବ।

**ଘୋଷିତ ଦଳ**

ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଶୁବମନ ଗିଲ୍, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଜିତେଶ ଶର୍ମା, ଅକ୍ଷର ପଟେଲଏ ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

### ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## ମହିଳା ହକିରେ କିଟ୍‌କୁ ଐତିହାସିକ ସ୍ୱର୍ଣ୍ଣ

ଭୁବନେଶ୍ୱର, ୩।୧୨ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମହିଳା ହକି ଇଭେଣ୍ଟରେ କିଟ୍ ଐତିହାସିକ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି। ବୁଧବାର ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ ମୁକାବିଲାରେ କିଟ୍ ୧-୦ ଗୋଲ୍‌ରେ ଆଇଟିଏମ୍ ଗ୍ୱାଲିୟର ଦଳକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ସେହିଭଳି କିଟ୍ ପୁରୁଷ ଟେନିସ ଦଳ ମଧ୍ୟ ଫାଇନାଲରେ ପ୍ରବେଶ କରି ଆଉ ଏକ ପଦକ ନିଶ୍ଚିତ କରିଛି। ଦେବାଶିଷ ସାହୁ ଓ କବୀର ହାଁସଦାଙ୍କୁ ନେଇ ଗଠିତ କିଟ୍ ଟେନିସ ଟିମ୍ ସେମିଫାଇନାଲରେ ଭାରତୀୟର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ସ୍ୱର୍ଣ୍ଣ ପଦକ ଲାଗି ଫାଇନାଲରେ ମଣିପାଲ ବିଶ୍ୱବିଦ୍ୟାଳୟ ସହ କିଟ୍‌ର ମୁକାବିଲା ହେବ। ଅପରପକ୍ଷରେ ଆଥ୍‌ଲେଟିକ୍ସରେ କିଟ୍‌ର ଅଭୟ ସିଂ ବୁଧବାର ଏକ ରୌପ୍ୟ ପଦକ ଜିତିଛନ୍ତି। ବର୍ତ୍ତମାନ ସୁଦ୍ଧା କିଟ୍ ବିଶ୍ୱବିଦ୍ୟାଳୟ ଦଳ ଏହି ସମ୍ମାନଜନକ ପ୍ରତିଯୋଗିତାରେ ୬ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୮ କାଂସ୍ୟ ସହ ମୋଟ୍ ୧୬ଟି ପଦକ ବିଜୟୀ ହୋଇଯାଇଛି।



### ମହିଳା ଜୁନିଅର ହକି ବିଶ୍ୱକପ୍

## ଜର୍ମାନୀଠୁ ହାରିଲା ଭାରତ

ନୂଆଦିଲ୍ଲୀ, ୩।୧୨ (ଏଜେନ୍ସି): ଚିଲିରେ ଖେଳାଯାଉଥିବା ଏଫ୍‌ଆଇଏଚ୍ ଜୁନିଅର ମହିଳା ହକି ବିଶ୍ୱକପ୍‌ର ୧୧ତମ ସଂସ୍କରଣରେ ଭାରତ ପ୍ରଥମ ପରାଜୟବରଣ କରିଛି। ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ଜର୍ମାନୀ ୩-୧ ଗୋଲରେ ଭାରତକୁ ହରାଇଦେଇଛି। ଭାରତ ପକ୍ଷରୁ ହୀନା ବାନୋ ଶେଷ ମୁହୂର୍ତ୍ତରେ ଏକ ଗୋଲ୍ ଶୁଝିଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ପୂର୍ବରୁ ପ୍ରଥମ ମ୍ୟାଚରେ ଭାରତ ୧୩-୦ ଗୋଲରେ ନାମିବ୍ୟାକୁ ହରାଇଥିଲା। ଏବେ ଦୁଇଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ଭାରତ ୩ ପଏଣ୍ଟ ପାଇ ପୁଲ୍-ସି'ରେ ଦ୍ୱିତୀୟ ସ୍ଥାନକୁ ଖସିଯାଇଛି। କ୍ରମାଗତ ଦ୍ୱିତୀୟ ବିଜୟ ସହ ଜର୍ମାନୀ ଶୀର୍ଷକୁ ଉଠିଛି। ଭାରତ ଶେଷ ପୁଲ୍ ମ୍ୟାଚରେ ଶୁକ୍ରବାର ଆୟର୍ଲାଣ୍ଡକୁ ଭେଟିବ।

## ଆଇସିସି ର୍‍ୟାଙ୍କିଙ୍ଗ୍‌ରେ କୋହଲି ଉଠିଲେ

ଦୁବାଇ, ୩।୧୨ (ଏଜେନ୍ସି): ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ବୁଧବାର ଦିନିକିଆ ର୍‍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ସଦ୍ୟପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟିଂ ତାଲିକାରେ ଭାରତର ତାରକା ଖେଳାଳି ବିରାଟ କୋହଲି ଗୋଟିଏ ପାହାଚ ଉପରକୁ ଉଠି ୪ର୍ଥ ସ୍ଥାନ ଲାଭ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜର ପ୍ରଥମ ଦିନିକିଆରେ ଶତକ ମାରିବା ପରେ କୋହଲିଙ୍କ ଏହି ଉନ୍ନତି ଘଟିଛି। କିନ୍ତୁ କୋହଲି ବୁଧବାର ଦ୍ୱିତୀୟ ଦିନିକିଆରେ ପୁଣି ଏକ ଶତକ ହାସଲ କରିଥିବାରୁ ପରବର୍ତ୍ତୀ ସପ୍ତାହରେ ତାଙ୍କ ର୍‍ୟାଙ୍କିଙ୍ଗରେ ଆହୁରି ଉନ୍ନତି ଘଟିବା ନିଶ୍ଚିତ ହୋଇଛି।

### ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫି

## ଓଡ଼ିଶାର ଇନିଂସ ପରାଜୟ

ଭୁବନେଶ୍ୱର,୩।୧୨(ସମିସ): ଉତ୍ତରାଖଣ୍ଡଠାରୁ ଏକ ଇନିଂସ ଓ ୧୫୦ ରନ୍‌ର ବଡ଼ ବ୍ୟବଧାନରେ ଓଡ଼ିଶା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିରେ ପରାଜିତ ହୋଇଛି। ଚଳିତ ସିଜନରେ ଓଡ଼ିଶା ହ୍ୟାଟ୍ରିକ୍ ପରାଜୟ ବରଣ କରିଛି। ଉତ୍ତରାଖଣ୍ଡର କାଶିପୁରଠାରେ ଆଜି ଶେଷ ହୋଇଥିବା ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ଓଡ଼ିଶା ୧୪୬ ରନ୍ କରିଥିଲା। ଜବାବରେ ଉତ୍ତରାଖଣ୍ଡ ୯ ୱିକେଟରେ ୫୫୨ ରନ୍ କରିବା ପରେ ଇନିଂସ ସମାପ୍ତି ଘୋଷଣା କରିଥିଲା। ଦଳ ପକ୍ଷରୁ ନିଶ ପଟେଲ ସର୍ବାଧିକ ୨୦୦ ରନ୍ କରିବା ସହ ୯ମ ୱିକେଟରେ ଦେବ୍‌ଙ୍କ ସହ ୨୨୨ ରନ୍ ଯୋଡିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ସମ୍ବିତ ବେଜା ୪ଟି ଓ ପ୍ରିୟାଂଶୁ ମହାନ୍ତି ୩ଟି ୱିକେଟ ପାଇଥିଲେ। ଏହା ପରେ ଓଡ଼ିଶା ଦ୍ୱିତୀୟ ଇନିଂସରେ ମାତ୍ର ୨୫୬ ରନ୍ କରି ଅଲଆଉଟ ହୋଇଥିଲା। ବିଶ୍ୱଜିତ ପ୍ରଧାନ ୪୫ ଓ ଶ୍ରେୟାଂଶୁ ପଟ୍ଟନାୟକ ୩୯ ରନ୍ କରିଥିଲେ।

### ୫ ଦିନ ପରେ ବାରବାଟୀ ମୁକାବିଲା

## ଦ୍ୱନ୍ଦ୍ୱରେ 'ଡିଏମ୍‌ଏକ୍ସ' ଶୋ'

କଟକ,୩।୧୨(ସମିସ): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୯ରେ ଖେଳାଯିବାକୁ ଥିବା ଟି-୨୦ ମୁକାବିଲାରେ ପ୍ରଥମଥର ନିମନ୍ତେ ବାରବାଟୀରେ ଡିଏମ୍‌ଏକ୍ସ

#### ଆଜି ଟିକଟ କିଣିବେ ୨୩ ଅନୁବନ୍ଧିତ ୟୁନିଟ

ଶୋ' ହେବ ବୋଲି ଯୋଜନା କରାଯାଇଛି। ସଙ୍ଗୀତର ତାଳେତାଳେ ଫ୍ଲଡଲାଇଟ୍ ବ୍ୟବହାର ଦ୍ୱାରା ଏହି ଶୋ କରାଯିବ। ମ୍ୟାଚ୍ ପୂର୍ବରୁ ଏବଂ ଇନିଂସ୍ ମଝିରେ ଗୀତ-ଆଲୋକର ଫ୍ୟୁଜନ ଦେଖିବାକୁ ମିଳିବ। ତେବେ ଡିଏମ୍‌ଏକ୍ସ ଶୋ' ପାଇଁ ହୋଇଥିବା ଘୋଷଣାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଲାଣି। ଫ୍ଲଡଲାଇଟ୍ ତ୍ରୁଟି ଯୋଗୁଁ ଗତ ଫେବୃଆରୀରେ ଭାରତ-ଇଂଲଣ୍ଡ ଏକଦିବସୀୟ ମ୍ୟାଚ୍‌ରେ ବାରବାଟୀ ନିନ୍ଦା ମୁଣ୍ଡାଇଥିଲା। ଏଣୁ ଫ୍ଲଡଲାଇଟ୍ ଭରସାରେ ଶୋ କରାଯିବାକୁ ନେଇ ଏବେ ଓସିଏ ଚୂଡାନ୍ତ ନିଷ୍ପତ୍ତି ନେଇ ପାରୁନାହିଁ। ମ୍ୟାଚ୍ ପୂର୍ବରୁ ଦୁଇଦିନ ଡ୍ରାଏ ରନ୍ କରାଯିବ। ନଚେତ୍ ଶୋ' ବାତିଲ ହେବାର ଆଶଙ୍କା ଅଛି ବୋଲି ଓସିଏର ଜଣେ ସଦସ୍ୟ କହିଛନ୍ତି।




ବାରବାଟୀ ମୁକାବିଲାକୁ ଆଉ ୫ଦିନ ବାକି ରହିଛି। ରାଜ୍ୟର ଏହି ଏକମାତ୍ର ଅନ୍ତର୍ଜାତୀୟ କ୍ରିକେଟ ଭେନ୍ୟୁରେ ୪ର୍ଥ ଥର ଟି-୨୦ ମ୍ୟାଚ୍ ଖେଳାଯିବ। ଆଜି ଓସିଏ ସହ ଅନୁବନ୍ଧିତ ୟୁନିଟଗୁଡିକ ନିମନ୍ତେ ଟିକଟ ବିକ୍ରି କରାଯାଇଥିଲା। ବୁଧବାର ୫୦ ୟୁନିଟ ଟିକଟ କ୍ରୟ କରିଥିବା ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଅବଶିଷ୍ଟ ୨୩ ଅନୁବନ୍ଧିତ ୟୁନିଟ ସମେତ ଓସିଏ ପଦାଧିକାରୀ, ଆପେକ୍ସ କାଉନସିଲ ସଦସ୍ୟ, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଗୁରୁବାର ଟିକଟ କିଣିବେ। ଅନ୍ୟପକ୍ଷରେ ଶୁକ୍ରବାର କାଉଣ୍ଟର ଟିକଟ ବିକ୍ରି ନିମନ୍ତେ ଆଜି ଓସିଏ କାର୍ଯ୍ୟାଳୟରେ ଏକ ବୈଠକ ଡକାଯାଇଥିଲା। ପୂର୍ବରୁ ଟିକଟ ଆଶାୟୀଙ୍କ ନିମନ୍ତେ ଉଦ୍ଦିଷ୍ଟ ବ୍ୟାରିକେଡ୍‌ର ଚଉଡା ୨ଫୁଟ ରହୁଥିଲା। ଏହା ନିକଟରେ ଥିବା ସର୍ଭିସ ବ୍ୟାରିକେଡ ରହୁଥିଲା ୩ ଫୁଟ। ହେଲେ ଆଗାମୀ ମ୍ୟାଚ୍ ନିମନ୍ତେ ଜନସାଧାରଣଙ୍କ ପାଇଁ ହେବାକୁ ଥିବା ବ୍ୟାରିକେଡ ଅଢ଼େଇ ଫୁଟ ହେବ। ସର୍ଭିସ ବ୍ୟାରିକେଡକୁ ୪ ଫୁଟ୍ ଚଉଡ଼ା କରାଯିବ ବୋଲି ସ୍ଥିର ହୋଇଛି।

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୬ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS